ବର୍ଷ-୨୫, ସଂଖ୍ୟା-୧୬୨
ଭୁବନେଶ୍ୱର
୧୪, ଜୁନ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 162
Bhubaneswar
14, June, 2025 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



## ଭତ୍ତା ବୃଦ୍ଧି କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩।୬(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନଙ୍କ ଦୈନିକ ଭତ୍ତା ଓ ଗୃହରକ୍ଷୀମାନଙ୍କ ଡ୍ୟୁଟି କଲ୍-ଅପ୍ ଭତ୍ତା ବୃଦ୍ଧି ପରିମାଣ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନଙ୍କର ଦୈନିକ ଡ୍ୟୁଟି ଭତ୍ତା ପରିମାଣ ୩୧ ଟଙ୍କାରୁ ୧୫୦ ଟଙ୍କାକୁ ବୃଦ୍ଧି ହୋଇଥିବା ବେଳେ ଦୈନିକ ଟ୍ରେନିଙ୍ଗ ଭତ୍ତା ପରିମାଣ ୨୮ ଟଙ୍କାରୁ ୧୪୦ ଟଙ୍କାକୁ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ଭତ୍ତା ପରିମାଣ ପିଛିଲା ଭାବେ ୨୦୨୫ ମେ ପହିଲାଠାରୁ ଲାଗୁ ହେବ। ଓଡିଶାରେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ସଂଖ୍ୟା ୭୦୦ରୁ କମ୍ ଅଛି। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ସେହିପରି ଗୃହରକ୍ଷୀମାନଙ୍କ ଡ୍ୟୁଟି କଲ୍-ଅପ୍ ଭତ୍ତା ବୃଦ୍ଧି କରିବା ପାଇଁ ଶୁକ୍ରବାର ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ ଦୈନିକ ଡ୍ୟୁଟି କଲ୍-ଅପ୍ ଭତ୍ତା ୬୧୨ ଟଙ୍କାରୁ ୬୨୩ ଟଙ୍କାକୁ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ଭତ୍ତା ପରିମାଣ ପିଛିଲା ଭାବେ ୨୦୨୫ ଜାନୁଆରୀ ପହିଲାରୁ ଲାଗୁହେବ ।ସୂଚନାଯୋଗ୍ୟ, ଗୃହରକ୍ଷୀମାନେ ସେମାନଙ୍କ ଦୈନିକ ଭତ୍ତା ୯୦୦ ଟଙ୍କା ଲେଖା କରିବା ପାଇଁ ଦାବି କରିଥିଲେ।

## ଯାଜପୁରରେ ୮ କଲେରା ଆକ୍ରାନ୍ତ ଚିହ୍ନଟ

ଯାଜପୁର,୧୩।୬(ମହାଭାରତ): ଯାଜପୁର ଜିଲ୍ଲାରେ ଝାଡ଼ାବାନ୍ତି ରୋଗ ଅଣାୟତ୍ତ ହେବା ସହ ଏହା ମଧ୍ୟରେ କଲେରା ଆକ୍ରାନ୍ତଙ୍କ ସଂଖ୍ୟା ଚିନ୍ତାଜନକ ଭାବେ ବଢ଼ିଛି। ସଦ୍ୟତମ ରିପୋର୍ଟ ଅନୁଯାୟୀ, ୪୧ଟି ନମୁନା ପରୀକ୍ଷଣ ପରେ ୮ ଜଣଙ୍କ ରିପୋର୍ଟ କଲେରା ପଜିଟିଭ୍ ଚିହ୍ନଟ ହୋଇଛି। ଏହା ସହ ଜିଲ୍ଲାର ଚାରୋଟି ବ୍ଲକ ଓ ଦୁଇଟି ପୌରାଞ୍ଚଳରେ ଝାଡ଼ାବାନ୍ତିରେ ଆକ୍ରାନ୍ତଙ୍କ ସଂଖ୍ୟା ୭୦୦ ଅତିକ୍ରମ କରିଛି।

ଓଡ଼ିଶା ସରକାର ବର୍ଷାକାଳୀନ ରୋଗ ଯେପରିକି ହଇଜା, ଡାଇରିଆ, ଜଣ୍ଡିସ୍, ମ୍ୟାଲେରିଆ। ଏବଂ ଡେଙ୍ଗୁକୁ ରୋକିବା ଏବଂ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ତ୍ୱରାନ୍ୱିତ କରିଛନ୍ତି ।ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଅଧିକାରୀମାନେ ଜଳବାହିତ ରୋଗର ବୃଦ୍ଧି ପାଉଥିବା ମାମଲାଗୁଡ଼ିକର ମୁକାବିଲା ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ।

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡକ୍ଟର ନୀଳକଣ୍ଠ ମିଶ୍ର କହିଛନ୍ତି ଯେ ଯାଜପୁରରେ ସଂଗୃହିତ ୪୧ ଟି ମଳ ନମୁନା ମଧ୍ୟରୁ ୮ ଟି ହଇଜା ପଜିଟିଭ୍ ବୋଲି ନିଶ୍ଚିତ ହୋଇଛି ।ତଥାପି, ସେ ଆଶ୍ୱାସନା ଦେଇଛନ୍ତି ଯେ ବ୍ୟାପକ ସଚେତନତା, ପ୍ରାରମ୍ଭିକ ଚିହ୍ନଟ ଏବଂ ଚିକିତ୍ସା ଯୋଗୁଁ ପରିସ୍ଥିତି



ନିୟନ୍ତ୍ରଣରେ ଅଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏହି ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଆପ୍ରାଣ ଚେଷ୍ଟା କରୁଛି। ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ (ସିଡିଏମଓ) କହିଛନ୍ତି ଯେ, ସ୍ଥିତି ଧୀରେ ଧୀରେ ସୁଧୁରୁଛି ଏବଂ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ପରିଷ୍କାର ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ଶିକ୍ଷା, ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିଛି ।ଯାଜପୁର ଜିଲାରେ ଝାଡ଼ାବାନ୍ତି ଆତଙ୍କକୁ ନେଇ ଜିଲାରେ ଛୁଟି ବାତିଲ କରିଯାଇଛି। ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ୧୪ ତାରିଖ ରୁ ୧୬ ତାରିଖ ଯାଏଁ ଛୁଟି ବାତିଲ ହୋଇଛି ।ସ୍ଥିତିକୁ ଦୃଷ୍ଟିରେ ରଖି ଜିଲାପାଳ ଏହି ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଦିଆଯାଇଥିବା ଛୁଟି ମଧ୍ୟ ବାତିଲ ହୋଇଛି ସମସ୍ତ ସରକାରୀ ଅଫିସ ଖୋଲା ରହିବ ବୋଲି ନିର୍ଦ୍ଦେଶ ଦିଆଯାଇଛି।

ଯାଜପୁରରେ ସୋମବାର ରାତିରୁ ଆରମ୍ଭ ହୋଇଥିବା ଝାଡ଼ାବାନ୍ତି ଅଣାୟତ୍ତ ହେବାରେ ଲାଗିଛି । ଝାଡ଼ାବାନ୍ତିରେ ଆଉ ୨ଜଣଙ୍କ ମୃତ୍ୟୁ ସହ ମୋଟ ମୃତ୍ୟୁସଂଖ୍ୟା ୪ରେ ପହଞ୍ଚିଛି। ଆକ୍ରାନ୍ତଙ୍କ ସଂଖ୍ୟା ୬୦୦ ଟପିଯାଇଥିବା ବେଳେ ଦାନଗଦି ଓ ଧର୍ମଶାଳାରେ ସ୍ଥିତି ଉଦ୍‌ବେଗଜନକ ରହିଛି। ଆକ୍ରାନ୍ତଙ୍କ ମଧ୍ୟରୁ ୨୫୦ରୁ ଊର୍ଦ୍ଧ୍ୱ ରୋଗୀ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ସୂଚନା ମିଳିଛି।

ଅନ୍ୟପକ୍ଷେ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ୍ ଯାଜପୁର ଜିଲା ଗସ୍ତକରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି ଜିଲାରେ ବ୍ୟାପୁଥିବା ଡାଏରିଆର କାରଣ ଖୋଜିବା ପାଇଁ ଏକ ବିଶେଷଜ୍ଞ ଦଳ ପଠାଯାଇଛି। ଏଥିରେ ଆଇଡିଏସପିର ଇଭେଣ୍ଟ ଡାଇରେକ୍ଟର, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କର୍ମକର୍ତ୍ତା ଓ ଅନ୍ୟ କର୍ମକର୍ତ୍ତା ସାମିଲ ହୋଇଛନ୍ତି। ଏହି ଟିମ୍ ଯାଜପୁର ଜିଲାର ବିଭିନ୍ନ ଗ୍ରାମ ପରିଦର୍ଶନ କରି ସେଠାକାର ସ୍ୱାସ୍ଥ୍ୟ ସୁବିଧା ବିଷୟରେ ପଚାରି ବୁଝିଛନ୍ତି।

ଜିଲାର ଯେଉଁ ଲୋକମାନେ ଚିକିତ୍ସାଳୟରେ ପହଞ୍ଚି ପାରୁନାହାନ୍ତି। ସେମାନଙ୍କ ନିକଟକୁ ମୋବାଇଲ୍ ହେଲପ ୟୁନିଟ୍‌କୁ ପଠାଯିବାର ବ୍ୟବସ୍ଥା କରାଯାଇଛି। ଅଧିକ ମାତ୍ରାରେ ରୋଗୀ ଚିହ୍ନଟ ହେଲେ ଜିଲା ବାହାରୁ ଟିମ୍ ନିୟୋଜିତ କରାଯିବ ବୋଲି ସ୍ୱାସ୍ଥ୍ୟ ସଚିବ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ପଞ୍ଚାୟତର ଜଳଉତ୍ସଗୁଡିକୁ ପ୍ରତିସଂକ୍ରମଣ କରାଯିବ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କୋରେଇ, ବ୍ୟାସନଗର ଓ ଧର୍ମଶାଳା ଅଞ୍ଚଳରୁ ଅଧିକାଂଶ ରୋଗୀ ଚିକିତ୍ସା ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ବେଳେ ଯାଜପୁର ଅଞ୍ଚଳର କିଛି ଆକ୍ରାନ୍ତ ରୋଗୀ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

## ୩୮୭୮ କୋଟିର ୧୭ ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର,୧୩।୬(ମହାଭାରତ): ରାଜ୍ୟ ସରକାର ସିଙ୍ଗିଲ ୱିଣ୍ଡୋ କ୍ଲିୟରାନ୍ସ ବୈଠକରେ ୧୭ଟି ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟରେ ୩୮୭୮.୮୬ କୋଟିର ପୁଞ୍ଜି ନିବେଶକୁ ମଞ୍ଜୁରୀ ମିଳିଛି। ୧୧ଟି ଜିଲ୍ଲାରେ ୧୭ଟି ପ୍ରକଳ୍ପ ନିର୍ମାଣ ହେବ। ଫଳରେ ୧୦ ହଜାର ୫୮୪ ନିଯୁକ୍ତି ସୃଷ୍ଟି ହେବ। ପ୍ଲାଷ୍ଟିକ, ଟେକ୍ସଟାଇଲ, ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜି ନିବେଶ ହେବ।

ପ୍ଲାଷ୍ଟିକ କ୍ଷେତ୍ରରେ ୬ଟି ପ୍ରମୁଖ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଯେଉଁଥିରେ ଖୋର୍ଦ୍ଧାରେ ୬୫୦.୨୩ କୋଟି ଟଙ୍କା ବ୍ୟୟରେ ରିସାଇକ୍ଲିଂ ଫ୍ଲେକ୍ସ ଆଣ୍ଡ ପେଲେଟ୍ ତିଆରି କାରଖାନା ରହିଛି। ଏହାଦ୍ୱାରା ୬୦୦ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ଖୋର୍ଦ୍ଧାରେ ଏମଏଏସ୍ ଇଣ୍ଡିଆ କ୍ଲୋଥିଂ ପ୍ରାଇଭେଟ୍ ଲିମିଟେଡ୍ ଟେକ୍ସଟାଇଲ୍ ପ୍ରୋସେସିଂ ମିଲ୍ ପାଇଁ ୮୮୫ କୋଟି ଟଙ୍କା ନିବେଶ କରିବ ଓ ୧୭୦୦ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସେହିପରି ଭୁବନେଶ୍ୱର ଲଗିପାର୍କ ପ୍ରାଇଭେଟ୍ ଲିମିଟେଡ ୨୧୮.୮୦ କୋଟି ଟଙ୍କା ବ୍ୟୟରେ ଲଜିଷ୍ଟିକସ ପାର୍କ ନିର୍ମାଣ କରିବ ଓ ଏଥିରେ ୨୭୦୦ ନୂଆ ନିଯୁକ୍ତିର ସମ୍ଭାବନା ରହିଛି। ସେହିପରି, ହେରସ ଟେକ୍ନୋଲୋଜିସ ଇଣ୍ଡିଆ ପ୍ରା:ଲି: ଖୋର୍ଦ୍ଧାରେ ଏକ ମେଟାଲର୍ଜିକାଲ୍ ସେନ୍ସର୍ ଉତ୍ପାଦନ କେନ୍ଦ୍ର ପାଇଁ ୧୮୮.୪୬ କୋଟି ଟଙ୍କା ନିବେଶ କରିବ ଓ ୪୦୦ ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଆଡସଫ୍ଟ ଟେକ୍ନୋଲୋଜିସ୍ ପ୍ରା:ଲି: ୧୧୨ କୋଟି ଟଙ୍କା ବ୍ୟୟରେ କଟକରେ ଏକ ଏଲଇଡି ଟିଭି ଓ ଆଇଓଟି ଯନ୍ତ୍ର ଉତ୍ପାଦନ କେନ୍ଦ୍ର ସ୍ଥାପିତ କରିବ, ଯାହା ମାଧ୍ୟମରେ ୩୩୦ ଜଣ ନିଯୁକ୍ତିର ସୁଯୋଗ ପାଇବେ। ସେହିପରି, ସମଲେଶ୍ୱରୀ ଫେରୋମେଟାଲ୍ସ ପ୍ରା:ଲି: ସମ୍ବଲପୁରରେ ଥିବା ସ୍ପଞ୍ଜ ଆଇରନ କାରଖାନାର ସମ୍ପ୍ରସାରଣ ନିମନ୍ତେ ୪୦୦କୋଟି ଟଙ୍କା ନିବେଶ କରିବ ଓ ଏହାଦ୍ୱାରା ଅତିରିକ୍ତ ୩୫୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ଜଣାପଡ଼ିଛି। ରାଜ୍ୟରେ ବେକାରୀ ସଂଖ୍ୟା ବଢିବାରେ ଲାଗିଛି। ଆବଶ୍ୟକତା ଅନୁସାରେ କଳକାରଖାନା ଓ ଶିଳ୍ପର ଅଭାବ ଦେଖାଯାଇଛି। ଓଡ଼ିଶାର ଯୁବପିଢ଼ି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ରାଜ୍ୟରେ କଳକାରଖାନା ଗଢ଼ି ଉଠିଲେ ଯୁବପିଢ଼ିଙ୍କୁ ରୋଜଗାର ମିଳିପାରିବ। ବାହାର ରାଜ୍ୟକୁ ଯାଇ ସେଠାକାର ମାଲିକମାନଙ୍କ ଠାରୁ ଓଡ଼ିଆ ଯୁବକଯୁବତୀଙ୍କୁ ନିର୍ଯାତନାର ଶିକାର ହେବାକୁ ପଡ଼ିବ ନାହିଁ।

# ଓଡିଶାର ନାରୀ ଶକ୍ତିକୁ ଆମର ସବୁଠାରୁ ଶ୍ରେଷ୍ଠ ଶକ୍ତି କରି ଗଢିତୋଳିବା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩।୬(ମହାଭାରତ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା କଟକର ବାଲିଯାତ୍ରା ପଡ଼ିଆ ଠାରେ ଆଜି ରାଜ୍ୟସ୍ତରୀୟ ନାରୀ ଶକ୍ତି ସମାବେଶ ଆୟୋଜିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ କହିଛନ୍ତି ଯେ, ନାରୀଙ୍କୁ ସମ୍ମାନ ପ୍ରଦାନ କରିବା ଆମ ରାଜନୈତିକ ପ୍ରଶିକ୍ଷଣର ପ୍ରଥମ ଶିକ୍ଷା ଏହି ସମାବେଶର ଏକମାତ୍ର ଉଦ୍ଦେଶ୍ୟ ହେଉଛି, ଓଡିଶାର ନାରୀ ଶକ୍ତିକୁ ଆମର ସବୁଠାରୁ ଶ୍ରେଷ୍ଠ ଶକ୍ତି କରି ଗଢିତୋଳିବା।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାର ଏକ ବର୍ଷ ପୂରଣ ପରେ ଦ୍ୱିତୀୟ ବର୍ଷର ପ୍ରଥମ କାର୍ଯ୍ୟକ୍ରମ ହେଉଛି, ଆମର ଏହି ନାରୀ ଶକ୍ତି ସମାବେଶ କାରଣ, ଆମେ ବିଶ୍ୱାସ କରୁ ଯେ ଯେତେ ପର୍ଯ୍ୟନ୍ତ ରାଜ୍ୟର ଅଧା ଜନସଂଖ୍ୟାର ବିକାଶ ହୋଇ ନାହିଁ, ରାଜ୍ୟ କେବେ ବି ବିକଶିତ ହୋଇ ପାରିବ ନାହିଁ ଐତିହାସିକ ସହର କଟକଠାରେ ଏହିକାର୍ଯ୍ୟକ୍ରମର ଶୁଭାରମ୍ଭ ଓଡିଶାର ମାଆ ଓ ଭଉଣୀମାନଙ୍କ ପାଇଁ ଏକ ସୁବର୍ଣ୍ଣ ଯୁଗ ଆଣିବ ବୋଲି ମୁଁ ଦୃଢ ନିଶ୍ଚିତ। ନାରୀ ମାନଙ୍କ ସଶକ୍ତିକରଣ ପାଇଁ ଆମର ସବୁଠୁ ଯୁଗାନ୍ତକାରୀ ଯୋଜନା ହେଉଛି ସୁଭଦ୍ରା ଯୋଜନା ସୁଭଦ୍ରା ଯୋଜନା ହେଉଛି ଓଡିଶାର ଇତିହାସରେ ସବୁଠାରୁ ବଡ ମହିଳା କଲ୍ୟାଣ କାର୍ଯ୍ୟକ୍ରମ କେବଳ ମହିଳା ନୁହେଁ ଏତେ ବୃହତ ସାମାଜିକ କଲ୍ୟାଣକାରୀ ଯୋଜନା ପୂର୍ବରୁ କରାଯାଇ ନ ଥିଲା ଆମ ସରକାର ଓଡିଶାର ପ୍ରତ୍ୟେକ ଗାଁ, ପ୍ରତ୍ୟେକ ପରିବାର ସହିତ ସଂଯୋଗ କରି ତଥ୍ୟ ସଂଗ୍ରହ କରିଛନ୍ତି ଘରକୁ ଘର ବୁଲି, ଆମେ ଅଧିଂକାଶ ପରିବାର ସହିତ ଯୋଗାଯୋଗ କରିଛୁ ବିଶେଷ କରି ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଯେଉଁଠାରେ ମା ମାନେ ଏତେ ସଚେତନ ନୁହନ୍ତି, ସେଠାରୁ ତଥ୍ୟ ଅଣାଯାଇ ସେମାନଙ୍କୁ ଏହି ଯୋଜନାରେ ଯୋଡାଯାଇଛି ସୁଭଦ୍ରା ଯୋଜନାର ସଫଳତା ଆମ ବଳିଷ୍ଠ ସଂକଳ୍ପର ଏକ ପ୍ରକୃଷ୍ଟ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ କହିଥିଲେ ଯେ, ଓଡିଶାର ବିଭିନ୍ନ ଅଞ୍ଚଳରେ ଅନେକ ମା'ମାନେ ସୁଭଦ୍ରା ସହାୟତାକୁ ଏକାଠି କରି ବିଭିନ୍ନ ପ୍ରକାର ଅର୍ଥନୈତିକ କାରବାର, ମିଳିତ କୃଷି କାର୍ଯ୍ୟ କରି ନିଜ ପରିବାରପାଇଁ ଭଲ ରୋଜଗାର କରୁଛନ୍ତି ଏହି ସୁଭଦ୍ରା ସହାୟତା ହେଉଛି




ମାଆ ମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବାର ଏକ ଲମ୍ବା ଯାତ୍ରା। ମହିଳାଙ୍କୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଜୀ ଲକ୍ଷପତି ଦିଦି ଯୋଜନାର ପରିକଳ୍ପନା କରିଥିଲେ। ଏହା ଆମ ରାଜ୍ୟ ପାଇଁ, ବିଶେଷ ଭାବେ ଆମ ରାଜ୍ୟର ମା'ମାନଙ୍କ ପାଇଁ ଖୁସିର ବିଷୟ ଯେ ଓଡ଼ିଶା ବର୍ତ୍ତମାନ ଲକ୍ଷପତି ଦିଦି ସୃଷ୍ଟି କରିବାରେ ସମଗ୍ର ଭାରତରେ ପ୍ରଥମ ସ୍ଥାନରେ ଅଛି। ଆମେ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିଛୁ।

ସେ ପୁଣି କହିଥିଲେ ଯେ, ଚଳିତ ବର୍ଷ ରାଜ୍ୟର ସମସ୍ତ ସରକାରୀ ବିଭାଗ ମିଳିତ ଭାବରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୩,୬୯୫ କୋଟି ଟଙ୍କାର ବ୍ୟବସାୟିକ ସୁଯୋଗ ପ୍ରଦାନ କରିଛନ୍ତି। ଏହା ଆମ ରାଜ୍ୟର ଇତିହାସରେ ସର୍ବକାଳୀନ ରେକର୍ଡ ୩.୦୭ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରାୟ ୩୦୦ କୋଟି ଟଙ୍କାର ସୁଧ ଫେରସ୍ତ କରାଇ ସେମାନଙ୍କର ଆର୍ଥିକ ସ୍ୱପ୍ନକୁ ସାକାର କରିବାରେ ସହାୟକ ହୋଇଛୁ। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ମାଧ୍ୟମରେ ଆମେ ମହିଳା ଓ ପିଲାମାନଙ୍କ ସୁସ୍ଥ ଭବିଷ୍ୟତ ପାଇଁ ଆବଶ୍ୟକ ପୁଷ୍ଟିକର ଖାଦ୍ୟ ଯୋଗାଇଦେବାର ବ୍ୟବସ୍ଥା କରୁଛୁ ମହିଳା ସଶକ୍ତିକରଣ ଆମ ପାଇଁ ଏକ ସ୍ଲୋଗାନ ନୁହେଁ ଚଳିତ ବର୍ଷ ବଜେଟରେ କେବଳ ମହିଳାଙ୍କ ପାଇଁ ୮୯ ହଜାର ୮୬୧ କୋଟି ଟଙ୍କାର ପ୍ରାବଧାନ ମହିଳାଙ୍କ ପାଇଁ ଆମର ପ୍ରତିବଦ୍ଧତା ମହିଳା ସଶକ୍ତିକରଣରେ ଓଡିଶା ଦେଶର ଏକ ମଡେଲ ରାଜ୍ୟ ଭାବରେ ଅନ୍ୟ ରାଜ୍ୟ ମାନଙ୍କ ପାଇଁ ପ୍ରେରଣା ହେବ।

ନିଜ ବକ୍ତବ୍ୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ନାରୀ ଶକ୍ତିର ଅମୃତ ଚେତନାରେ ଉଦ୍ଦୀପିତ ହୋଇ ଏକ ବିକଶିତ, ସମୃଦ୍ଧ ଏବଂ ଗର୍ବିତ ଓଡ଼ିଶା ଗଢ଼ିବା ପାଇଁ ସଂକଳ୍ପ ନେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅଭିଭାଷଣ ରଖି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି ଯେ, ଆଜିର ଏହି ଉତ୍ସବ କେବଳ ସମ୍ମାନର ନୁହେଁ, ବରଂ ଓଡ଼ିଶାକୁ ଏକ ସମାନତା, ସମୃଦ୍ଧି ଓ ପ୍ରଗତିର ରାଜ୍ୟ ଭାବେ ଗଠନ କରିବାର ସଂକଳ୍ପ ଉତ୍ସବ। ମୁଁ ଆପଣ ସମସ୍ତଙ୍କୁ କଥା ଦେଉଛି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସୁଭଦ୍ରା ସହାୟତା ଓ ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟଶୈଳୀକୁ ଆହୁରି ତ୍ୱରାନ୍ୱିତ କରି ଆଗାମୀ ବର୍ଷରେ ଆମେ ପ୍ରତି ପରିବାରର ଜଣେ ଲକ୍ଷପତି ଦିଦି ଓ ପ୍ରତି ପଞ୍ଚାୟତରେ ଜଣେ କରୋଡ଼ ପତି ଦିଦି ସୃଷ୍ଟି କରିବୁ ।

ଏହି ଅବସରରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପୋଷଣ ଅଭିଯାନରେ ତୃଣମୂଳ ସ୍ତରରୁ ରାଜ୍ୟସ୍ତରର ବିଭିନ୍ନ ଲିଖିତ ଓ ଫଟୋ ଚିତ୍ର ସମ୍ବଳିତ ଏକ କଫି ଟେବୁଲ ବୁକ ମୁଖ୍ୟମନ୍ତ୍ରୀ ଓ ସମସ୍ତ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏଥିସହିତ ମହିଳା ସଶକ୍ତିକରଣ ବିଭାଗ ଦ୍ୱାରା ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମହିଳା ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ବଡମ୍ବା ବିଧାୟକ ବିଜୟ ଦଳବେହେରା, ନିଆଳି ବିଧାୟକ ଛବି ମଲ୍ଲିକ୍, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଓ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରମୁଖ ମଂଚାସୀନ ଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶିକା ଶ୍ରୀମତୀ ମୋନିଷା ବାନାର୍ଜୀ ଧନ୍ୟବାଦ ଦେଇଥିଲେ।

# ଛାତରୁ ମିଳିଲା ବ୍ଲାକ୍ ବକ୍ସ

ଅହମ୍ମଦାବାଦ,୧୩।୫(ମହାଭାରତ): ଅହମ୍ମଦାବାଦରେ ଘଟିଥିବା ବିମାନ ଦୁର୍ଘଟଣାର ତଦନ୍ତ ଜାରି ରହିଛି। ଫରେନସିକ୍ ବିଶେଷଜ୍ଞମାନେ ଆଜି ଦୁର୍ଘଟଣାସ୍ଥଳ ପରିଦର୍ଶନ କରି ପରୀକ୍ଷାନିରୀକ୍ଷା କରିଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଘଟଣାସ୍ଥଳରୁ ଏକ ବ୍ଲାକ ବକ୍ସ ଉଦ୍ଧାର କରାଯାଇଛି। ଅନୁସନ୍ଧାନକାରୀମାନେ ଦୁର୍ଘଟଣା ସ୍ଥଳରୁ ଡିଜିଟାଲ୍ ଫ୍ଲାଇଟ୍ ଡାଟା ରେକର୍ଡର୍ ମଧ୍ୟ ଉଦ୍ଧାର କରିଛନ୍ତି। ଏହା ପୂର୍ବରୁ, ଗୁଜରାଟ ଆତଙ୍କବାଦ ବିରୋଧୀ ସ୍କ୍ୱାଡ (ଏଟିଏସ୍) ସେହି ସ୍ଥାନରୁ ଏକ ଡିଜିଟାଲ୍ ଭଏସ୍ ରେକର୍ଡର୍ ଉଦ୍ଧାର କରିଥିଲା। ସେହିପରି ଭୟଙ୍କର ବିମାନ ଦୁର୍ଘଟଣା ପରେ ବେସାମରିକ ବିମାନଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ଙ୍କ ପକ୍ଷରୁ ବୋଇଂ ୭୮୭-୮/୯ ବିମାନର ସୁରକ୍ଷା ଯାଞ୍ଚ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଜାରି କରିଛି।



ଦୁର୍ଘଟଣାର ସଠିକ୍ କାରଣ ଜଣାପଡିନାହିଁ, କାରଣ ଫରେନସିକ୍ ବିଶ୍ଳେଷଣ ଏବଂ ଅଧିକ ବୈଷୟିକ ପରୀକ୍ଷାକୁ ଅପେକ୍ଷା କରାଯାଇଛି। ଏହି ଦୁଃଖଦ ଘଟଣା ପରେ, ଆଖପାଖ ଅଞ୍ଚଳର ଅନେକ ସ୍ଥାନୀୟ ବାସିନ୍ଦା ନିଖୋଜ ଥିବା ସୂଚନା ମିଳିଛି। ବର୍ତ୍ତମାନ ସେମାନଙ୍କୁ ଖୋଜିବା ପାଇଁ ସର୍ଚ୍ଚ ଅପରେସନ ଜାରି ରହିଛି ।ଏହି ଘଟଣାରେ ମେଘନା ନଗର ପୋଲିସ ଷ୍ଟେସନରେ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ଏତଲା ପଞ୍ଜିକୃତ ହୋଇଛି। ଇତି ମଧ୍ୟରେ ମୃତକଙ୍କ ପରିବାରକୁ ୭ରୁ ଅଧିକ ମୃତଦେହ ହସ୍ତାନ୍ତର କରାଯାଇଥିବା ବେଳେ ଚିହ୍ନଟରେ ସହାୟତା କରିବା ପାଇଁ ୨୦୦ରୁ ଅଧିକ ଡିଏନଏ ନମୁନା ସଂଗ୍ରହ କରାଯାଇଛି।

ଭୟଙ୍କର ବିମାନ ଦୁର୍ଘଟଣା ପରେ ବେସାମରିକ ବିମାନଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ଙ୍କ ପକ୍ଷରୁ ବୋଇଂ ୭୮୭-୮/୯ ବିମାନର ସୁରକ୍ଷା ଯାଞ୍ଚ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଜାରି କରିଛି। ଏହି ନୂତନ ନିର୍ଦ୍ଦେଶ ୧୫ ଜୁନ୍ ୨୦୨୫ ରାତି ୧୨ଟାରୁ କାର୍ଯ୍ୟକାରୀ ହେବ। ଉଡ଼ାଣ ପୂର୍ବରୁ ଅନେକ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ଯାଞ୍ଚ ପାଇଁ ଡିଜିସିଏ ନିର୍ଦ୍ଦେଶ ଦେଇଛି।

ଡିଜିସିଏ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ, ଉଡ଼ାଣ ପୂର୍ବରୁ ଇନ୍ଧନ ପାରାମିଟର ମନିଟରିଂ ଏବଂ ସମ୍ବନ୍ଧିତ ସିଷ୍ଟମ ଯାଞ୍ଚ କରାଯିବ। ଏହା ବ୍ୟତୀତ, କ୍ୟାବିନ ଏୟାର କମ୍ପ୍ରେସର, ଇଲେକ୍ଟ୍ରୋନିକ୍ ଇଞ୍ଜିନ୍ କଣ୍ଟ୍ରୋଲ ସିଷ୍ଟମ, ଇଞ୍ଜିନ୍ ଫୁଏଲ ଡ୍ରିଭେନ ଆକ୍ଟୁଏଟର, ହାଇଡ୍ରୋଲିକ୍ ସିଷ୍ଟମର ସେବାଯୋଗ୍ୟତା ଏବଂ ଉଡ଼ାଣ ପାରାମିଟରଗୁଡ଼ିକର କାର୍ଯ୍ୟକ୍ଷମତା ପରୀକ୍ଷା ଓ ସମୀକ୍ଷା କରାଯିବ।

ଡିଜିସିଏ କହିଛି ଯେ ଏବେ ଟ୍ରାଞ୍ଜିଟ୍ ଯାଞ୍ଚରେ ଉଡ଼ାଣ ନିୟନ୍ତ୍ରଣ ଯାଞ୍ଚ ବାଧ୍ୟତାମୂଳକ ହେବ। ଯାହା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ। ସେହି ସମୟରେ, ବିଦ୍ୟୁତ ନିଶ୍ଚିତତା ଯାଞ୍ଚ ଦୁଇ ସପ୍ତାହ ମଧ୍ୟରେ କରିବାକୁ ପଡିବ। ଗତ ୧୫ ଦିନ ମଧ୍ୟରେ ବାରମ୍ବାର ବୈଷୟିକ ସମସ୍ୟାର ସମୀକ୍ଷା ଆଧାରରେ, ଡିଜିସିଏ ଯଥାଶୀଘ୍ର ରକ୍ଷଣାବେକ୍ଷଣ କାର୍ଯ୍ୟ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଛି ।ଗୁରୁବାର ଅହମ୍ମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆର ବୋଇଂ ୭୮୭ ଡ୍ରିମଲାଇନର ବିମାନ ଟେକଅଫର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନରେ ୨୩୦ ଜଣ ଯାତ୍ରୀ ଏବଂ ୧୨ ଜଣ କ୍ରୁ ସଦସ୍ୟ ଥିଲେ। ଏହି ଦୁର୍ଘଟଣାରେ ୨୪୧ ଜଣଙ୍କର ମୃତ୍ୟୁ ହୋଇଛି। ଚଜଣେ ଯାତ୍ରୀ ଚମତ୍କାର ଭାବରେ ବଞ୍ଚିଯାଇଛନ୍ତି । ତାଙ୍କର ଚିକିତ୍ସା ଚାଲିଛି ।ଦୁର୍ଘଟଣା ପରେ ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ସଂସ୍ଥାର ଅଧିକାରୀମାନେ ଶୁକ୍ରବାର ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

## ଏୟାର ଇଣ୍ଡିଆବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ,୧୩।୬(ମହାଭାରତି): ଜୁନ ୧୨ ତାରିଖ ଅପରାହ୍ନରେ ଅହମଦାବାଦରେ ଏୟାର ଇଣ୍ଡିଆର ଏଆଇ ବିମାନ ୧୭୧ ଦୁର୍ଘଟଣାଗ୍ରସ୍ତ ହେବାରୁ ୨୪୧ ଜଣଙ୍କ ମୃତ୍ୟୁ ହୋଇଥିବାର ଦୁଃଖର ଖବର ସାମ୍ନାକୁ ଆସିଥିବା ବେଳେ ଶୁକ୍ରବାର ୧୫୬ଜଣ ଏୟାର ଇଣ୍ଡିଆ ବିମାନ ଯାତ୍ରୀଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଛି। ଥାଇଲ୍ୟାଣ୍ଡର ଫୁକେଟରେ ଏୟାର ଇଣ୍ଡିଆର ବିମାନ ଏଆଇ ୩୭୯ ବିମାନକୁ ଜରୁରୀକାଳୀନ ଅବତରଣ କରିବାକୁ ପଡ଼ିଛି। ଜୁନ ୧୩ ତାରିଖରେ ଏହି ବିମାନଟି ଫୁକେଟରୁ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ବେଳେ ଏଥିରେ ବୋମା ଧମକ ମିଳିଥିଲା।

ରଜ ପର୍ବ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ରଜ ପର୍ବ ଓଡ଼ିଶାରେ ପାଳନ କରାଯାଉଥିବା କୃଷିଭିତ୍ତିକ ପର୍ବମାନଙ୍କ ମଧ୍ୟରେ ଅନ୍ୟତମ ଶ୍ରେଷ୍ଠ ପର୍ବ। ଆମ ଓଡ଼ିଆ ସଂସ୍କୃତିର ଏକ ନିଚ୍ଛକ ମହାନ୍ ପର୍ବ। ଧରିତ୍ରୀ ମାତାର ଉପାସନା ସହିତ ଘରେ ଘରେ ଆନନ୍ଦ ଉଲ୍ଲାସରେ ଏହି ପର୍ବ ପାଳନ କରାଯାଇଥାଏ। ଏହି ଅବସରରେ ଚାଷୀକୂଳଙ୍କ ସୁଖ ଓ ସମୃଦ୍ଧି କାମନା କରିବା ସହିତ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0697/2526 DADLS-31

## ବ୍ରେଡ ମଲାଈ ରୋଲ

ଆବଶ୍ୟକୀୟ ସାମଗ୍ରୀ : ଗୋଟିଏ ଚାମଚ ଲହୁଣୀ, କ୍ଷୀର ଗୋଟେ କପ, ୨ଚାମଚ କ୍ରିମ, ୨କପ ମିଲ୍କ ପାଉଡର, ଚିନି ଏକ କପ, ଗୁଜୁରାତି ପାଉଡର ଏକ ଚାମଚ,ବ୍ରେଡ ପିସ ୪ଟି, କାଜୁ ୪ଟି, ବାଦାମ ୪ଟି, କେଶର ଯୁକ୍ତ କ୍ଷୀର ୨ଚାମଚ, ଚେରି।

ପ୍ରସ୍ତୁତ ପ୍ରଣାଳୀ: ଏକ ତାୱା ଗରମ କରି ସେଥିରେ ଏକ କପ କ୍ଷୀର, କ୍ରମି, ଏକ ଚାମଚ ଲହୁଣୀ ଦିଅନ୍ତୁ। ଭଲ ଭାବେ ହଲାଇ ମିଶାଇ ଦିଅନ୍ତୁ। ଏବେ ସେଥିରେ କିଛି ମିଲ୍କ ପାଉଡର ଦିଅନ୍ତୁ ଓ ଭଲ ଭାବେ ମିଶାଇ ଦିଅନ୍ତୁ। ମିଶ୍ରଣଟି ବହଳିଆ ହେବା ପରେ ତାକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଏବେ ଏକ କଡାଇରେ ଏକ କପ କ୍ଷୀର ଗରମ କରନ୍ତୁ। ସେଥିରେ ବଳକା ଥିବା କ୍ରିମ ଦିଅନ୍ତୁ। ଏବେ ସେଥିରେ ଚିନି ଦିଅନ୍ତୁ। ଚିନି ଯେମିତି ଭଲ ଭାବେ ମିଶିଯିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଏବେ ସେଥିରେ ଗୁଜୁରାତି ଗୁଣ୍ଡ ଦିଅନ୍ତୁ। ଏବେ ବ୍ରେଡ ସ୍ଲାଇସ ନିଅନ୍ତୁ ଓ ତାର ଚାରି ପାଖରେ ଟ୍ରିମିଙ୍ଗ ରୋଲ କରନ୍ତୁ। ଏକ ଚାମଚ ମାବା ପେଷ୍ଟ ଓ କଟା ଯାଇଥିବା କାଜୁ ଓ ବାଦାମ ଭଲ ଭାବେ ଲଗାନ୍ତୁ। ଏବେ ତାକୁ ମୋଡି ଏକ ଟାଇମ ରୋଲ ପ୍ରସ୍ତୁତ କରନ୍ତୁ। ଏବେ ଏହି ରୋଲ ଗୁଡିକୁ ଧୀରେ ଧୀରେ କ୍ଷୀରରେ ପକାନ୍ତୁ। ପ୍ରସ୍ତୁତ ହେବା ପରେ ଭଲ ଭାବେ ଥଣ୍ଡା କରି ଦିଅନ୍ତୁ। ଥଣ୍ଡା ହେବା ପରେ ପରଷନ୍ତୁ।



ଖବର

# ମହୁମାଛି ପାଇଁ ହୃଦଘାତ, ସଞ୍ଜୟ କପୁରଙ୍କ ଦେହାନ୍ତ



ବଲିଉଡ୍ ଅଭିନେତ୍ରୀ କରିସ୍ମା କପୁରଙ୍କ ପୂର୍ବତନ ସ୍ୱାମୀ ତଥା ଶିଳ୍ପପତି ସଞ୍ଜୟ କପୁରଙ୍କ ମୃତ୍ୟୁ ଘଟିଛି। ହୃଦଘାତ ଯୋଗୁ ତାଙ୍କର ଦେହାନ୍ତ ହୋଇଛି। ସଞ୍ଜୟ ଲଣ୍ଡନରେ ରହୁଥିଲେ। ତାଙ୍କୁ ୫୩ ବର୍ଷ ହୋଇଥିଲା। ତାଙ୍କ ବ୍ୟାବସାୟିକ ପରାମର୍ଶଦାତା ସୁହେଲ ସେଠ୍ ସଞ୍ଜୟଙ୍କ ମୃତ୍ୟୁ ନେଇ ସ୍ପଷ୍ଟ କରିଛନ୍ତି। ମହୁମାଛି ପାଇଁ ତାଙ୍କର ହୃଦଘାତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଗତ ଗୁରୁବାର ଘୋଡ଼ାଦୌଡ଼ ପ୍ରତିଯୋଗିତାରେ ସଞ୍ଜୟ ଭାଗ ନେଇଥିଲେ। ଘୋଡ଼ା ଦୌଡ଼ କରୁଥିବା ସମୟରେ ତାଙ୍କ ପାଟି ଭିତରେ ଏକ ମହୁମାଛି ପଶିଯାଇଥିଲା, ଯାହାକୁ ଭୁଲବଶତଃ ସଞ୍ଜୟ ଗିଳିଦେଇଥିଲେ। ଏହା ପରେ ତାଙ୍କୁ ହୃଦଘାତ ହୋଇଥିଲା। ବୋଧହୁଏ ଶରୀରର ଆଭ୍ୟନ୍ତରରେ ମହୁମାଛି ଦଂଶିବାରୁ ହୃଦଘାତ ହୋଇଥିବା କୁହାଯାଉଛି। ତୁରନ୍ତ ତାଙ୍କର ଚିକିତ୍ସା କରାଯାଇଥିଲେ ହେଁ ଡାକ୍ତରମାନେ ତାଙ୍କ ଜୀବନ ରକ୍ଷା କରିପାରି ନ ଥିଲେ।ଏହି ଘଟଣା ପରେ କରିସ୍ମା କପୁର ଏବଂ ତାଙ୍କ ପରିବାରରେ ଶୋକର ଛାୟା ଖେଳିଯାଇଛି। ମୁମ୍ବଇରେ କରିସ୍ମା ରହୁଥିବାବେଳେ ଗୁରୁବାର ରାତିରେ ଭଉଣୀ କରୀନା କପୁର ଏବଂ ତାଙ୍କ ସ୍ୱାମୀ ସୈଫଅଲ୍ଲୀ ଖାନ କରିସ୍ମାଙ୍କ ଘରେ ପହଞ୍ଚି ତାଙ୍କୁ ସାନ୍ତ୍ୱନା ଜଣାଇଛନ୍ତି।

## ସୁସ୍ଥ ମାଢ଼ି ସ୍ୱସ୍ଥ ମୁଖ

ମୁଖ ପରିଚ୍ଛନ୍ନତା କଥା ଉଠିଲେ ସାଧାରଣତଃ ଦାନ୍ତ ହିଁ ଦୃଷ୍ଟି ଆକର୍ଷଣ କରିଥାଏ। ତେବେ ପାଟିର ଏକ ସମାନ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ମାଢ଼ିୟ ତେଣୁ ତା' ପ୍ରତି ଉପଯୁକ୍ତ ଧ୍ୟାନ ଦେବାକୁ ଦନ୍ତ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି। ଆମର ମାଢ଼ି କେବଳ ଆମ ଦାନ୍ତକୁ ଘେରି ରହିଥିବା ଗୋଲାପୀ ତନ୍ତୁ ନୁହେଁ, ଏହା ଏକ ଜୀବନ୍ତ ଓ ଶ୍ୱାସକ୍ରିୟାଶୀଳ ଗଠନ। ମାଢ଼ି ଦାନ୍ତର ମୂଳ ଏବଂ ଦାନ୍ତକୁ ଠିକ୍ ସ୍ଥାନରେ ଧରି ରଖୁଥିବା ହାଡ଼କୁ ସୁରକ୍ଷା ଦିଏୟ ସୁସ୍ଥ ମାଢ଼ି ଦାନ୍ତ ଚାରିପାଖରେ ଏକ ସଙ୍କୁଚିତ ଆବରଣ ସୃଷ୍ଟି କରେ, ଯାହା ଜୀବାଣୁ ଏବଂ ଖାଦ୍ୟ କଣିକାଗୁଡ଼ିକୁ ଚର୍ମ ଅଭ୍ୟନ୍ତରକୁ ଯିବାରୁ ରୋକିଥାଏ ଏବଂ ସମଗ୍ର ଦାନ୍ତ ସ୍ୱାସ୍ଥ୍ୟକୁ ଅକ୍ଷୁଣ୍ଣ ରଖିଥାଏ। ଅଧିକାଂଶ ଲୋକ ସାଧାରଣତଃ ଦାନ୍ତ ଘଷିବା ସମୟରେ ରକ୍ତସ୍ରାବ, ଫୁଲା, ସମ୍ବେଦନଶୀଳତା, କିମ୍ବା ଲଗାତାର ଦୁର୍ଗନ୍ଧ ହେଲା ଭଳି ଅସ୍ୱସ୍ତି ଲାଗିଲେ ହିଁ ମାଢ଼ି ପ୍ରତି ଧ୍ୟାନ ଦେବା ଆରମ୍ଭ କରନ୍ତି। ପାଟି ଶରୀରର ଅନ୍ୟାନ୍ୟ ଅଂଶକୁ ଯିବାର ପ୍ରବେଶ ପଥ, ଏବଂ ମାଢ଼ିରେ ପ୍ରଦାହ କିମ୍ବା ସଂକ୍ରମଣ ଅନ୍ୟ ଅଙ୍ଗରେ ପ୍ରଭାବ ପକାଇପାରେ। ଏହା ଜିଞ୍ଜିଭାଇଟିସ୍ ଓ ପିରିଓଡୋଣ୍ଟାଇଟିସ୍ ଭଳି ମାଢ଼ି ରୋଗର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ। ଖରାପ ମାଢ଼ି ସ୍ୱାସ୍ଥ୍ୟ ହୃଦ୍ରୋଗ, ମଧୁମେହ, ଶ୍ୱାସକ୍ରିୟା ରୋଗ ଓ ଗର୍ଭାବସ୍ଥାରେ ଜଟିଳତା ଭଳି ରୋଗର ଆଶଙ୍କା ବଢ଼ାଇପାରେ। ମାଢ଼ି ରୋଗର ଉପସ୍ଥିତି ମଧୁମେହ ରୋଗୀଙ୍କ ପାଇଁ ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣ କରିବା କଷ୍ଟକର କରିପାରେ ବୋଲି କୁହାଯାଏ। ସେହିପରି ଅସ୍ୱାସ୍ଥ୍ୟକର ମାଢ଼ିରେ ବଢୁଥିବା ଜୀବାଣୁ ରକ୍ତପ୍ରବାହରେ ପ୍ରବେଶ କରି ହୃଦ୍ରୋଗ ସମସ୍ୟା ସୃଷ୍ଟି କରିପାରନ୍ତି। ଜିଞ୍ଜିଭାଇଟିସ୍ ଭାବରେ ଆରମ୍ଭ ହେଉଥିବା ରୋଗକୁ ଅଣଦେଖା କଲେ ତାହା ପିରିଓଡୋଣ୍ଟାଇଟିସ୍‌ରେ ପରିଣତ ହୋଇପାରେ, ଯାହା ଦାନ୍ତ କ୍ଷୟ, ହାଡ଼ ଓ ସଂଯୋଜକ ଟିସୁକୁ କ୍ଷତି ପହଞ୍ଚାଉଥିବା ଏକ ଦୀର୍ଘକାଳୀନ ରୋଗ।ଦାନ୍ତ ଘଷିବା କି କୁଳୁକୁଚ କରିବା ସମୟରେ ସାମାନ୍ୟ ରକ୍ତସ୍ରାବ, ଲାଲ ପଡ଼ିଥିବା କିମ୍ବା ଫୁଲିଯାଇଥିବା ମାଢ଼ି ଟିସୁ, କୋମଳତା ଏବଂ ଲଗାତାର ଦୁର୍ଗନ୍ଧ ମାଢ଼ି ରୋଗର ସଂକେତ। ସାହାଡ଼ା, ନିମ ଓ ଡାଳିମ୍ବ ଭଳି ପାରମ୍ପରିକ ଔଷଧି ମାଢ଼ି ଯତ୍ନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରନ୍ତି।

## ଛାତ ଉପରେ ତୁଳସୀ ଗଛ ରଖୁଥିଲେ, ସାବଧାନ

ହିନ୍ଦୁ ଧର୍ମରେ ତଳସୀ ଗଛକୁ ଭଗବାନ କୃଷ୍ଣଙ୍କ ସ୍ୱରୂପ ବୋଲି ବିଶ୍ୱାସ କରାଯାଏ। ଏଥିପାଇଁ ପ୍ରାୟ ସମସ୍ତଙ୍କ ଘରେ ତୁଳସୀ ଗଛକୁ ପୂଜା କରାଯାଏ। ତୁଳସୀ ଗଛକୁ ପୂଜା କରିବା ଦ୍ୱାରା ସମସ୍ତ ରିଷ୍ଟ ଖଣ୍ଡନ ହୋଇଥାଏ ବୋଲି ବିଶ୍ୱାସ ରହିଛି। ବାସ୍ତୁଶାସ୍ତ୍ରରେ ମଧ୍ୟ ଏହି ଗଛରେ ଅନେକ ମହତ୍ୱ ରହିଛି। ଏହା ସୁଖ, ସମୃଦ୍ଧତା ଏବଂ କଲ୍ୟାଣକାରୀ ଜୀବନର ପ୍ରତୀକ ବୋଲି କୁହାଯାଇଛି। ତେବେ ତୁଳସୀ ଗଛକୁ ଘରର ସଠିକ୍ ସ୍ଥାନରେ ଯଦି ନ ରଖାଯାଏ ତେବେ ଏହା ଅଶୁଭ ଫଳ ଦେଇଥାଏ। ତେଣୁ ତୁଳସୀ ଗଛକୁ ଘରର କେଉଁ ସ୍ଥାନରେ ରଖିବା ଉଚିତ ନୁହେଁ ଆସନ୍ତୁ ଜାଣିବା।

- କିଛି ଲୋକଙ୍କ ଘରେ ସ୍ଥାନ ଅଭାବ ଯୋଗୁଁ ଲୋକମାନେ ଘରର ଛାତ ଉପରେ ତୁଳସୀ ଗଛକୁ ରଖନ୍ତି। ବାସ୍ତୁ ଶାସ୍ତ୍ର ଅନୁଯାୟୀ, ତୁଳସୀ ଗଛକୁ ଛାତ ଉପରେ ରଖିବା ଉଚିତ ନୁହେଁ। ଏଭଳି ରଖିବା ଦ୍ୱାରା ଏହା ଅଶୁଭ ଫଳ ଦେଇଥାଏ। ଘରକୁ ନକରାତ୍ମକ ଶକ୍ତି ପ୍ରେବଶ କରିଥାଏ।

- ଯେଉଁମାନଙ୍କ ରାଶିଫଳରେ ବୁଧ ଗ୍ରହ ଧନ ସହ ସମ୍ପର୍କ ରଖିଥାଏ, ବାସ୍ତୁଶାସ୍ତ୍ର ଅନୁଯାୟୀ ସେହି ଲୋକମାନେ ଯଦି ତୁଳସୀ ଗଛକୁ ଘରର ଛାତ ଉପରେ ରଖି ପୂଜା କରୁଥିବେ ତେବେ ସେମନାଙ୍କ ଧନ ହାନୀ ଘଟିବ। ଏଥିସହ ଆର୍ଥୀକ ସମ୍ପତ୍ତି କମିଯିବ।

- ବିଶ୍ୱାସ ରହିଛି ଯେ, ଯେଉଁମାନଙ୍କ ଘରର ଛାତ ଉପରେ ତୁଳସୀ ଗଛ ରଖାଯାଇଥାଏ, ସେହି ଘରେ ପକ୍ଷୀ କିମ୍ବା ପାରା ଆସି ବସା ତିଆରି କରନ୍ତି। ଏହା ଅଶୁଭ ଲକ୍ଷଣ ଅଟେ।



- ତୁଳସୀ ଗଛକୁ ଘରର ପୂର୍ବ ଦିଗରେ ରଖିବା ଉଚିତ ନୁହେଁ। ଏଭଳି ରଖିବା ଦ୍ୱାରା ବ୍ୟବସାୟରେ କ୍ଷତି ହୋଇଥାଏ। ଏଥିସହ ପରିବାର ଉପରେ ଏହା ନକାରାତ୍ମକ ପ୍ରଭାବ ପକାଇଥାଏ।

- ଯଦି ଆପଣ ତୁଳସୀ ଗଛକୁ ଛାତ ଉପରେ ରଖିଛନ୍ତି, ତେବେ ବିଶ୍ୱାସ ରହିଛି ଯେ ଘରର ଉତ୍ତର ଦିଗରେ ପିମ୍ପୁଡ଼ି ବାହାରିବା ଆରମ୍ଭ କରିବ କିମ୍ବା ଉତ୍ତର ଦିଗର କୌଣସି ନା କୌଣସି ସ୍ଥାନରେ ଫାଟ ସୃଷ୍ଟି ହେବା ଆରମ୍ଭ ହେବ।

-ତେଣୁ ବାସ୍ତୁଶାସ୍ତ୍ର ଅନୁସାରେ ତୁଳସୀ ଗଛକୁ ସର୍ବଦା ଘରର ଉତ୍ତର ଦିଗ ତଥା ଐଶାନ୍ୟ କୋଣରେ ରଖିବା ଉଚିତ। ଅପଣ ଚାହିଁଲେ ତୁଳସୀ ଗଛକୁ ପଶ୍ଚିମ ଦିଗରେ ମଧ୍ୟ ରଖିପାରିବେ। ଏଭଳି କରିବା ଦ୍ୱାରା ଘର ପରିବାରରେ ସକରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ।

# ସାବଧାନ ! ରାତିରେ ଭାତ ଖାଇଲେ ଏହି ସବୁ ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ



ଭାତ ଆମ ଦୈନନ୍ଦିନ ଖାଦ୍ୟ ତାଲିକାର ଏକ ପ୍ରମୁଖ ଉପାଦାନ। ଅଧିକାଂଶ ଲୋକ ଗୋଟିଏ ଦିନରେ ଏକାଧିକ ଥର ଭାତ ଖାଇଥାନ୍ତି। କିନ୍ତୁ ଜାଣନ୍ତି କି ରାତିରେ ଭାତ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ ? ଭାତ ଖାଇବା ଦ୍ୱାରା ମେଦବହୁଳତା ବୃଦ୍ଧିପାଏ ବୋଲି ଜାଣିଥିବେ, କିନ୍ତୁ ଏହି କାରଣରୁ ଅନ୍ୟ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ହୋଇପାରେ। କେଉଁମାନେ ରାତିରେ ଭାତ ଖାଇବା ଅନୁଚିତ, ଜାଣନ୍ତୁ...

**ମେଦବହୁଳତା ବୃଦ୍ଧି ହେବାର ଆଶଙ୍କା**

ରାତିରେ ଭାତ ଖାଇବା ଦ୍ୱାରା ଓଜନ ବୃଦ୍ଧି ହେବାର ଆଶଙ୍କା ବଢିପାରେ। ଚାଉଳରେ କାର୍ବୋହାଇଡ୍ରେଟ୍ ଅଧିକ ଥାଏ, ଯାହା ଶରୀରରେ ଚର୍ବି ବୃଦ୍ଧି କରିପାରେ। ଯଦି ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ରାତ୍ରି ଭୋଜନରେ ଭାତ ଖାଇବାଠୁ ଦୂରେଇ ରୁହନ୍ତୁ।

**ମଧୁମେହ ରୋଗୀ**

ମଧୁମେହ ରୋଗୀ ରାତିରେ ଆଦୌ ଭାତ ଖାଇବା କଥା ନୁହେଁୟ କାରଣ ଏଥିରେ ଶର୍କରା ଥାଏ। ଚାଉଳରେ ଉଚ୍ଚ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥିବାରୁ ଏହା ରକ୍ତରେ ଶର୍କରା ସ୍ତରକୁ ଶୀଘ୍ର ବଢାଇପାରେ। ଏପରି ହେଲେ ମଧୁମେହ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଆହୁରି ବିଗିଡ଼ି ଯାଇପାରେ।

**ହଜମ ପ୍ରକ୍ରିୟା ସମସ୍ୟା**

ଯେଉଁମାନଙ୍କର ହଜମ ପ୍ରକ୍ରିୟାରେ ସମସ୍ୟା ଥିବ, ସେମାନେ ରାତିରେ ଭାରତ ଖାଆନ୍ତୁ ନାହ। କାରଣ ଭାତ ହଜମ ହେବାକୁ ଅଧିକ ସମୟ ନେଉଥିବା ବେଳେ ରାତିରେ ହଜମ ପ୍ରକ୍ରିୟା ମ୍ୟର ହୋଇଯାଏ। ଏପରି ସମସ୍ୟା ଥିବା ଲୋକେ ଯଦି ରାତିରେ ଭାତ ଖାଆନ୍ତି ତେବେ, ସେମାନଙ୍କର କୋଷ୍ଠକାଠିନ୍ୟ, ଅମ୍ଳତା ଏବଂ ଅନ୍ୟାନ୍ୟ ହଜମ ସମସ୍ୟା ହୋଇପାରେ।

**ଆର୍ଥ୍ରାଇଟିସ୍ ରୋଗୀ**

ଆର୍ଥ୍ରାଇଟିସ୍ ରୋଗୀ ରାତିରେ ଭାତ ଖାଇବା ଅନୁଚିତ। ଚାଉଳରେ ଏପରି ଉପାଦାନ ଥାଏ ଯାହା ଶରୀରରେ ପ୍ରଦାହକୁ ବଢାଇପାରେ, ଫଳରେ ଆର୍ଥ୍ରାଇଟିସ ରୋଗୀଙ୍କ ଯନ୍ତ୍ରଣା ବଢିଯାଇଥାଏ।

**ଶୋଇବା ସମ୍ବନ୍ଧୀୟ ସମସ୍ୟା**

ଭାତ ଖାଇବା ଦ୍ୱାରା ଶରୀରରେ ଟ୍ରାଇପ୍ଟୋଫାନର ପରିମାଣ ବଢିଯାଏ, ଯାହା ଶୋଇବାରେ ସାହାଯ୍ୟ କରିଥାଏ। ତଥାପି, ଏହା କିଛି ଲୋକଙ୍କଠାରେ ସମସ୍ୟା ସୃଷ୍ଟି କରିପାରେ ଏବଂ ସେମାନଙ୍କର ଶୋଇବା ଗୁଣ ଉପରେ ପ୍ରଭାବ ପକାଇପାରେ। ଯଦି ଶୋଇବା ସମସ୍ୟା ଅଛି, ତେବେ ରାତିରେ ଭାତ ଖାଇବାଠାରୁ ଦୂରେଇ ରୁହନ୍ତୁ।

**ରାତିରେ କଣ ଖାଇପାରିବେ**

ରାତିରେ ଚାଉଳ ବଦଳରେ ଶସ୍ୟଜାତୀୟ ଖାଦ୍ୟ, ଓଟ୍ସ କିମ୍ବା ଅନ୍ୟାନ୍ୟ ହାଲୁକା ଏବଂ ପୁଷ୍ଟିକର ଖାଦ୍ୟ ଖାଇପାରିବେ। ଏହା କେବଳ ହଜମ କରିବାରେ ସାହାଯ୍ୟ କରିବ ନାହିଁ, ବରଂ ସ୍ୱାସ୍ଥ୍ୟକୁ ମଧ୍ୟ ଭଲ ରଖିବ।



## ପଇଡ଼ ପାଣିର ଔଷଧୀୟ ଗୁଣ

ଆପଣ ପଇଡ଼ ପାଣି ପିଇବାର ଅଭ୍ୟାସ ରଖିଛନ୍ତି ତ ? ଯଦି ରଖିନାହାନ୍ତି ତେବେ ତୁରନ୍ତ ଅଭ୍ୟାସ କରନ୍ତୁ। ସଂସାରରେ ଯେତେ ପ୍ରକାରର ପାନୀୟ ରହିଛି ସବୁଠାରୁ ଉତ୍ତମ ହେଉଛି



ପଇଡ଼ପାଣି। ଏହାକୁ ପିଇବା ଦ୍ୱାରା ପେଟ ରୋଗ ଜନୀତ ଅନେକ ସମସ୍ୟାର ସମାଧାନ କରାଯାଇପାରେ। ଗୋଟିଏ ପଇଡ଼ରେ ମାତ୍ର ୪ ପ୍ରତିଶତ ଫଳ ଓ ୯୪ ପ୍ରତିଶତ ଜଳ ଭାଗ ଥାଏ। ଏଥିରେ କାର୍ବସ, ଫାଇବର୍, ପ୍ରୋଟିନ୍, ଭିଟାମିନ୍, ମ୍ୟାଗ୍ନେସିୟମ୍, ମାଗାନିଜ୍, ପଟାସିୟମ, ସୋଡିୟମ୍ ଓ କ୍ୟାଲସିୟମ୍ ରହିଛି। ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ୍ ବି ରହିଛି। ପଇଡ଼ରେ ମଧୁମେହ ରୋଗ ସହ ଲଢ଼ିପାରିବାର ଶକ୍ତି ରହିଛି। ରୀତିମତ ପଇଡ଼ ପାଣି ପିଇଲେ ମଧୁମେହକୁ ଆୟତ୍ତରେ ରଖାଯାଇ ପାରେ। ଏହା ରକ୍ତରେ ଶର୍କରା ଭାଗକୁ ଆୟତ୍ତରେ ରଖେ। କେବଳ ମଧୁମେହ ନୁହେଁ, କିଡନିଜନୀତ ରୋଗ ପାଇଁ ମଧ୍ୟ ଏହା ଖୁବ୍ ଉପକାରୀ। ନିୟମିତ ପଇଡ଼ ପିଇଲେ କିଡନୀ ସୁସ୍ଥ ରହେ ବୋଲି ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି। ହୃଦ୍ରୋଗୀମାନଙ୍କ ପାଇଁ ମଧ୍ୟ ପଇଡ଼ ପାଣି ଖୁବ୍ ଉପକାରୀ। ପଇଡ଼ ପିଇଲେ ହୃଦ୍‌ରୋତ ହେବାର ସମ୍ଭାବନା କମ୍ ରହିଥାଏ। ରକ୍ତଚାପ ପାଇଁ ମଧ୍ୟ ପଇଡ଼ ପାଣି ଅବ୍ୟର୍ଥ ଔଷଧ ଭାବେ କାର୍ଯ୍ୟ କରେ। ବିପି ରୋଗୀ ନିୟମିତ ପଇଡ଼ ପାଣି ପିଇଲେ ଭଲ। ପରିସ୍ରା ସଂକ୍ରମଣ, ପେଟ ଗରମ, କାଶ ଆଦି ଅନେକ ରୋଗକୁ ପଇଡ଼ ପାଣି ପିଇବା ଦ୍ୱାରା ଆୟତ୍ତ କରାଯାଇ ପାରେ। ତେବେ ଆପଣ ଏଭଳି ଉପକାରୀ ପାନୀୟକୁ ନିଶ୍ଚୟ ପିଅନ୍ତୁ।

# ସବୁ ପଞ୍ଚାୟତରେ ଶିଶୁ ମନ୍ଦିର ସଦୃଶ ଅନୁଷ୍ଠାନ ତିଆରି ହେବା ଆବଶ୍ୟକ

**ଭୁବନେଶ୍ୱର,୧୩।୬ (ମହାଭାରତ):** ଓଡ଼ିଶାର ପୁନଃନିର୍ମାଣରେ ସରସ୍ୱତୀ ବିଦ୍ୟା ମନ୍ଦିରର ବଡ଼ ଯୋଗଦାନ ରହିବ। ଏଥିପାଇଁ ସବୁ ପଞ୍ଚାୟତରେ ଏଭଳି ଦେବାଳୟ ସଦୃଶ ଅନୁଷ୍ଠାନ ତିଆରି ହେବାର ଆବଶ୍ୟକତା ରହିଛି ବୋଲି ଗୁରୁବାର କଟକ ଜିଲ୍ଲା ଗତିରାଉତପାଟଣା ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରରେ ବିଦ୍ୟା ଭାରତୀ ଓ ଶିକ୍ଷା ବିକାଶ ସମିତି ଦ୍ୱାରା ଆୟୋଜିତ "ପ୍ରାଦେଶିକ ପ୍ରଧାନାଚାର୍ଯ୍ୟ ସମ୍ମିଳନୀ"ର ସମାପନ ଉତ୍ସବରେ ଯୋଗ ଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।




ପ୍ରଥମେ ଆମ ଦେଶକୁ ସ୍ୱାଧୀନତା ଦେବା ପାଇଁ ଅନେକ ମହାପୁରୁଷ ସଂଗ୍ରାମ କରିବା ସହ ବଳିଦାନ ଦେଇଥିଲେ । ପରେ ସମାଜକୁ ନିରନ୍ତର ସ୍ୱତନ୍ତ୍ରତା ରଖିବା ପାଇଁ ହେଲେ ଉତ୍ତମ ବ୍ୟକ୍ତି ତିଆରି କରିବା ପାଇଁ ଆମର ମହାପୁରୁଷମାନେ ଚିନ୍ତା କରିଥିଲେ। ଏହି ଲକ୍ଷ୍ୟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବିଗତ ଶହେ ବର୍ଷ ଧରି ରାଷ୍ଟ୍ର କଲ୍ୟାଣରେ ବ୍ରତୀ ରହୁଥିବା ବ୍ୟକ୍ତି ନିର୍ମାଣରେ ଲାଗିଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଚାର ଫଳରେ ବିଦ୍ୟା ଭାରତୀ ଏକ ସଫଳ ଅନୁଷ୍ଠାନ ଭାବେ ଦଣ୍ଡାୟମାନ ହୋଇଛି। ଗୋଟିଏ ସଂଗଠନରେ ଉଦ୍ଦେଶ୍ୟ, ବିଚାର ଓ ସ୍ୱଚ୍ଛତା ଥିଲେ ହିଁ ସାଧିତ ଲକ୍ଷ୍ୟ ପୂରଣ ହୋଇପାରିବ। ସେହି ପରିପ୍ରେକ୍ଷୀରେ ପ୍ରାୟ ୭୫ ବର୍ଷ ଧରି ରାଷ୍ଟ୍ରୀୟ ସ୍ତରରେ ବିଦ୍ୟା ଭାରତୀ ଏବଂ ପାଖାପାଖି ୫୦ ବର୍ଷ ଧରି ଶିକ୍ଷା ବିକାଶ ସମିତି ଓଡ଼ିଶା ସ୍ତରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିକାଶ ପାଇଁ କାମ କରୁଛି। ଏହି ଅନୁଷ୍ଠାନରେ ଥିବା ପ୍ରଧାନ ଆଚାର୍ଯ୍ୟଙ୍କ ବିଚାର ଓ ସଂସ୍କୃତି କାରଣରୁ ଶିଶୁ ବିଦ୍ୟା ମନ୍ଦିର ଶିକ୍ଷା ରୂପକ ଦେବାଳୟ ସଦୃଶ ହୋଇଛି। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗୁଡ଼ିକରେ ଶିକ୍ଷା ପଦ୍ଧତିର ମାନ ବୃଦ୍ଧି କରିବା ଦିଗରେ ଆଜିର ସମ୍ମିଳନୀ ସ୍ୱାଗତଯୋଗ୍ୟ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଶିଶୁ ମନ୍ଦିର ଓଡ଼ିଶା ଶିକ୍ଷା ବିଭାଗର ସ୍ପନ୍ଦନ ସଦୃଶ । ଭାରତୀୟ ପଦ୍ଧତି ଓ ମୂଲ୍ୟବୋଧ ଆଧାରିତ ଶିକ୍ଷା, ଗୁଣାତ୍ମକ ଶିକ୍ଷା ଏବଂ ସାଧାରଣ ଲୋକଙ୍କ ପାଇଁ ଶିକ୍ଷା ପ୍ରଦାନ ସହ ଏକ ନୂଆ ପିଢ଼ି ଗଢ଼ିବାରେ ବିଦ୍ୟା ଭାରତୀ ଓ ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଭୂମିକା ଅତୁଳନୀୟ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ଦଶମ ବୋର୍ଡ଼ ପରୀକ୍ଷା ସହ ବିଭିନ୍ନ ବୃତି ଓ ମେଧା ପରୀକ୍ଷାରେ ସଫଳତା ଅର୍ଜନ କରୁଛନ୍ତି, ଯାହା ପ୍ରଶଂସନୀୟ। ସେହିପରି ଓଡ଼ିଶାରେ ବିଦ୍ୟାଭାରତୀ ପରିବର୍ତ୍ତନର ସୂତ୍ରଧର ହେବାର କ୍ଷମତା ରଖୁଛି । ପରିବର୍ତ୍ତନ ଗୋଟିଏ ଛୋଟ ଅନୁଷ୍ଠାନରୁ ଆରମ୍ଭ ହୁଏ। ଭାରତୀୟ ଛାତ୍ରଛାତ୍ରୀଙ୍କୁ ସଂସ୍କାରୀ, ସ୍ୱାଭିମାନୀ ବନାଇବାରେ ସରସ୍ୱତୀ ବିଦ୍ୟାମନ୍ଦିର ମାଇକ୍ରୋ ସ୍କୋପ ଭାବେ ଉଭା ହେବ ବୋଲି ସେ ମତପ୍ରକାଶ କରିଛନ୍ତି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଟି.ବି.ମାକାଉଲେ ଭାରତରେ ଯେଉଁ ଶିକ୍ଷା ନୀତି ପ୍ରସ୍ତୁତ କରିଥିଲେ ତାହା କେବଳ ଭାରତକୁ ନୀଚ କରିବାର ଏକ ପ୍ରକ୍ରିୟା ଥିଲା। ଭାରତକୁ ଅନେକ ସମୟ ପରାଧୀନତା ରଖିବା ପାଇଁ ସେ ତାଙ୍କ ଦ୍ୱାରା ଏକ ଶିକ୍ଷା ନୀତି ପ୍ରଚଳନ କରିଥିଲେ। ଏହି ଶିକ୍ଷା ନୀତିର ବିକଳ୍ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ନୂଆ ରାଷ୍ଟ୍ରୀୟ ଶିକ୍ଷା ନୀତି ଆସିଛି, ଯେଉଁ ନୂଆ ଶିକ୍ଷା ନୀତିର ଉଦ୍ଦେଶ୍ୟ ରହିଛି, ମାକାଉଲେଙ୍କ ପରାଧୀନ ମାନସିକତାକୁ ବଦଳାଇ ଭାରତର ସ୍ୱାଧୀନ ମାନସିକତାକୁ ବିକଶିତ କରିବା । ଜାତୀୟ ଶିକ୍ଷା ନୀତି ବିଦ୍ୟା ଭାରତୀକୁ ଅନୁସରଣ କରିଛି । ଚଳିତ ଶିକ୍ଷା ବର୍ଷ ଓଡ଼ିଶା ସରକାର ଜାତୀୟ ଶିକ୍ଷା ନୀତିକୁ କାର୍ଯ୍ୟକାରୀ କରିଛନ୍ତି । ସରସ୍ୱତୀ ବିଦ୍ୟା ମନ୍ଦିରରେ ଗୁଣାତ୍ମକ ଶିକ୍ଷା ସମେତ ବିଭିନ୍ନ ସାମାଜିକ ଶିକ୍ଷା ମଧ୍ୟ ଦିଆଯାଏ । ଏହି ଅନୁଷ୍ଠାନରେ ମୂଳତଃ ଇଂରାଜୀ, ହିନ୍ଦୀ, ମାତୃଭାଷା, ସଂସ୍କୃତ ଚାରୋଟି ଭାଷାରେ ଶିକ୍ଷା ପ୍ରଦାନ କରାଯାଉଛି । ତେବେ ରାଜ୍ୟର ଉପାନ୍ତ ଅଞ୍ଚଳରେ ସ୍ଥାନୀୟ ଭାଷାରେ ଶିକ୍ଷା ଦେଲେ ହିଁ ପିଲାମାନେ ଆଗକୁ ବଢ଼ିବେ । କାରଣ, ମାତୃଭାଷାରେ ପାଠ ପଢ଼ିଲେ ହିଁ ଛାତ୍ରଛାତ୍ରୀଙ୍କର ବୌଦ୍ଧିକ ବିକାଶ, କ୍ରିଟିକାଲ ଥିଙ୍କିଂ ତଥା ଅନୁସନ୍ଧାନ କରିବାର କ୍ଷମତା ବୃଦ୍ଧି ହୋଇଥାଏ । ଆଗାମୀ ଦିନରେ ସବୁ ଭାରତୀୟ ଭାଷାରେ ପାଠପଢ଼ା ହେବ । ଶିକ୍ଷା ବ୍ୟବସ୍ଥାକୁ ମାତୃଭାଷା ଆଧାରିତ କରିବା ପାଇଁ ମୋଦୀ ସରକାର ବଦ୍ଧପରିକର।

# ବିକାଶ ବାହନ ଯାତ୍ରାର ଶୁଭାରମ୍ଭ

**ଭୁବନେଶ୍ୱର,୧୩।୬ (ମହାଭାରତ):** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସମ୍ବଲପୁର ଗସ୍ତ ରେ ଆସି ପ୍ରଥମେ ବିଶ୍ୱ ପ୍ରସିଦ୍ଧ ମା' ସମଲେଶ୍ୱରୀ ମନ୍ଦିର ଦର୍ଶନ କରିଥିଲେ। ମା' ଙ୍କ ଦର୍ଶନ ପରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିକାଶ ବାହନ ଯାତ୍ରା ର ଶୁଭାରମ୍ଭ - ଆଜି ବିକାଶ ବାହନ ଯାତ୍ରାର ଶୁଭାରମ୍ଭ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଉପସ୍ଥିତ ରେ ହୋଇଯାଇଛି। ଶ୍ରୀମତୀ ପରିଡ଼ା,ସମ୍ବଲପୁର ଜିଲ୍ଲା ର ସମସ୍ତ ଜନସାଧାରଣଙ୍କୁ ସରକାରଙ୍କ ଦ୍ୱାରା ହାସିଲ ହୋଇଥିବା ଜନ ହିତକର ଉପଲବ୍ଧି ବିଷୟରେ ଅବଗତ କରାଇବା ପାଇଁ ଏହି ବାହନ ଟି ଉଦ୍ଦିଷ୍ଟ ବୋଲି କହିଥିଲେ।ଏହି ବାହନ ଗାଁ ରୁ ଗାଁ ସହର ରୁ ସହର ବୁଲି ସମସ୍ତଙ୍କୁ ସଚେତନ କରାଇବ, ଯାହା ଦ୍ୱାରା ଜନସାଧାରଣ ଓ ସରକାରଙ୍କ ମଧ୍ୟରେ ବ୍ୟବଧାନ କମିବ, ଲୋକଙ୍କ ଅସୁବିଧା ଦୂର ହୋଇ ପାରିବ ବୋଲି ସେ ପ୍ରକାଶ କରିଥିଲେ। ମା ଙ୍କ ନାମରେ ଗଛ ଟିଏ" ଅଭିଜାନ ର କାର୍ଯ୍ୟକ୍ରମ - ଆଜି ବୁଢ଼ାରଜା ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜିତ "ମା ଙ୍କ ନାମରେ ଗଛ ଟିଏ' ଅଭିଜାନ ରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଯୋଗଦେଇ ପ୍ରଧାମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଆମେ ଏହି ଅଭିଯାନ ରେ ସାମିଲ୍ ହେବା ଓ




ଏହାକୁ ଆହୁରି ବ୍ୟାପକ କରିବା ପାଇଁ କହିଥିଲେ। କହିଥିଲେ ଏହି ପ୍ରୟାସ କୁ ନିଜର ଦାୟିତ୍ୱ ଭାବନ୍ତୁ ଏବଂ ଗୋଟିଏ ଲେଖାଏଁ ଗଛ ଲଗାନ୍ତୁ ଓ ତାର ଯତ୍ନ ନିଅନ୍ତୁ, ଯାହା ଦ୍ୱାରା ଆମେ ଆମ ପରିବେଶ କୁ ପ୍ରଦୂଷଣ କବଳ ରୁ ରକ୍ଷା କରିପାରିବା। ବୟୋ ବନ୍ଦନା ଯୋଜନାର କାର୍ଡ ବିତରଣ କାର୍ଯ୍ୟକ୍ରମ - ବୟୋ ବନ୍ଦନା ଯୋଜନା ର କାର୍ଡ ବିତରଣ କାର୍ଯ୍ୟକ୍ରମ ଏସ୍ ଆର୍ ଆଇଟି କଲୋନୀ ର ୱାର୍ଡ ନମ୍ବର୍ ୨୧ ଠାରେ ଅନୁଷ୍ଠିତ ହୋଇଯାଇଛି।

# ଟ୍ରାନ୍ସଭଜାଇନାଲ୍ ଓ ଟ୍ରାନ୍ସରେକ୍ଟାଲ୍ ପେଲ୍‌ଭିକ୍ ଫ୍ଲୋର ପୁନର୍ବାସ କର୍ମଶାଳା



**ଭୁବନେଶ୍ୱର,୧୩।୬ (ମହାଭାରତ):** ଓଡ଼ିଶାରେ ପ୍ରଥମ ଥର ପାଇଁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଟ୍ରାନ୍ସଭଜାଇନାଲ୍ ଓ ଟ୍ରାନ୍ସରେକ୍ଟାଲ୍ ପେଲ୍‌ଭିକ୍ ଫ୍ଲୋର ପୁନର୍ବାସ ସମ୍ପର୍କିତ କର୍ମଶାଳା ଗତ ଜୁନ୍ ୭ ଓ ୮ ତାରିଖ ଦୁଇ ଦିନ ଧରି ହସ୍ପିଟାଲ ପରିସରରେ ଆୟୋଜିତ ହୋଇଯାଇଛି। ସମ୍ ହସ୍ପିଟାଲ୍‌ର ଫିଜିଓଥେରାପି ବିଭାଗ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ସାରା ଦେଶରୁ ପ୍ରାୟ ୭୭ ଜଣ ମହିଳା ଫିଜିଓଥେରାପିଷ୍ଟ ଯୋଗ ଦେଇଥିବା ବେଳେ ଅହମ୍ମଦାବାଦର ବିଶିଷ୍ଟ ଫିଜିଓଥେରାପି ବିଶେଷଜ୍ଞ ଡାକ୍ତର ଧାରା ଶାହ କର୍ମଶାଳାର ପ୍ରସଙ୍ଗକୁ ନେଇ ତଥ୍ୟ ପ୍ରଦାନ କରିଥିଲେ। ଶରୀରରେ ପେଲଭିକ ଫ୍ଲୋର ମାଂସପେଶୀ ଖୁବ ଗୁରୁତ୍ୱପୂର୍ଣ୍ଣ । କାରଣ ଏହା ମୂତ୍ରାଶୟ, ଗର୍ଭାଶୟ, ଗର୍ଭାଶୟ ନଳୀ, ଡିମ୍ବାଶୟ, ମୂତ୍ରନଳୀ, ମଳାଶୟ, ମଳାଶୟ ନଳୀ, ଡିମ୍ବକୋଷ ତଥା ମଳତ୍ୟାଗ ଓ ମୂତ୍ରାଶୟର ନିୟନ୍ତ୍ରଣ କାର୍ଯ୍ୟରେ ସହଯୋଗ କରିଥାଏ। କର୍ମଶାଳାରେ ପରିସ୍ରା ଏବଂ ମଳ କ୍ଷରଣ ଏବଂ କୋଷ୍ଠକାଠିନ୍ୟ, ଯୌନ କାର୍ଯ୍ୟରେ ଅନିୟମିତତା ଭଳି ବିଷୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମ୍ ହସ୍ପିଟାଲ୍‌ର ଫିଜିଓଥେରାପି ବିଭାଗ ପ୍ରଥମ ଥର ପାଇଁ ଏକ ଇଂଟିମେଟ ହେଲ୍‌ଥ ଚେକ୍‌ଅପ୍ କ୍ଲିନିକ୍ ଆରମ୍ଭ କରିବାର ଯୋଜନା କରୁଥିବା ହସ୍ପିଟାଲ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ରାଜ୍ୟର ପ୍ରଥମ ଥର ପାଇଁ ମହିଳା ଫିଜିଓଥେରାପିଙ୍କୁ ନେଇ ଏଭଳି କର୍ମଶାଳା ଆୟୋଜନ କରାଯାଇଥିଲା।

# ସ୍କୁଲ ଡ୍ରପ ଆଉଟ୍ ନେଇ ଗଣ ଶିକ୍ଷା ବିଭାଗ ପକ୍ଷରୁ ସର୍ଭେ

**ଭୁବନେଶ୍ୱର,୧୩।୬ (ମହାଭାରତ):** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ସ୍କୁଲ ଡ୍ରପ ଆଉଟ୍ ନେଇ ଗଣ ଶିକ୍ଷା ବିଭାଗ ପକ୍ଷରୁ ସର୍ଭେ କରାଯାଇଛି । ବିଭାଗ ତରଫରୁ ଚାଇଲ୍ଡ ଟ୍ରାକିଂ ସର୍ଭେ କରାଯାଇଛି। ପିଲା କେଉଁ କାରଣରୁ ଡ୍ରପ ଆଉଟ୍ ହେଉଛନ୍ତି ଏବଂ ସ୍କୁଲକୁ ଯାଉନାହାନ୍ତି। ଏ ନେଇ ୧୮ ବର୍ଷ ପର୍ଯ୍ୟନ୍ତ ପିଲା ମାନଙ୍କର ସର୍ଭେ କରାଯାଇଛି। ଡୋର ଟୁ ଡୋର ଯାଇ ଶିକ୍ଷକ ମାନେ ସର୍ଭେ କରିଛନ୍ତି। ସେହି ସର୍ଭେ ରିପୋର୍ଟ ଆସିଲା ପରେ ସରକାର ପଦକ୍ଷେପ ନେବେ । ସରକାର ରିପୋର୍ଟକୁ ଅଧ୍ୟୟନ କରି କଣ କରାଗଲେ ଡ୍ରପ ଆଉଟ୍ କମିବ, ସେହି ଅନୁସାରେ ପଦକ୍ଷେପ ନେବେ। ଏହାସହ ସରକାରଙ୍କ ପକ୍ଷରୁ ଏସସି ଏସଟି ଛାତ୍ରଛାତ୍ରୀଙ୍କ ଡ୍ରପ ଆଉଟ୍ କମାଇବା ପାଇଁ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା କରାଯାଇଛି । ତେଣୁ ସରକାର ସରକାରଙ୍କ ପଦକ୍ଷେପ ଯୋଗୁଁ ଚଳିତ ଥର ପ୍ରାଥମିକ ସ୍ତରରେ ଅଧିକ ପିଲା ଆଡ଼ମିଶନ କରିଛନ୍ତି ।

# ମୋଦି ସରକାର ଦେଶବାସୀଙ୍କୁ ଭୁଆଁ ବୁଲାଇଛନ୍ତି

**ଭୁବନେଶ୍ୱର,୧୩।୬ (ମହାଭାରତ):** ମୋଦି ସରକାରଙ୍କ ତୃତୀୟ ପାଳିର ପ୍ରଥମ ବର୍ଷର ଯେଉଁ ସଫଳତାର ଗୋଲାପୀ ଚିତ୍ର ଦେଶବାସୀଙ୍କ ସାମନାରେ ରଖିଛନ୍ତି ତାହା ସଂପୂର୍ଣ୍ଣ ମିଛ ଓ ଦେଶବାସୀଙ୍କୁ ଭ୍ରମିତ କରିବା ଉଦ୍ଦେଶ୍ୟରେ ଏହା କରାଯାଇଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ୨୦୧୪ ମସିହା ପାଖରୁ ଆଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତ ବର୍ଷର ଜନସାଧାରଣଙ୍କୁ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲେ ତାହା କେବଳ ପ୍ରତାରଣା ଥିଲା ଏବଂ ଜନସାଧାରଣଙ୍କୁ ଲୁଣ୍ଠନ କରିବାହିଁ ତାଙ୍କର ଏକମାତ୍ର ଅନୁଚିନ୍ତା ଥିଲା ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦଶେ କଂଗ୍ରେସର ମୁଖପାତ୍ର ଶ୍ରୀ ରଜନୀ ମହାନ୍ତି ସାମ୍ବାଦିକ ମାନଙ୍କୁ କହିଥିଲେ । ଶ୍ରୀ ମହାନ୍ତି କହିଥିଲେ ଯେ ମୋଦି ସରକାର ପ୍ରତିବର୍ଷ ୨ କୋଟି ଶିକ୍ଷିତ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବାପାଇଁ ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ । ଏହି ୧୧ ବର୍ଷ ମଧ୍ୟରେ ୨୨ କୋଟି ଶିକ୍ଷିତ ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳିବା କଥା କିନ୍ତୁ ୧୧ ବର୍ଷ ମଧ୍ୟରେ ୪ କୋଟି ଯୁବକ ଯୁବତୀ ମଧ୍ୟ ନିଯୁକ୍ତି ପାଇଲେ ନାହିଁ । ଯେଉଁମାନଙ୍କ କାନ୍ଧରେ ଭାରତବର୍ଷର ଭବିଷ୍ୟତ ଛିଡ଼ା ହେବାକୁ ଯାଉଛି ସେମାନଙ୍କ ସ୍ୱପ୍ନକୁ ଚୁରମାର କରିଦିଆଯାଉଛି । ୧୧ ବର୍ଷର ଶାସନ ମଧ୍ୟରେ ଦେଶର ୨୭ କୋଟି ଗରିବ ଲୋକଙ୍କୁ ଗରିବୀ ସୀମାରେଖାର ଉପରକୁ ଉଠାଯାଇଛି ବୋଲି ମୋଦି ସରକାର ଦାବି କରୁଛନ୍ତି



। ଯଦି ଏହା ସତ୍ୟ ତାହାହେଲେ କାହିଁକି ଭାରତ ବର୍ଷର ୮୦ କୋଟି ଗରିବ ଲୋକଙ୍କୁ ଦିର୍ଘ ୫ବର୍ଷ ଧରି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣାରେ ୫ କେଜି ଚାଉଳ ବା ଗହମ ବଂଟନ କରାଯାଉଛି । ଯଦି ଦେଶରେ ଗରିବ ହଟିଛି ତାହାଲେ ଏହି ୧୧ ବର୍ଷ ମଧ୍ୟରେ ଅପପୃଷ୍ଟି ଆଜି ଏକ ଜାତୀୟ ସମସ୍ୟା ହୋଇ ଉଭାହୋଇଛି । କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ ଅପପୃଷ୍ଟିର ଶିକାର ହୋଇଥିବା ପିଲାମାନଙ୍କ ମଧ୍ୟରେ ୩୫.୫ ହେଉଛନ୍ତି ଷ୍ଟଂ, ୧୯.୩ ପ୍ରତିଶତ ୱେଷ୍ଟିଂ ଏବଂ ୩୨.୧ ପ୍ରତିଶତ ପିଲାମାନଙ୍କର ଓଜନ ହ୍ରାସ । ବିକଶିତ ଭାରତର ସ୍ୱପ୍ନ ବାଂଟୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତବର୍ଷର ଆଗାମୀ ଭବିଷ୍ୟତକୁ କେତେ ସୁରକ୍ଷିତ ରଖିଛନ୍ତି ଏଥିରୁ ବାରିହୋଇ ପଡୁଛି । ପ୍ରଧାନମନ୍ତ୍ରୀ ଏଥିପ୍ରତି ଧ୍ୟାନ ଦିଅନ୍ତୁ ବୋଲି କଂଗ୍ରେସ ଆଶା କରୁଛି । ଭାରତ ବର୍ଷର ମହିଳାମାନଙ୍କ ଆଖିରୁ ଲୁହ ଗଡ଼ିବ ନାହିଁ ଗୋବର ଓ କାଠ ଜାଳି ରୋଷେଇ କରିବେ ନାହିଁ ବୋଲି ୨୦୧୯ ମସିହାରେ ପ୍ରତିଶ୍ରୁତି ଦେଇଥିଲେ । ୯ କୋଟିର ଅଧିକ ଲୋକଙ୍କୁ ଉଜ୍ଜଳା ଯୋନନାର ହିତାଧିକାରୀ ବୋଲି ଦର୍ଶାଗଲା । କିନ୍ତୁ ପରିବାରର ଆର୍ଥିକ ବୋଝ ଏତେ ବେଶିଯେ ଯୋଜନା ଆରମ୍ଭର ପ୍ରଥମ ଗ୍ୟାସ ସିଲିଣ୍ଡର ନେବାପରେ ୫ କୋଟିର ଅଧିକ ମହିଳା ଦ୍ୱିତୀୟଥର ପାଇଁ ସିଲିଣ୍ଡର ଆଉ ବୁକ କରିନାହାନ୍ତି ।

# ଭୁବନେଶ୍ୱରରୁ ଆବୁଧାବିକୁ ବିମାନ ଚଳାଚଳର ଶୁଭାରମ୍ଭ




**ଭୁବନେଶ୍ୱର,୧୩।୬ (ମହାଭାରତ):** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗୁରୁବାର ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଭୁବନେଶ୍ୱରରୁ ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳର ଶୁଭାରମ୍ଭ କରିଛନ୍ତି। ଭୁବନେଶ୍ୱରରୁ ଆବୁଧାବିକୁ ଏହି ବିମାନ ସେବା ଇଣ୍ଡିଗୋ ଏୟାର ଲାଇନ୍ସ ଜରିଆରେ ଆରମ୍ଭ କରାଯାଇଛି। ଏହା ସିଧାସଳଖ ଆବୁଧାବିକୁ ଯାତ୍ରା କରିବ। ସପ୍ତାହରେ ପ୍ରତ୍ୟେକ ମଙ୍ଗଳବାର, ଗୁରୁବାର ଓ ଶନିବାର ଏହି ବିମାନସେବା ଉପଲବ୍ଧ ହେବ। ୧୮୦ ଜଣ ଯାତ୍ରୀ ଏଥିରେ ଯାତ୍ରା କରିପାରିବେ। ଭୁବନେଶ୍ୱରରୁ ମାତ୍ର ୪ ଘଣ୍ଟା ମଧ୍ୟରେ ଯାତ୍ରୀମାନେ ଆବୁଧାବିରେ ପହଞ୍ଚିବେ। ଏହି ବିମାନ ଚଳାଚଳ ଆରମ୍ଭ ଦ୍ୱାରା ଓଡିଶାରୁ ଆବୁଧାବି ଯାଉଥିବା ଯାତ୍ରୀମାନେ, ଉଭୟ ସମୟ ଓ ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ। ଭୁବନେଶ୍ୱରରୁ ବିଶାଖାପାଟଣାକୁ ମଧ୍ୟ ବିମାନସେବା ଆରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେତେକ ଯାତ୍ରୀଙ୍କୁ ବୋର୍ଡିଙ୍ଗ୍ ପାସ୍ ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ବିମାନସେବା ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ମାର୍ଗଦର୍ଶନ ଓ କେନ୍ଦ୍ର ସରକାରଙ୍କ ସମର୍ଥନରେ ରାଜ୍ୟ ସରକାରଙ୍କ ନିଉ ଡେଷ୍ଟିନେସନ୍ ପଲିସି ଅଧିନରେ ଏହି ସେବା ଆରମ୍ଭ କରାଯାଇଛି । ଏହି ସେବା ଦ୍ୱାରା ମିଡିଲ୍ ଇଷ୍ଟ୍ ଦେଶଗୁଡ଼ିକ ସହିତ ଓଡିଶାର ଯୋଗାଯୋଗ ଆହୁରି ବ୍ୟାପକ ହେବ। ବାଣିଜ୍ୟ, ପର୍ଯ୍ୟଟନ, ପୁଞ୍ଜିନିବେଶ ଓ ସାଂସ୍କୃତିକ ବିନିମୟ କ୍ଷେତ୍ରରେ ମଧ ଆମର ସମ୍ପର୍କ ଆହୁରି ସୁଦୃଢ ହେବ। ଏହି ବିମାନର କାର୍ଗୋ ସେବାରେ ଆଜି ବିଭିନ୍ନ ପନିପରିବା ସହିତ ୫୦ ଟନ ଆମ୍ରପଲ୍ଲି ଆମ୍ବ ରପ୍ତାନୀ କରାଯାଇଛି। ସେ ପୁଣି କହିଥଲେ ଆମ ସରକାର ସଡକ ପଥ ଓ ରେଳ ପଥ ସହିତ ଆକାଶ ପଥରେ ମଧ ଯୋଗାଯୋଗ ପାଇଁ ପଦକ୍ଷେପ ନେଇଛନ୍ତି। ଓଡଶାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଯୋଡିବା ପାଇଁ ଉଦ୍ୟମ ଜାରି ରହିଛି। ଭୁବନେଶ୍ୱରରୁ ଡେରାଡୁନ, ଗାଜିଆବାଦ, ଗୋଆ, ଇନ୍ଦୋର, କୋଚି, ଲକ୍ଷ୍ନୌ ଓ ପୋର୍ଟବ୍ଲେୟାରକୁ ବିମାନ ସେବା ଆରମ୍ଭ ହୋଇଥିବା ବେଳେ, ଝାରସୁଗୁଡାରୁ ହାଇଦ୍ରାବାଦ, ଲକ୍ଷ୍ନୌ, ମୁମ୍ବାଇ ଓ ରାୟପୁରକୁ ମଧ ବିମାନ ସଂଯୋଗ କରାଯାଇଛି।

# ବିଜେପି ସରକାରର ବିଫଳତାକୁ ନେଇ ବିଜେଡିର ପ୍ରତିବାଦ

**ଭୁବନେଶ୍ୱର,୧୩।୬ (ମହାଭାରତ):** ରାଜ୍ୟରେ ମୋହନ ଚରଣ ମାଝିଙ୍କ ନେତୃତ୍ୱାଧୀନ ସରକାରଙ୍କୁ ଏକ ବର୍ଷ ପୂରଣ ହୋଇଥିବା ବେଳେ ବିଜୁ ଜନତା ଦଳ ତରଫରୁ ରାଜଧାନୀ ଭୁବନେଶ୍ୱରର ମାଷ୍ଟର କ୍ୟାଂଟିନ ଛକ ଠାରେ ଏକ ଅଭିନବ ଉପାୟରେ ରାଜ୍ୟ ସରକାରଙ୍କ ଏକ ବର୍ଷର ବିଫଳତାକୁ ପ୍ରଦର୍ଶନ କରାଯାଇଥିଲା। ଗତ ନିର୍ବାଚନ ସମୟରେ ବିଜେପି ଦେଇଥିବା ପ୍ରତିଶ୍ରୁତି ପାଳନରେ ରାଜ୍ୟ ସରକାର କିପରି ବିଫଳ ହୋଇଛନ୍ତି, ତାହାକୁ ହାତ ଲେଖା ପ୍ଲାକାର୍ଡ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା । ଏହା ଛଡା, ଗତ ଏକ ବର୍ଷରେ, ଆଇନଶୃଙ୍ଖଳା ପରିସ୍ଥିତି କିପରି ବିପର୍ଯ୍ୟସ୍ତ ହୋଇ ପଡିଛି, ବିଶେଷକରି ଦୁଷ୍କର୍ମ ଓ ମହିଳାଙ୍କ ବିରୋଧରେ ଅପରାଧର ଅହେତୁକ ବୃଦ୍ଧିକୁ କଳାତ୍ମକ ଉପାୟରେ ଦର୍ଶାଯାଇଥିଲା । ରାଜ୍ୟ ସ୍ୱାର୍ଥ ସହିତ ଜଡିତ ଥିବା ପ୍ରତିଟି ପ୍ରସଙ୍ଗ ଯଥା, କେନ୍ଦ୍ରୀୟ ଅନୁଦାନରେ ହ୍ରାସ, ପୋଲାଭରମ, କୋଟିଆ, ମହାନଦୀ ଓ କୋଷ୍ଟାଲ




ହାଇୱେ ପ୍ରସଙ୍ଗରେ କେନ୍ଦ୍ରର ଅବହେଳା, ଅତ୍ୟାବଶକୀୟ ଜିନିଷର ଅହେତୁକ ଦରଦାମ ବୃଦ୍ଧି, ଶ୍ରୀମନ୍ଦିରରେ ଅବ୍ୟବସ୍ଥା, ଓବିସି, ଏସଟି ଏସସି ବର୍ଗର ଲୋକଙ୍କ ସ୍ୱାର୍ଥ ପ୍ରତି ଅଣଦେଖା, ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ, ବିଏସ୍କେୱାଇ ବଦଳରେ ଆୟୁଷ୍ମାନରୁ ଯନ୍ତ୍ରଣା ଇତ୍ୟାଦି ମୁଖ୍ୟତଃ ପ୍ଲାକାର୍ଡରେ ସ୍ଥାନ ପାଇଥିଲା । ଏହି ଧାରଣାରେ ଦଳର ବରିଷ୍ଠ ନେତୃବୃନ୍ଦ ଯଥା ଦେବୀ ପ୍ରସାଦ ମିଶ୍ର, ସଂତୃପ୍ତ ମିଶ୍ର, ପ୍ରଣବ ପ୍ରକାଶ ଦାସ, ଡ଼ଃ ଅରୁଣ କୁମାର ସାହୁ, ସଞ୍ଜୟ ଦାସବର୍ମା,ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଦେବ, ଶ୍ରୀମତୀ ପ୍ରମିଳା ମଲ୍ଲିକ, ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ଶ୍ରୀମତୀ ଟୁକୁନି ସାହୁ, ଶ୍ରୀମତୀ ରାଜଶ୍ରୀ ମଲ୍ଲିକ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ ଅଂଶ ଗ୍ରହଣ କରିଥିଲେ ।

# ପୂଜ୍ୟପୂଜା ପକ୍ଷରୁ ମାସିକ ଆଲୋଚନା

**ଭୁବନେଶ୍ୱର,୧୩।୬ (ମହାଭାରତ):** ସମାଜରେ ମହତ ଲୋକମାନଙ୍କ ସଂପର୍କରେ ବାରମ୍ବାର ଆଲୋଚନା କରାଗଲେ ସମାଜର ଶ୍ରୀ ବର୍ଦ୍ଧି ହେବା ସହ ଉତ୍ତମ ସମାଜ ଗଠନ ହୁଏ ବୋଲି ପୂଜ୍ୟ ପୂଜା ଓଡ଼ିଶାର ମାସିକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ବିଭିନ୍ନ ଉଦାହରଣ ମାଧ୍ୟମରେ ମତବ୍ୟକ୍ତ କରିଛନ୍ତି। ବିରଜା ପ୍ରସନ୍ନ ଦଣ୍ଡଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବକ୍ତା ଓ ଆଲୋଚକ ଭାବେ ନାଟ୍ୟକାର ବିଜୟ କୁମାର ମହାନ୍ତି, ପ୍ରଫେସର ଭାରତଭୂଷଣ ରଥ, ମିନତୀ ଷଡ଼ଙ୍ଗୀ, ଇଂ ଗଣେଶ ଚନ୍ଦ୍ର ପଣ୍ଡା, ସୁରେଶଚନ୍ଦ୍ର ମହାନ୍ତି, ଆଶିଷ କର, ପ୍ରହ୍ଲାଦ ସାହୁ, ଡକ୍ଟର ପୀତବାସ ରାଉତରାୟ, ସୁକାନ୍ତ ପ୍ରଧାନ, ଅଶୋକ କୁମାର ଦାଶ, ଆଦି ଯୋଗଦାନ କରି ନିଜସ୍ୱ ବକ୍ତବ୍ୟ ପ୍ରଦାନ କରି ନିଶାମଣୀ ଖୁଣ୍ଟିଆ, ନାରାୟଣ ବୀରବର ସାମନ୍ତ, ସୁରେନ୍ଦ୍ର ନାଥ ପଟନାୟକ, ସଦାଶିବ ତ୍ରିପାଠୀ, ବୀରେନ୍ ମିତ୍ର ଆଦିଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ହେମପ୍ରଭା ପଟ୍ଟନାୟକଙ୍କ ରଚିତ ଅମର ପ୍ରତିଭା ପୁସ୍ତକ ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ସଂପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୟନ୍ତ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।




# ଲୋକ ମେଳା ଓ କୃଷି ମେଳା ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର,୧୩।୬ (ମହାଭାରତ):** ପୁରୀରେ ସ୍ଥାନୀୟ ସର୍କିଟ ହାଉସ ସମିଳନୀ କକ୍ଷରେ ୨୩ତମ ଲୋକମେଳା ଓ ୧୬ମ କୃଷିମେଳା ପାଇଁ ମଙ୍ଗଳବାର ଏକ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି ମେଳା ଚଳିତ ବର୍ଷ ଜୁନ ୧୬ରୁ ୨୦ ପର୍ଯ୍ୟନ୍ତ ପାଂଚ ଦିନ ବ୍ୟାପୀ ପୁରୀ ବେଳାଭୂମିଠାରେ ଅନୁଷ୍ଠିତ ହେବ। ଏଥି ନିମନ୍ତେ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମେଳାରେ ଦେଶର ୨୦ଟି ରାଜ୍ୟ ଯଥା ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ମଣିପୁର, ସିକ୍କିମ, ତ୍ରିପୁରା, ପଶ୍ଚିମ ବଙ୍ଗ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, କେରଳ, ତାମିଲ ନାଡୁ, ରାଜସ୍ଥାନ , ଗୁଜରାଟ, ହରିଆଣା , ପଞ୍ଜାବ ଇତ୍ୟାଦି ରୁ ପ୍ରାୟ ୪୦୦ କଳାକାର ଯୋଗଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି ବୋଲି ମେଳାର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ସୂଚନା ପ୍ରଦାନ ଦେଇଥିଲେ। ଏହାସହିତ ହେବାକୁ ଥିବା ଜାତୀୟ ୧୬ତମ କୃଷିମେଳାରେ ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟର ସମସ୍ତ ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରଣାଳୟର ସମସ୍ତ ବିଭାଗ, ଓଡ଼ିଶା ସରକାରଙ୍କ କୃଷି ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରଭୃତି ଯୋଗଦେବା କାର୍ଯ୍ୟକ୍ରମ ରହିଛି।

କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଯୋଗଦାନ ପାଇଁ ଉପ ମୁଖ୍ୟମନ୍ତ୍ରୀ, ବିଭିନ୍ନ ବିଭାଗର ମନ୍ତ୍ରୀ, କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ସମେତ ଜିଲାସ୍ତରୀୟ ଅଧିକାରୀଙ୍କୁ ନିମନ୍ତ୍ରଣ କରାଯାଇଅଛି ଓ ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳଙ୍କୁ ନିମନ୍ତ୍ରଣ କରାଯାଇଛି ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଥଲେ। ଏହି ମେଳାକୁ ସଫଳ କରିବା ପାଇଁ ସମସ୍ତ ବିଭାଗ ସହଯୋଗ କରିବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରସ୍ତୁତି ବୈଠକରେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ମୁଖ୍ୟ କୃଷି ଅଧିକାରୀ , ଆଗ୍ନିକ ଅଧିକାରୀ ,ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି, ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ସାଂସ୍କୃତିକ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, କୋଷାଧକ୍ଷ ନାରାୟଣ ପାତ୍ର, ସଂଗଠନ ସଂପାଦକ ସତ୍ୟବ୍ରତ ଦାସ, ସଂଯୋଜକ ହେକ୍ଟର ମିଶ୍ର, ବିଶ୍ୱନାଥ ମିଶ୍ର, ଶିବସୁନ୍ଦର ମିଶ୍ର, ସହ ସଂପାଦକ ବିଦ୍ରୋହ କେଶରୀ ସିଂହ, ଆଇଟି ସଂପାଦକ ରିତେଶ କୁମାର ମହାନ୍ତି, ଦିବ୍ୟ ପ୍ରକାଶ ସୁବୁଦ୍ଧି, ପୁଷ୍କର ସାହୁ , ପ୍ରଶାନ୍ତ କୁମାର ସାହୁ, ପୂର୍ଣ୍ଣ ଚନ୍ଦ୍ର ଓଝା ପ୍ରମୁଖ ଯୋଗ ଦେଇଥିଲେ।

# ଆମ ସରକାର ଲୋକଙ୍କ ସରକାର : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୩।୬ (ମହାଭାରତ):** ରାଜ୍ୟରେ ବିଜେପି ସରକାରର ଏକବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଆମ ସରକାର ହେଉଛି ଲୋକଙ୍କ ସରକାର। ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିକୁ ବର୍ଷେ ତଳେ ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଏବଂ ଆପଣଙ୍କ ବିଶ୍ୱାସ ଓ ସମର୍ଥନ ସହ ଆମେ ସରକାର ଗଢ଼ିଲୁ। ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ପଥପ୍ରଦର୍ଶନ ସହ, ମୁଁ ଆମ ମହାନ ଓଡ଼ିଶା ମାଟିର ମୁଖ୍ୟମନ୍ତ୍ରୀ ପଦର ଶପଥ ଗ୍ରହଣ କରିଥିଲି। ଲୋକଙ୍କ ସେବା କରିବା ମୋର ଏକମାତ୍ର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ। କଲେଜରେ ପଢୁଥିବା ବେଳେ ରାଷ୍ଟ୍ରସେବା ଓ ଜନସେବା ମନୋବୃତ୍ତି ରଖି ସ୍ୱୟଂସେବକ, ଶିକ୍ଷକ, ସରପଞ୍ଚ, ବିଧାୟକ ଓ ଆଜି ମୁଖ୍ୟମନ୍ତ୍ରୀ ଭାବେ ଆପଣମାନଙ୍କ ସମସ୍ୟା ସମାଧାନ ପାଇଁ ନିରନ୍ତର ଲଢ଼ିଛି ଆଉ ଲଢୁଛି ମଧ୍ୟ। ସରକାର ଗଠନର ବର୍ଷେ ଭିତରେ ଅନେକ ଉପଲବ୍ଧି ହାସଲ କରିଛୁ, କିନ୍ତୁ ଜଣେ ତୃଣମୂଳ ସ୍ତରରେ କାମ କରୁଥିବା ସାଧାରଣ ପରିବାରର ପିଲାଟିଏ ମଧ୍ୟ ଦିନେ ମୁଖ୍ୟମନ୍ତ୍ରୀ ହୋଇପାରିବ, ଏଇ ଆଶା ହିଁ ସବୁଠୁ ବଡ଼ ଉପଲବ୍ଧି ଆମ ପାଇଁ। ମୁଁ ମୁଖ୍ୟମନ୍ତ୍ରୀ ହେବା ପରେ ପ୍ରଥମେ କହିଥିଲି ଆମ ସରକାର ହେଉଛି ଲୋକଙ୍କ ସରକାର । ସେଇଥିପାଇଁ ମୁଁ ସବୁବେଳେ ଆପଣ ମାନଙ୍କ ନିକଟକୁ ଯିବାକୁ, ଆପଣମାନଙ୍କ ସହ ମିଶି ଆପଣଙ୍କ ସମସ୍ୟାକୁ ତୃଣମୂଳ ସ୍ତରରେ ହିଁ ବୁଝି ତା'ର ସମାଧାନ କରିବାକୁ ଚେଷ୍ଟା କରୁଛି।

# ଆୟ ବହିର୍ଭୂତ ସମ୍ପତ୍ତି

ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ ମୁଖ୍ୟମନ୍ତ୍ରୀଙ୍କ ଘରୁ ଭିଜିଲାନ୍ସ ଏତେ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଏବଂ ନଗଦ ଟଙ୍କା ଜବତ କରିଛି ଯେ, ତାହା ୧୦ଜଣ ଇଞ୍ଜିନିୟରଙ୍କ ଆୟ ସହ ସମାନ। ତାଙ୍କର ଠାବ ହୋଇଥିବା ସମ୍ପତ୍ତି ଆଖି ଖୋସିଲା ଭଳି । ଯେତିକି ସମ୍ପତ୍ତି ଠାବ ହୋଇଛି ସେତିକି ସେ ଖର୍ଚ୍ଚ ବି କରିଥିବେ। ଆହୁରି ଅନେକ ସମ୍ପତ୍ତି ସେ ଲୁକ୍କାୟିତ କରି ରଖିଥିବେ। ଏସବୁ ସାଧାରଣ ଲୋକଙ୍କ ଝାଳବୁହା ଧନ। ଲୋକଙ୍କ ଟିକସ ଅର୍ଥକୁ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟରେ ବିନିଯୋଗ କରାଯାଏ। ଏହାକୁ ସମ୍ପୃକ୍ତ ଇଞ୍ଜିନିୟର ଲୁଟ କରିଛନ୍ତି। କେବଳ ଏହି ଗୋଟିଏ ନୁହେଁ, ଏଭଳି ଅନେକ ସରକାରୀ ବାବୁ, ଇଞ୍ଜିନିୟରମାନେ ସମାଜରେ ବେଶ ସମ୍ମାନର ସହ ରହିଛନ୍ତି। ସେମାନେ ଚୋରୀ କରି ନିଜକୁ ବାହାରକୁ ବେଶ ସାଧୁ ବୋଲି ଦର୍ଶାଉଛନ୍ତି। ସେମାନଙ୍କ ମୁଖା ଖୋଲାଯିବା ସହ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ସେମାନଙ୍କ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ ହେବା ଉଚିତ। କହିବା ବାହୁଲ୍ୟ ଯେ, ପ୍ରତିବର୍ଷ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହେଉଛି। ସରକାରୀ ବାବୁ ମାନେ ଦୁର୍ନୀତି ବିରୋଧରେ ଶପଥପାଠ କରୁଛନ୍ତି। ରାଜ୍ୟ ସରକାରଙ୍କର ଏକ ଦୁର୍ନୀତି ନିବାରଣ ବିଭାଗ ରହିଛି। ଏହି ବିଭାଗ ଅନେକ ସମୟରେ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ, ଅଫିସର, ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ସେମାନଙ୍କ ଘରେ ରେଡ କରାଯାଉଛି। କୋଟି କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଜବତ ହେଉଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି, ପରେ ସସପେଣ୍ଡ ବି ହେଉଛନ୍ତି। କୋର୍ଟରେ ମାମଲା ହେଉଛି। କିନ୍ତୁ ବାସ୍ତବରେ ଏହି ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ ଦଣ୍ଡହାର ଅତି କମ। ଅର୍ଥାତ ତଳ କୋର୍ଟରେ ହେଉ ବା ଉପର କୋର୍ଟରେ ଅଭିଯୁକ୍ତମାନେ କୋର୍ଟରେ ପ୍ରମାଣ ଅଭାବରୁ ଖସିଯାଉଛନ୍ତି। ଖୁବ କମ ବ୍ୟକ୍ତି ବାସ୍ତବରେ ଦଣ୍ଡିତ ହେଉଛନ୍ତି। ସବୁଠାରୁ ବଡ଼ କଥା ହେଲା ଯେଉଁମାନେ ଦୁର୍ନୀତି ଅଭିଯୋଗରେ ଧରାପଡୁଛନ୍ତି ସେମାନଙ୍କ ମଧ୍ୟରୁ ଖୁବ କମ ବ୍ୟକ୍ତି ଉଚ୍ଚପଦସ୍ଥ। ଆଇଏଏସ, ଆଇପିଏସ ଅଫିସର କ୍ୱଚିତ ଭିଜିଲାନ୍ସ ଜାଲରେ ପଡୁଛନ୍ତି। ଅଧିକାଂଶ କ୍ଷେତ୍ରରେ ଦ୍ୱିତୀୟ ବା ତୃତୀୟ ଶ୍ରେଣୀ କର୍ମଚାରୀ ବା ଜୁନିୟର ପ୍ରଥମ ଶ୍ରେଣୀ ପାହ୍ୟାର ଅଫିସର ଧରାପଡୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୁର୍ନୀତି ନିବାରଣ ପାଇଁ ଏତେ ପଦକ୍ଷେପ, ଅଭିଯାନ ସତ୍ତ୍ୱେ ଦୁର୍ନୀତି ଲୋପ ପାଇବା ଦୂରର କଥା ଏହା ହ୍ରାସ ପାଇବାର ମଧ୍ୟ ସଙ୍କେତ ମିଳୁନି। ପ୍ରତି ସ୍ତରରେ ଦୁର୍ନୀତି ଚାଲିଛି। ଯିଏ ଯେଉଁଠି ପାରିଲା ରାଜକୋଷକୁ ଲୁଟ କରୁଛନ୍ତି। ଆଉ ସାଧାରଣ ଲୋକଟିଏ ସରକାରୀ ଅଫିସକୁ କୌଣସି କାମରେ ଗଲେ ଲାଞ୍ଚ ନଦେଲେ ତାଙ୍କ କାମ ହେଉନି। ଦୁର୍ନୀତି ଯୋଗୁ ସାଧାରଣ ଲୋକଟିଏ ଶୋଷଣର ଶିକାର ହେଉଛି। ତହସିଲ ଅଫିସଠାରୁ ଆରମ୍ଭ କରି ବିଡିଓ, କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଛି। ବିଭିନ୍ନ ଇଞ୍ଜିନିୟରିଂ ବିଭାଗ ଦୁର୍ନୀତିରେ ବୁଡ଼ି ରହିଛନ୍ତି। ଗୋଟିଏ ରାସ୍ତା ପାଇଁ କୋଟିଏ ଟଙ୍କା ଖର୍ଚ୍ଚ ହେଲେ କଣ୍ଟ୍ରାକ୍ଟର ବିଲ ହେଉଛି ୫ କୋଟି ଟଙ୍କା। କଣ୍ଟ୍ରାକ୍ଟର ନିଜ ଲାଭ ବାଦ ମୂଳରୁ ଚୂଳ ପର୍ଯ୍ୟନ୍ତ ସବୁଠି ପିସି ଦେଉଛନ୍ତି। ଗରିବ ଲୋକଙ୍କ ଟିକସ ଅର୍ଥକୁ ଏପରି ଭାବେ ଲୁଟ କରାଯାଉଛି। ଆଉ ଦୁର୍ନୀତି ଯୋଗୁ କାମ ବି ନିମ୍ନମାନର ହେଉଛି। ପୁଣି ବର୍ଷେ ଦୁଇ ବର୍ଷ ପରେ ସେହି କାମ ପାଇଁ ଟେଣ୍ଡର ଡକାଯାଉଛି। ଏହା ହେଉଛି ଆମ ଶାସନ ବ୍ୟବସ୍ଥା। ବ୍ୟବସ୍ଥାରେ ଏତେ ତ୍ରୁଟି ରହିଛି ଯେ, ଏହାକୁ ସୁଧାରିବା ସମ୍ଭବ ହେଉନି। ୩ ମାସ ତଳେ ମାଲକାନଗିରି ଜିଲ୍ଲାର ଜଣେ ପିଡି ଭିଜିଲାନ୍ସ ଜାଲରେ ପଡ଼ିଛି। ଚଢ଼ଉ ବେଳେ ତାଙ୍କ ନିକଟରେ ନଗଦ ପ୍ରାୟ ୨ କୋଟି ଟଙ୍କା ଏବଂ ବିପୁଳ ପରିମାଣର ସୁନା ତଥା ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଜଣେ ସାଧାରଣ ସରକାରୀ କର୍ମଚାରୀଙ୍କ ନିକଟରେ ଏତେ ସମ୍ପତ୍ତି କିପରି ଆସିଲେ ତାହା ନିଶ୍ଚିତ ଭାବେ ବଡ଼ ପ୍ରଶ୍ନବାଚୀ। ଦୁର୍ନୀତିପୂର୍ଣ୍ଣ ଉପାୟରେ ସେ କଳା ଟଙ୍କାର ପାହାଡ଼ ସୃଷ୍ଟି କରିଛନ୍ତି। ଆଉ ଅନେକ ବର୍ଷ ହେବ ସେ ବେଶ ଆୟସରେ ଜୀବନ ବିତାଇଥିବେ। କୋଟି କୋଟି ଟଙ୍କା ବିଳାସ ବ୍ୟସନରେ ବ୍ୟୟ କରିଥିବେ। ଏହା ବାଦ ଏତେ ଟଙ୍କା ପାଖରେ ରଖିଛନ୍ତି। ତାହା ପୁଣି ନଗଦ ଟଙ୍କା ଆକାରରେ। ତାଙ୍କ ନିକଟରୁ ଜବତ ହୋଇଥିବା ସୁନା ମୂଲ୍ୟ ମଧ୍ୟ ପ୍ରାୟ ୫୦ ଲକ୍ଷ ଟଙ୍କା ହେବ। ଘର ଏବଂ ଜମି ମୂଲ୍ୟ ପ୍ରାୟ ୫ କୋଟି ଟଙ୍କା ହେବ। ଏଥିରେ ତାଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଛି।

# ପାକ୍ ଓ ଜମାତର ଭାରତ ବିରୋଧୀ ପ୍ରଚ୍ଛର

॥ ସୌମେନ୍ଦ୍ର ଜେନା ॥

“ ପ୍ରାଥମିକ ସ୍ତରରେ ଉଜ୍ଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧ୍ୟମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା’ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ । ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା’ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା’ନ୍ତି ।

ମଣିଷ ପ୍ରାକୃତିକ ଭାବେ ବଂଚିବା ଲକ୍ଷରେ କେବଳ ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ବ୍ୟତୀତ କେତେବେଳେ କିଛି ଆନନ୍ଦ ଉପଭୋଗ କରିବା ପାଇଁ ଅତ୍ୟଧିକ ଖର୍ଚ୍ଚ କରିବାକୁ ପଡିଥାଏ । ଖାଦ୍ୟ ବସ୍ତ୍ର ଏବଂ ବାସଗୃହର ସଜ୍ଞା ଦୁଇଟି ପରିବାର ପାଇଁ ସମାନ ହୋଇଥବା ବେଳେ ଆନନ୍ଦ ଉପଭୋଗର ସଂଜ୍ଞାରେ ବ୍ୟାପକ ଅନ୍ତର ପରିଲକ୍ଷିତ ହୋଇଥାଏ ଦୁଇଟି ପରିବାର ମଧରେ । ଆଉ କେବଳ ଏହି ଆନନ୍ଦ ପାଇଁ ସାଧାରଣ ନିର୍ବୋଧ ଅହେତୁକ ଭାବେ ଲୁଣ୍ଠନର ଶିକାର ହୋଇ ବ୍ୟାପକ ଅର୍ଥ ନଷ୍ଟ କରିଥା’ନ୍ତି ଯାହା ବ୍ୟପାରୀ ସେମାନଙ୍କ ଠାରୁ ହାତେଇବାରେ ସମର୍ଥ ହୋଇଥା’ନ୍ତି । କେଉଁ କେଉଁ ମାର୍ଗରେ ବ୍ୟପାରୀ ସମାଜରୁ ଅର୍ଥ ଆଦାୟ ପୂର୍ବକ ସାଧାରଣ ନିର୍ବୋଧଙ୍କୁ ଦୁଃଖରେ ବଂଚିବାକୁ ସୁଯୋଗ ସୃଷ୍ଟି କରନ୍ତି ତର୍ଜମା କରିବା...

ପ୍ରାଥମିକ ସ୍ତରରେ ଉଜ୍ଜ୍ୱଳ ଭବିଷ୍ୟତ ତଥା ଅହେତୁକ ମୃତ୍ୟୁ ପରେ ପରିବାର ପୋଷଣ ଜନିତ କଷ୍ଟ ଦୂର କରିବା ଲକ୍ଷ ରଖି ବ୍ୟାପକ ବୀମା/ସଂଚୟ ମାଧମରେ ଆଶାତୀତ ରୋଜଗାର ବ୍ୟର୍ଥ କରିଥା’ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ସ୍ୱପ୍ନ । ଏକ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନରେ ପୀଡିତ ମର୍ମାହତ ପରିସ୍ଥିତିରେ ମଧ ଜୀବନର ସର୍ବସ୍ୱ ବ୍ୟର୍ଥ କରିବାରେ ଆଦୌ କୁଣ୍ଠାବୋଧ କରିନଥା’ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଭାବିଥିଲେ ମଧ ସାକାର କରିବାରେ ଅସମର୍ଥ ରହି ଦୁଃଖରୁ ନିବୃତ ରହିଥା’ନ୍ତି । ବ୍ୟକ୍ତିଗତ ଗମନାଗମନ ବ୍ୟବସ୍ଥା ପାଇଁ ଅକାରଣରେ ବ୍ୟାପକ ଅର୍ଥ ନଷ୍ଟ କରିଥା’ନ୍ତି ଯାହା ସେମାନଙ୍କ ଦେଖାଣିଆ ଭାବକୁ କିଂଚିତ ଆତ୍ମତୃପ୍ତି ପ୍ରଦାନ କରୁଥିବା ବେଳେ ସେମିତି କୌଣସି ସାମାଜିକ ମାନ୍ୟତା ନଥାଇ ମଧ ବ୍ୟାପକ ଅର୍ଥ ବ୍ୟୟ କରିଥା’ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଅତ୍ୟନ୍ତ ସରଳ ସୂତ୍ରରେ ନିର୍ବାହ କରିଥା’ନ୍ତି ଖୁବ୍ କମ୍ ଖର୍ଚ୍ଚ ମାଧମରେ । ବାହାରେ ଖାଦ୍ୟ ଖାଇବା ତଥା ଦେଖାଣିଆ ଭାବେ ସମାଜରେ ନିଜକୁ ପ୍ରତିଷ୍ଠିତ କରିବା ଚିନ୍ତନ କାରଣରୁ ଅଜସ୍ର ଅର୍ଥ କ୍ଷୟ କରିବା ସହିତ ବ୍ୟାପକ ଅସାଧ ରୋଗ କ୍ରୟ କରିଥା’ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ଆଦୌ କରନ୍ତି ନାହିଁ । ନିସାଗ୍ରସ୍ତ ହୋଇ ଜୀବନର ଆର୍ଥିକ ରୋଜଗାରର ଏକ ତୃତୀୟାଂଶ କିମ୍ବା ତାହାଠାରୁ ଅଧିକ ଖର୍ଚ୍ଚ କରିଥା’ନ୍ତି ନିର୍ବୋଧ ଯାହା ପ୍ରଥମ ପରିବାର ପାଇଁ ଏକ ଆଲୋଚ୍ୟ ବିଷୟ ହୋଇ ରହିଯାଇଥାଏ କେବଳ । ଏହିଭଳି ଅନେକ କୃତିମ ଅମାନୁଷିକ ଆଚରଣ ଜନିତ ବ୍ୟାପକ ରୋଗ ଅର୍ଜିବା ଏବଂ ତାହାର ପ୍ରତିକାର ପାଇଁ ଘରୋଇ ଚିକିତ୍ସାଳୟରେ ଆଶାତୀତ ଖର୍ଚ୍ଚାନ୍ତର ଶିକାର ହୋଇଥା’ନ୍ତି ନିର୍ବୋଧ ଶିକ୍ଷିତ ଯାହା ପ୍ରଥମ ପରିବାର କରନ୍ତି ନାହିଁ, କାରଣ ସେମାନଙ୍କୁ ଏହିଭଳି କୌଣସି ବୃହତକାୟ ରୋଗ ଶିକାର କରିପାରେ ନାହିଁ । ଏମିତି ଆହୁରି ଅନେକ ଅନୈତିକ କାର୍ଯ୍ୟରେ ନିଜର ରୋଜଗାର ଅର୍ଥକୁ ଅକାରଣରେ ନିୟୋଜିତ କରି ଅଭାବର ଶିକାର ହୋଇ ଅସାମାଜିକ କାର୍ଯ୍ୟ କରି ବ୍ୟାପକ ଅର୍ଥ ହାତେଇଥା’ନ୍ତି ନିର୍ବୋଧ ଶିକ୍ଷିତ ଯାହାଙ୍କ ସେହି ରୋଜଗାରକୁ ବିଭିନ୍ନ ମହଲରେ ବ୍ୟପାରୀ ସ୍ତର ସ୍ତର କରି ପରୋକ୍ଷରେ ଲୁଣ୍ଠନ କରିଥା’ନ୍ତି ଏବଂ ସେମାନେ ସବୁବେଳେ କେବଳ ଦୁଃଖରେ ହିଁ କାଳାତିପାତ କରିଥା’ନ୍ତି କେତେ ରୋଜଗାର କଲେ ମଧ । କି’ନ୍ତୁ ପ୍ରଥମ ପରିବାରଟି ଏହିସବୁ ମାୟାରୁ ନିବୃତ୍ତ ରହି ନିଜକୁ ଏକ ସନ୍ତୁଳିତ ଅବସ୍ଥାରେ ରଖି ସୁଖରେ କାଳାତିପାତ କରିବାରେ ସମର୍ଥ ହୋଇଥା’ନ୍ତି ।

ବିଭିନ୍ନ ଅନ୍ୟାନ୍ୟ ମାଧମ ଗୁଡିକ ମଧରେ ନିଜକୁ ଅତିମାନବର ପରିଚୟ ପ୍ରଦାନ କରିବା ଲକ୍ଷ ରଖି ସାମାଜିକ ସ୍ତରରେ କେତେଯେ ଅନାବଶ୍ୟକ ଖର୍ଚ୍ଚାନ୍ତ ହୋଇଥା’ନ୍ତି ନିର୍ବୋଧ ଶିକ୍ଷିତ ତାହାର ପରିକଳ୍ପନା କରିବା କଷ୍ଟ । ଉଦାହରଣ ସ୍ୱରୂପ ନିଜର ବଡ଼ିମା ଦେଖାଇବା ପାଇଁ ବିଭିନ୍ନ ରାସାୟନିକ ପଦାର୍ଥ ଗୁଡିଏ ବ୍ୟବହାର କରିଥା’ନ୍ତି ଯାହା କେତେବେଳେ ଖାଦ୍ୟ ପଦାର୍ଥ ତ ଆଉ କେତେବେଳେ ଶାରୀରିକ ବାହ୍ୟ ପ୍ରୟୋଗ ହୋଇଥାଏ ଯାହା ସବୁ ଅସମ୍ଭବ ଦରରେ ବିକ୍ରି ହୋଇଥାଏ ବଜାରରେ ବ୍ୟପାରୀଙ୍କ ଦ୍ୱାରା ଯାହା ବ୍ୟବହାର କରି କେବଳ ଖର୍ଚ୍ଚାନ୍ତ ହେବାକୁ ପଡ଼ିନଥାଏ ବରଂ ଅସଂଖ୍ୟ ରୋଗ ସୃଷ୍ଟି କରିଥାଏ ସେହିସବୁ ରାସାୟନିକ ଦ୍ରବ୍ୟ ଗୁଡିକ ଯାହା ନିର୍ବୋଧ ଶିକ୍ଷିତ ଆଦୌ ଜାଣିପାରନ୍ତି ନାହିଁ । ପ୍ରଥମ ପରିବାର କି’ନ୍ତୁ ସେଗୁଡିକୁ ଆଦୌ ଦେଖନ୍ତି ନାହିଁ କିମ୍ବା ତାହା ବିଷୟରେ କୌଣସି ଅନୁଶୋଚନା ରହିନଥାଏ ସେମାନଙ୍କର ଯାହା ସେମାନଙ୍କୁ ସୁଖରେ ବଂଚିବା ପାଇଁ ସୁଯୋଗ ଦେଇଥାଏ । ଦୁରବାର୍ତ୍ତା, ଦୂରଦର୍ଶନ, ନାଚ, ଗୀତ, କ୍ରୀଡା ଭଳି ମନୋରଂଜନକାରୀ ବ୍ୟବହାର ଯେତିକି ମାତ୍ରାରେ ଆର୍ଥିକ ଶୋଷଣ କରିଥାଏ ସମାଜରୁ ଅକଳନିୟ ! ଏଗୁଡିକ ଜଣେ ମଣିଷ ଜୀବନ ବଂଚିବା ଶୈଳୀରେ କୌଣସି ଅତ୍ୟାଶ୍ୟକତା ରଖିନଥିବା ବେଳେ କେବଳ ସାମାଜିକ ପ୍ରହେଳିକା କାରଣରୁ ନିଜକୁ ସର୍ବାଗ୍ରେ ରଖିବା ଲକ୍ଷ ରଖି ଯେତିକି ଅର୍ଥ ନଷ୍ଟ କରିଥା’ନ୍ତି ସାଧାରଣ ନିର୍ବୋଧ ତାହାର ହିସାବ ଦେଲେ ହୁଏତ ମଣିଷ ବେହୋସ ହୋଇଯିବ ଯାହା ସବୁ ବ୍ୟପାରୀ ବିଭିନ୍ନ ମାଧମରେ ଲୁଟି ନେଇଥା’ନ୍ତି ଲୋକଙ୍କ ଠାରୁ । ବସ୍ତ୍ର, ବାସଗୃହ, ଉପକରଣ ତଥା ଖାଦ୍ୟ ପଦାର୍ଥ ଗୁଡିକର ଅତ୍ୟାଧୁନିକରଣ ଜନିତ ଅନାବଶ୍ୟକ ପଦାର୍ଥ ଗୁଡିକୁ ଅହେତୁକ ଭାବେ ଜୀବନ ଶୈଳୀରେ ଯୋଡ଼ିଦେଇ ବ୍ୟାପକ ଖର୍ଚ୍ଚାନ୍ତ ହୋଇଥା’ନ୍ତି ଯାହାସବୁ କେବଳ ବିଭିନ୍ନ ପ୍ରଚାର ପ୍ରସାର ଜନିତ ଅଜ୍ଞତା ଜଡିତ ବ୍ୟବହାର କରିଥା’ନ୍ତି ନିର୍ବୋଧ ଏବଂ ପରୋକ୍ଷରେ ଆର୍ଥିକ ଭାରାକ୍ରାନ୍ତ ହୋଇ ଦୁଖଦଃ ପରିସ୍ଥିତି ସୃଷ୍ଟି କରିଥା’ନ୍ତି ନିଜକୁ ନିଜେ । ଏହିଭଳି ବ୍ୟାପକ କାରଣ ଜନିତ ଖର୍ଚ୍ଚାନ୍ତ ହୋଇଥା’ନ୍ତି ସାଧାରଣ ନିର୍ବୋଧ ଶିକ୍ଷିତ କିମ୍ବା ଅନ୍ୟାନ୍ୟ ଧନୀକ ଗୋଷ୍ଠୀର ମଣିଷ ଯାହା ସବୁ କୌଣସି ପ୍ରକାରେ ଜଣେ ପ୍ରାକୃତିକ ମଣିଷର ଅତ୍ୟାବଶ୍ୟକ ହୋଇନଥାଇ କେବଳ ସାମାଜିକ ପ୍ରହେଳିକା କାରଣରୁ । ସେସବୁ ହେତୁ ଅହେତୁକ ଭାବେ ନିଜକୁ ପଥଭ୍ରଷ୍ଟ କରି ବ୍ୟପାରୀଙ୍କ ଲୁଣ୍ଠନର ଶିକାର ହୋଇ ନିଜର ଆର୍ଥିକ ରୋଜଗାରକୁ ନଷ୍ଟ କରି ସମାଜରେ ଅନୈତିକ ଉପାୟରେ ଅର୍ଥ ଆଦାୟ କରି ନିଜକୁ ଦୁଃଖୀ କରି ବଞ୍ଚିଥା’ନ୍ତି ଜୀବନ ସାରା ଯାହା ପ୍ରଥମ ପରିବାର ନକରି ଆନନ୍ଦରେ ରହିଥା’ନ୍ତି । ଏମିତିକି କୌଣସି ନିଦର୍ଶନ ବିହନ କେବଳ କୁହେଳିକା ଜନିତ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ବିଷୟ ଗୁଡିକ ମାଧମରେ ସାଧାରଣ ମଣିଷ ସମୂହ ଯାହା ସବୁ ସାମାଜିକ ଖର୍ଚ୍ଚ କରିଥା’ନ୍ତି ସେଗୁଡିକୁ ବର୍ଜନ କରି ମଧ ଜଣେ ମଣିଷ ନିଜକୁ ସୁଖ ଶାନ୍ତିରେ ବଂଚିବା ସହିତ ଆନନ୍ଦରେ ଶେଷ ନିଶ୍ୱାସ ତ୍ୟାଗ କରିପାରିବ ଜୀବନ ଶେଷରେ ଯାହାର ସଜ୍ଞା ବୁଝାପଡୁନାହିଁ କାହାକୁ ଆଜିର ବ୍ୟପାରୀଙ୍କ ପ୍ରଚାର ଜନିତ କରାଳତା କାରଣରୁ । ନିଜର ପରିଚୟ ନପାଇ କେବଳ ଅନ୍ୟର ପ୍ରରୋଚନାରେ ନିଜକୁ ସର୍ବାଗ୍ରେ ସ୍ଥାପନ କରିବା ଲକ୍ଷ ରଖି ଯାହାସବୁ କରୁଛନ୍ତି ସାଧାରଣ ନିର୍ବୋଧ ସେଗୁଡିକର କୌଣସି ପ୍ରାକୃତିକ ସଜ୍ଞା ନାହିଁ ।

ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ-୭୬୧୦୨୦

ଦୂରଭାଷ.: ୯୪୩୭୩୨୪୯୧୭.

# ଡାକ୍ତର ଫ୍ୟାକ୍ଟ୍ରି

॥ ସମ୍ବିତ ସାଇ ନାରାୟଣ ଭୂୟାଁ ॥

ଡାକ୍ତରୀ ଶିକ୍ଷା (କିମ୍ବା ଡିଗ୍ରୀ) ଲାଭ କରିବା ପାଇଁ ଭାରତୀୟ ଛାତ୍ରଛାତ୍ରୀମାନଙ୍କର ଏପରି ବିପୁଳ ସଂଖ୍ୟାରେ ବିଦେଶ ଗମନ ପଛରେ ଯେଉଁ ଦୁଇଟି କାରଣ ନିହିତ ଅଛି ବୋଲି କୁହାଯାଉଛି, ତାହା ହେଲା ଭାରତରେ ଯଥେଷ୍ଟ ସଂଖ୍ୟକ ମେଡ଼ିକାଲ କଲେଜ ଓ ସିଟର ଅଭାବ ଏବଂ ଏଠାରେ ଡାକ୍ତରୀ ଶିକ୍ଷା ଲାଭ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ବହନ କରିବାକୁ ପଡୁଥିବା ଆକାଶଛୁଆଁ ଫି ଓ ଅନ୍ୟାନ୍ୟ ଖର୍ଚ୍ଚ। ଏ ସମ୍ପର୍କରେ ଏକ ସମ୍ୟକ ଧାରଣା ପାଇବା ପାଇଁ ଏ ସମ୍ପର୍କିତ ଏହି ପରିସଂଖ୍ୟାନ ଦ୍ରଷ୍ଟବ୍ୟ। ଏସବୁ ସୁସ୍ପଷ୍ଟ ହୋଇଯାଇଛି ଋଷ, ୟୁକ୍ରୋନ ଯୁଦ୍ଧ ସଂଘଠିତ ହେବା ପରେ। ଆମ ଦେଶରେ ପ୍ରତି ବର୍ଷ ଡାକ୍ତରୀ ଶିକ୍ଷାରେ ସ୍ନାତକ ସ୍ତରୀୟ ଡିଗ୍ରି ହାସଲ ପାଇଁ ବିଭିନ୍ନ କଲେଜମାନଙ୍କରେ ଉପଲବ୍ଧି ସିଟ (ଅର୍ଥାତ ଅଣ୍ଡରଗ୍ରାଜୁଏଟ ମେଡ଼ିକାଲ ସିଟ) ସଂଖ୍ୟା ହେଉଛି ପ୍ରାୟ ୯୦,୦୦୦ ମାତ୍ର (ଏକ ଲକ୍ଷରୁ କମ)। କିନ୍ତୁ ଏହା ପାଇବା ପାଇଁ ଯୋଗ୍ୟତା ସାବ୍ୟସ୍ତ କରିବାକୁ ଥିବା ‘ନିଟ୍’ ପରୀକ୍ଷାରେ ୧୬ ଲକ୍ଷରୁ ଅଧିକ ଆଶାୟୀ ପ୍ରାର୍ଥୀ ଅଂଶ ଗ୍ରହଣ କରିଥାନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ଅଧାରୁ ଅଳ୍ପ ଅଧିକ, ପ୍ରାୟ ୮.୫ ଲକ୍ଷ ପ୍ରାର୍ଥୀ ଯୋଗ୍ୟତା ମାନ୍ୟତା ତାଲିକାରେ ସ୍ଥାନ ପାଇଥାନ୍ତି।

ଘରୋଇ ମେଡ଼ିକାଲ କଲେଜରେ ସରକାରୀ କୋଟା ଅନ୍ତର୍ଗତ ସିଟ ଟିଏ ପାଇଲେ ମଧ୍ୟ ତଥାପି ତାହା ଏପରି ବ୍ୟୟ ବହୁଳ ହୋଇଥାଏ ଯେ ସାଧାରଣ ପରିବାରର ପିଲାଟିଏ ପାଇଁ ତାହା ପହୁଞ୍ଚ ବାହାରେ ହୋଇଥାଏ। ଏପରି ଘରୋଇ କଲେଜରେ ଡାକ୍ତରୀ ଶିକ୍ଷା ଲାଭ ପାଇଁ ଆବଶ୍ୟକ ଖର୍ଚ୍ଚ ଅନ୍ୟୂନ ଏକ କୋଟି ଟଙ୍କା କିମ୍ବା ତା’ଠାରୁ ଅଧିକ ହୋଇଥାଏ। ଏପରିସ୍ଥଳେ ଏହି ବ୍ୟବସ୍ଥାର ଏକ ବିକୃତି ପରିସ୍ଫୁଟ ହେବା ଦେଖାଯାଇଥାଏ। ଯୋଗ୍ୟତା ତାଲିକାର ଅପେକ୍ଷାକୃତ ଉପରେ ଥିବା ମେଧାବୀ ଛାତ୍ରଟିଏ ଯଦି ଅସ୍ୱଚ୍ଛଳ ପରିବାରର ପିଲା ହୋଇଥାଏ ଓ ତେଣୁ ତାକୁ ମିଳୁଥିବା ସିଟ ଗ୍ରହଣ କରିବାକୁ ସେ ଅକ୍ଷମ ହୁଏ, ତାହେଲେ ତାଲିକାର ତଳେ ଥିବା ମେଧାହୀନ କିନ୍ତୁ ଧନବାନ କୌଣସି ଏକ ପିଲାଟି ସେ ସିଟ ଦଖଲ କରିନିଏ। ଅତ୍ୟନ୍ତ ନୀଚା କଟ ଅଫ ମାର୍କ ଯେ ଏହି ବିକୃତି ସୃଷ୍ଟିରେ ସହାୟକ ହୋଇଥାଏ, ତାହା ସୂଚାଇବା ନିଷ୍ପ୍ରୟୋଜନ।

ତଥ୍ୟ କହୁଛି ଭାରତରେ ମେଡ଼ିକାଲ ସିଟ ସଂଖ୍ୟା ପାଖାପାଖି ୧ଲକ୍ଷ ୨୦ ହଜାର। ସେଥି ମଧ୍ୟରୁ ଏମବିବିଏସ ସିଟ ସଂଖ୍ୟା ଦେଖାବାକୁ ଗଲେ ପ୍ରାୟ ୮୩ ହଜାର। ୨୮୭ଟି ସରକାରୀ ଓ ୨୬୩ଟି ଘରୋଇ ମେଡ଼ିକାଲ କଲେଜକୁ ମିଶାଇ ୫୪୧ କଲେଜରେ ମୋଟ ୮୨ ହଜାର ୯୨୬ଟି ଏମବିବିଏସ ସିଟ ଉପଲବ୍ଧ ଅଛି। ହେଲେ ଡାକ୍ତରୀ ନାମ ଲେଖା ପାଇଁ ପ୍ରତିବର୍ଷ ୧୫ ଲକ୍ଷରୁ ଅଧିକ ଛାତ୍ରଛାତ୍ର ନଟ ପଞ୍ଜୀକରଣ କରୁଛନ୍ତି। ଓଡ଼ିଶାରେ ମଧ ସମାନ ଅବସ୍ଥା। ଓଜେଇର ୧୪୬୬ ମେଡ଼ିକାଲ ସିଟ ପାଇଁ କାଉନସେଲିଂ କରୁଥିବାବେଳେ ରାଜ୍ୟରେ ଆଶାୟୀଙ୍କ ସଂଖ୍ୟା ୧୦ ହଜାରରୁ ଅଧିକ। ସରକାରୀ ମେଡ଼ିକାଲ ସିଟ ପାଇବାରୁ ବଞ୍ଚିତ ଛାତ୍ରଛାତ୍ରୀ ଯଦିଓ ଘରୋଇ ମେଡ଼ିକାଲ କଲେଜରେ ନାମ ଲେଖା ପାଇଁ ଆଶା ରଖୁଛନ୍ତି। ମାତ୍ର ଘରୋଇ କଲେଜର କୋର୍ସ ଫି ବହନ କରିବା ସେମାନଙ୍କ ଅଭିଭାବକଙ୍କ ପାଇଁ ସମ୍ଭବପର ହେଉନି। ତେଣୁ ଦେଶର ଅଧିକାଂଶ ଛାତ୍ରଛାତ୍ରୀ ୟୁକ୍ରେନ, ରୁଷିଆ, ନେପାଳ ଆଦି ଦେଶରେ ମେଡ଼ିକାଲ ପଢ଼ିବା ପାଇଁ ଯାଉଛନ୍ତି। ମିଳିଥିବା ସୂଚନା ଅନୁସାରେ ୟୁକ୍ରେନର ଏକ ମେଡ଼ିକାଲ କଲେଜରେ ଏମବିବିଏସ ପଢ଼ିବା ପାଇଁ ବାର୍ଷିକ ହାରାହାରି ୪ ହଜାର ୫ଶହ ୟୁକ୍ରେନ ଡଲାର ଖର୍ଚ୍ଚ ହେଉଛି। ଯାହାକି ଭାରତୀୟ ମୁଦ୍ରାରେ ଅନୁମାନିକ ୩ ଲକ୍ଷ ୩୦ ହଜାର ଟଙ୍କା। ତେବେ ସେଠାରେ ଛାତ୍ରଛାତ୍ରୀ ୬ ବର୍ଷ ଧରି ଏମବିବିଏସ ପଢ଼ିଥାନ୍ତି। ଏଥିପାଇଁ ସେମାନଙ୍କୁ ସମୁଦାୟ ୧୮ରୁ ୨୦ ଲକ୍ଷ ଟଙ୍କା ସର୍ବାଧିକ ଖର୍ଚ୍ଚ କରିବାକୁ ପଡ଼େ। ହେଲେ ଭାରତରେ ଏପରିକି ଓଡ଼ିଶାରେ ମଧ ଘରୋଇ କଲେଜରେ ମେଡ଼ିକାଲ ପଢ଼ିବା ପାଇଁ ପିଲାଙ୍କୁ ବାର୍ଷିକ ହାରାହାରି ୧୨ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଦେଖିବାକୁ ଗଲେ ଭାରତରେ ୪ ବର୍ଷରେ ଏମବିବିଏସ ପାଇଁ ଖର୍ଚ୍ଚ ହେଉଥିବା ଅର୍ଥ ରାଶିର ୪୦ ପ୍ରତିଶତରୁ କମ ଅର୍ଥାତ ଅଧା ଖର୍ଚ୍ଚରେ ପିଲାମାନେ ଏମବିବିଏସ ପଢ଼ିବାରେ ସକ୍ଷମ ହେଉଛନ୍ତି। ତେଣୁ ଦେଶର ଅଧିକାଂଶ ଛାତ୍ର ଏଠାକୁ ଡାକ୍ତରୀ ପଢ଼ିବା ପାଇଁ ଯାଇଥାନ୍ତି। ରୁଷିଆରେ ମଧ ଏମବିବିଏସ ପଢ଼ିବା ପାଇଁ ୨୦ରୁ ୨୨ ଲକ୍ଷ ଟଙ୍କା ମଧ୍ୟରେ ଖର୍ଚ୍ଚ ହୁଏ। ସେହିପରି ବିଦେଶରେ ମଧ କୌଣସି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୁଏ ନାହିଁ। ମେଡ଼ିକାଲ କଲେଜରେ ସିଟ ଗୁଡ଼ିକ ସଂଖ୍ୟା ମଧ ଯଥେଷ୍ଟ ଅଧିକ। ଅନ୍ୟପକ୍ଷରେ ବିଦେଶରେ ଏମବିବିଏସ ପଢ଼ି ଭାରତ ଫେରୁଥିବା ଡାକ୍ତରଙ୍କୁ ସିଧାସଳଖ ଚିକିତ୍ସା ତଥା ପ୍ରାକ୍ଟିସ (ଡାକ୍ତରୀ ଅଭ୍ୟାସ) ପାଇଁ ସୁଯୋଗ ମିଳିନଥାଏ। ଏଥିପାଇଁ ସେମାନଙ୍କୁ ଏମ୍ଏମଜିଇ (ଫରେନ ମେଡ଼ିକାଲ ଗ୍ରାଜୁଏଟ ଏକଜାମିନେସନ)ରେ ଉତ୍ତୀର୍ଣ୍ଣ ହେବାକୁ ପଡ଼େ। ତେବେ ବିଦେଶର ମେଡ଼ିକାଲ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ ଏମସିଆଇ (ମେଡ଼ିକାଲ କାଉନସିଲ ଅଫ ଇଣ୍ଡିଆ) ଅନୁମୋଦିତ ହୋଇଥିବା ଜରୁରୀ। ବିଦେଶରେ ଏମବିବିଏସ ଅଧ୍ୟୟନ କରିବା ଖର୍ଚ୍ଚ ଭାରତ ତୁଳନାରେ ଯଥେଷ୍ଟ କମ। ପ୍ରତିବର୍ଷ ୧୬ ଲକ୍ଷ ପିଲା ନିଟ ପରୀକ୍ଷା ଦେଉଥିବାବେଳେ ୮ଲକ୍ଷ କୃତକାର୍ଯ୍ୟ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୧ ଲକ୍ଷ ପିଲାଙ୍କୁ ସିଟ ମିଳୁଛି। ବଳକା ପିଲା ବିଦେଶରେ ଡାକ୍ତରୀ ପଢ଼ିବାକୁ ପସନ୍ଦ କରୁଛନ୍ତି। ହେଲେ ବିଡ଼ମ୍ବନାର ବିଷୟ ହେଉଛି ମାତ୍ର ୭ରୁ ୮ ପ୍ରତିଶତ ପିଲା ଏଫଏମଜିଇରେ କୃତକାର୍ଯ୍ୟ ହେଉଛନ୍ତି। ବିଦେଶରେ ଡାକ୍ତରୀ ପଢ଼ି ମଧ ଛାତ୍ରଛାତ୍ରୀ ସରକାରୀ ଚାକିରି କରିପାରିବେ। ଏଥିପାଇଁ ସେମାନଙ୍କୁ ଏଫଏମଜିଇରେ ଉତ୍ତୀର୍ଣ୍ଣ ହେବା ସହ ଭାରତରେ ପିଜି କରିବାକୁ ହୋଇଥାଏ। କମ ଖର୍ଚ୍ଚ ଓ ସିଟ ପାଇବା ପାଇଁ ହିଁ ପିଲାମାନେ ବିଦେଶ ଯାଇଥାନ୍ତି।

ଏକ ଜନକଲ୍ୟାଣ ରାଷ୍ଟ୍ରର ଯଦି ସର୍ବନିମ୍ନ ମୌଳିକ କର୍ତ୍ତବ୍ୟ ବୋଲି କିଛି ଥାଏ, ତାହା ହେଉଛି ନାଗରିମାନଙ୍କୁ ଉଚ୍ଚ ମାନର ନିଃଶୁଳ୍କ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଓ ଶିକ୍ଷାସେବା ପ୍ରଦାନ। ୧୯୮୦ ଦଶକ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ଏଠାରେ ରାଷ୍ଟ୍ରର ଦାୟିତ୍ୱ ହୋଇ ରହିଥିଲା। ତା ପର ଠାରୁ ଏଠାରେ ସ୍ୱାସ୍ଥ୍ୟସେବା ଏକ ଘରୋଇ ବ୍ୟବସାୟରେ ପରିଣତ ହେବା ସହିତ ଡାକ୍ତରୀ ଶିକ୍ଷା ମଧ ତାହା ହୋଇଯାଇଛି। ସରକାର କ୍ୟୁବା ଭଳି ଦେଶରେ ଅନୁସୃତ ମଡ଼େଲ କିମ୍ବା ଅନ୍ତତଃ ବ୍ରିଟେନର ଏନଏଚଏସ ଜାତୀୟ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ମଡ଼େଲ ରୂପେ ଗ୍ରହଣ କରି ଏଠାରେ ନାଗରିକମାନଙ୍କୁ ସିଧାସଳଖ ବ୍ୟୟଶୂନ୍ୟ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ବହୁ ସଂଖ୍ୟକ ସରକାରୀ ମେଡ଼ିକାଲ କଲେଜମାନ ସ୍ଥାପନ କରି ସୁଦକ୍ଷ ଡାକ୍ତର ମାନଙ୍କୁ ପ୍ରସ୍ତୁତ କରିବାରେ ରାଷ୍ଟ୍ରର ସମ୍ବଳ ବିନିଯୋଗକୁ ସାଲିସହୀନ ପ୍ରାଥମିକତା ପ୍ରଦାନ କରନ୍ତୁ।

ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର

# ଚାରି ପ୍ରକାରର ଜୀବନ

॥ ଶ୍ୟାମ ସୁନ୍ଦର ସାମଲା॥

ଜଗତରେ ମନୁଷ୍ୟର ଜୀବନ ଚାରି ପ୍ରକାର ଦେଖିବାକୁ ମିଳେ । ତାହା ହେଉଛି ନିକୃଷ୍ଟ ଜୀବନ, ସାମାନ୍ୟ ଜୀବନ, ସଫଳ ଜୀବନ ତଥା ମହତ୍ତ୍ୱପୂର୍ଣ୍ଣ ଜୀବନ । ଅପରାଧରେ ଲିପ୍ତ ରହୁଥିବା ନରାଧମଙ୍କ ଜୀବନ ନିକୃଷ୍ଟ ଜୀବନ । ଏଭଳି ବ୍ୟକ୍ତି ନିଜର ନୀଚ କର୍ମ ଦ୍ୱାରା ନିଜର ଜୀବନ ବ୍ୟର୍ଥ କରିଥାନ୍ତି ତଥା ଅନ୍ୟର ଜୀବନରେ ଅନେକ ପ୍ରକାର ସମସ୍ୟା ସୃଷ୍ଟି କରନ୍ତି । ଏହିଭଳି ବ୍ୟକ୍ତି ସମାଜ ପାଇଁ ଅମଙ୍ଗଳକାରକ । ତେଣୁ ଏହି ବ୍ୟକ୍ତିଙ୍କୁ ସମାଜ ହେୟ ଦୃଷ୍ଟିରେ ଦେଖିଥାଏ । ନିଜର ତଥା ନିଜ ପରିବାରକୁ ଉଚିତ ବୃତ୍ତି ଉପାୟରେ ଭରଣ ପୋଷଣ କରୁଥିବା ଏବଂ ସାମାନ୍ୟ ଜୀବନ ଅତିବାହିତ କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ପେଟ ପାଇଁ କାମ କରିବା ଏହି ଧରରଣର ଲୋକଙ୍କ ମୁଖ୍ୟ ଉଦ୍ଦେଶ୍ୟ । ମୋଟ ଉପରେ କହିଲେ ନିଜର ତଥା ନିଜ ପରିବାରର ଭରଣପୋଷଣ ପାଇଁ ଏଭଳି ଲୋକ୍ ଖୁବ୍ କମ୍ ଭୁଲ କାର୍ଯ୍ୟ କରନ୍ତି । ଏହିଭଳି ବ୍ୟକ୍ତି ସାମାନ୍ୟ ଜୀବନଯାପନ କରୁଥିବା ଶ୍ରେଣୀରେ ଆସିଥାନ୍ତି ।

ସାମାନ୍ୟ ଜୀବନ ଯାପନ କରୁଥିଲେ ହେଁ କୌଣସି କ୍ଷେତ୍ରରେ ବିଶେଷ ଉପଲବ୍ଧି ଅର୍ଜନ କରିଥିବା ଲୋକଙ୍କ ଜୀବନକୁ ସଫଳ ଜୀବନ କୁହାଯାଏ । କିଛି ଦିନ ପର୍ଯ୍ୟନ୍ତ ସମାଜ ତାଙ୍କୁ ମନେରଖେ । ତାଙ୍କଠାରୁ କୌଣସି ବ୍ୟକ୍ତି ସଫଳତା ଅର୍ଜନ କଲେ ଉକ୍ତ ବ୍ୟକ୍ତିର ସଫଳତା ନ୍ୟୂନ ହୋଇଯାଏ । ଏହିଭଳି ବ୍ୟକ୍ତି ସଫଳ ଜୀବନ ଅତିବାହିତ କରୁଥିବା ବର୍ଗରେ ଆସିଥାନ୍ତି । ଯେଉଁ ବ୍ୟକ୍ତି ଅନ୍ୟର ଦୁଃଖକୁ ଦୂର କରିବାରେ ସଂପୃକ୍ତ ରହିଥାନ୍ତି, ନିଜର ଦୁଃଖକୁ ଖାତିର କରନ୍ତି ନାହିଁ, ‘ବହୁଜନ ହିତାୟ ବହୁଜନ ସୁଖାୟ’କୁ ଆଧାର ଭାବେ ଗ୍ରହଣ କରି ଯିଏ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବିଶ୍ୱମଙ୍ଗଳ ପ୍ରକ୍ରିୟାରେ ଜଡ଼ିତ ହୋଇଯାଏ ସେ ମହତ୍ତ୍ୱପୂର୍ଣ୍ଣ ଜୀବନକାରୀ ହୋଇଥାନ୍ତି । ଏହି ମହାପୁରୁଷଙ୍କ କୀର୍ତ୍ତି ପତାକା ଯୁଗ ଯୁଗ ଧରି ଅମର ରହେ । ସାଧାରଣତଃ ପ୍ରତ୍ୟେକ ସମାଜରେ ଚାରି ପ୍ରକାରର ବ୍ୟକ୍ତିଙ୍କ ଉପସ୍ଥିତି ଦେଖିବାକୁ ମିଳେ । ଏଥିପାଇଁ ସମାଜରେ ଅପରାଧ, ଜୀବନ ସଂଘର୍ଷ, ତ୍ୟାଗବୃତ୍ତି ଏବଂ ପରମାର୍ଥଙ୍କ ହିତ ପାଇଁ ସ୍ୱୟଂକୁ ବଳିଦାନ ଦେଉଥିବା ଲୋକ ସମୟ ସମୟରେ ଆମ ସମ୍ମୁଖକୁ ଆସିଥାନ୍ତି । ପ୍ରତ୍ୟେକ ବ୍ୟକ୍ତିକୁ ଏହି ଚାରି ପ୍ରକାରର ବ୍ୟକ୍ତିଙ୍କ ମଧ୍ୟରେ ଜୀବନ ଅତିବାହିତ କରିବାକୁ ହୁଏ ।

ମନୁଷ୍ୟ ଆତ୍ମଜ୍ଞାନର ଅନ୍ୱେଷଣରେ ଅନେକ ପ୍ରକାର ଆଧାତ୍ମିକ ସାଧନା କରୁଛି। ଜଣେ ସବୁ ଶାସ୍ତ୍ର ଅଧ୍ୟୟନ କରିପାରେ, ପବିତ୍ର ସ୍ଥାନଗୁଡ଼ିକୁ ତୀର୍ଥଯାତ୍ରା କରିପାରେ, ଗୁରୁଙ୍କର ଦିଗ୍‌ଦର୍ଶନ ଲାଭ କରିପାରେ କିମ୍ବା ଅନ୍ୟ ପ୍ରକାର ସାଧନା କରିପାରେ, କିନ୍ତୁ ସେ ନିଜର ଆତ୍ମାକୁ ହୃଦୟଙ୍ଗମ କରିବା ପାଇଁ ନିଜର ଦୃଷ୍ଟିକୁ ଅନ୍ତର୍ମୁଖୀ ନ କଲେ ଏହିସବୁ ଉପାୟରେ ଆତ୍ମୋପଲବ୍ଧି କରିପାରିବ ନାହିଁ। ଯଦି ଜଣେ ନିଜର ସ୍ୱଭାବକୁ ହୃଦୟଙ୍ଗମ କରିପାରିବ ନାହିଁ ତେବେ ସେ ତା’ଭିତରେ ଥିବା ଦିବ୍ୟତ୍ୱର ଉପଲବ୍ଧି କରିବାକୁ କିପରି ଆଶାକରି ପାରିବ ? ବସ୍ତୁତଃ ଜଣେ ନିଜର ମାନବୀୟ ଗୁଣାବଳୀର ଉପଲବ୍ଧି କଲେ ହିଁ ସେ ଭଗବତ ଉପଲବ୍ଧି ଅଭିମୁଖେ ଅଗ୍ରଗତି କରିବାକୁ ସକ୍ଷମ ହେବ।

ପ୍ରେମ ହିଁ ଈଶ୍ୱର। ମନୁଷ୍ୟର ତିନୋଟି ଆଦର୍ଶ ରହିବା ଉଚିତ। ଦୈବ ପ୍ରୀତି, ପାପଭୀତି ଓ ସଙ୍ଘନୀତି। ଏହି ଆଦର୍ଶଗୁଡ଼ିକ ବ୍ୟକ୍ତି, ପରିବାର ଓ ସମାଜର ଉତ୍‌ଥାନରେ ସହାୟକ ହେବ। ଏହି ପବିତ୍ର ଦେଶରେ ଅନେକ ମୁନି-ଋଷି ମାନଙ୍କ ଦ୍ୱାରା ପବିତ୍ର ଆଦର୍ଶ ଅନୁସୃତ ହୋଇଆସିଛି। ସେଥିପାଇଁ ଅନେକ ଆହ୍ୱାନ ଓ ବାଧାବିଘ୍ନ ସତ୍ତ୍ୱେ ଭାରତର ସାଂସ୍କୃତିକ ଐତିହ୍ୟ ସୁରକ୍ଷିତ ହୋଇଛି। ଏହା ରହସ୍ୟମୟ, ବିସ୍ମୟକର ଓ ଅମୃତ। ଆମେସବୁ ପାଶ୍ଚାତ୍ୟ ସଂସ୍କୃତିର ଦାସ ହୋଇଯାଇଛୁ ଏବଂ ଆମର ନିଜର ମୂଲ୍ୟବାନ ସଂସ୍କୃତିକୁ ଅବହେଳା କରିଛୁ। ପାଶ୍ଚାତ୍ୟ ଲୋକମାନେ ବର୍ତ୍ତମାନ ଆମ ସଂସ୍କୃତିକୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି। ଭାରତୀୟମାନେ ସେମାନଙ୍କର ନିଜ ସଂସ୍କୃତିର ମହତ୍ତ୍ୱ ଉପଲବ୍ଧି କରି ଏହାର ଅବହେଳା ବନ୍ଦ କରିବା ଉଚିତ। ଆମର ସଂସ୍କୃତି ଶିକ୍ଷା ଦିଏ ଯେ ଗୋଟିଏ ମାତ୍ର ଧର୍ମ ଅଛି, ପ୍ରେମ ଧର୍ମ ଏବଂ ଗୋଟିଏ ମାତ୍ର ଜାତି ଅଛି, ମାନବ ଜାତି। ଆମ ସଂସ୍କୃତି ଆସ୍ତିକ ବା ନାସ୍ତିକ ରାଷ୍ଟ୍ରୀୟତାବାଦୀ, ପ୍ରତ୍ୟେକଙ୍କ ଭିତରେ ଥିବା ପ୍ରେମ ଉପରେ ଆଧାରିତ। ପ୍ରେମ ବିନା କେହି ରହିପାରିବେ ନାହିଁ। ପଶୁ ଓ ପକ୍ଷୀମାନଙ୍କର ମଧ ପ୍ରେମ ଅଛି। ଆମେ ଦେଖିଛେ ଗାଈ କିପରି ନବଜାତ ବାଛୁରୀକୁ ଏତେ କୋମଳ ଭାବରେ ଚାଟେ ଯେ ସେହି ମାତୃସୁଲଭ ସ୍ପର୍ଶରେ ହିଁ ବାଛୁରୀଟି ଉଠି ଠିଆହୁଏ। ସେ ବାଛୁରୀକୁ ସଫାକରି ଦିଏ। ନିର୍ମଳତା ହିଁ ଦିବ୍ୟତ୍ୱ। ନିର୍ମଳତା ବିକଶିତ ହେବା ଉଚିତ। ଏହା ଏକତ୍ୱକୁ ଉତ୍ସାହିତ କରେ ଓ ଦିବ୍ୟତ୍ୱ ଆଡ଼କୁ ଘେନିଯାଏ। କିନ୍ତୁ ତୁମଠାରେ କେବଳ ଶତ୍ରୁତା ଓ ସାମ୍ପ୍ରଦାୟିକତା ରହିଛି। ଏଗୁଡ଼ିକ ପାଶବିକ ଓ ଆସୁରିକ ଗୁଣ। ମଣିଷ ନିଜକୁ ଦିବ୍ୟସ୍ତରକୁ ଉନ୍ନୀତ କରିବାକୁ ଚେଷ୍ଟା କରିବା ଉଚିତ। ସେ ପାଶବିକ ଓ ଆସୁରିକ ସ୍ତରକୁ ଖସିଯିବା ଉଚିତ ନୁହେଁ। ବୈଦିକ ଉପଦେଶ ହେଉଛି ‘ସତ୍ୟଂ ବଦ, ଧର୍ମଂ ଚର।’ ସତ କହିବା ସହଜ। ମିଛ କହିବା ଓ ତାକୁ ରଖି ପାରିବା ଅତି କଷ୍ଟ। ସତ କହିବା ଦ୍ୱାରା ତୁମେ ଧର୍ମର କାନ୍ଥ ପାଇଁ ମୂଳଦୁଆ ପକାଇଥାଅ। ଏହା ମାଧ୍ୟମରେ ତୁମେ ଶାନ୍ତି ପାଇପାର। ପ୍ରେମର ବିକାଶ କର। ପ୍ରେମ ହିଁ ଈଶ୍ୱର। ପ୍ରେମରେ ବାସକର।

ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## କ୍ଷୁଦ୍ର ଜଳସେଚନ ବିଭାଗ ଯନ୍ତ୍ରୀ ଠିକାଦାର ମଧ୍ୟରେ ମଧୁଚନ୍ଦ୍ରିକା

କନ୍ଧମାଳ, (ମହାଭାରତ) : କନ୍ଧମାଳ ଜିଲ୍ଲା କନ୍ଟଆଗାଁ ବ୍ଲକ କଡୁତୁଲି ନିକଟରେ କ୍ଷୁଦ୍ର ଜଳସେଚନ ବିଭାଗର ଚାଲିଛି ଚେକ୍ ଡ୍ୟାମ୍ କାମ ନିର୍ମାଣ ।ଏହି ଚେକ୍ ଡ୍ୟାମ୍ ନିର୍ମାଣ ଦ୍ୱାରା ଚାଷ ଜମିକୁ ଜଳ ଯୋଗାଣଇବାରେ ସହାୟକ ହୋଇପାରିବ ଓ ଫସଲ କରିବାରେ ଚାଷୀକୁଳ ଉପକୃତ ହେବାକୁ ଲକ୍ଷ୍ୟରଖି ରାଜ୍ୟ ସରକାର ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ କିଛି ଠିକାଦାର ଓ ଯନ୍ତ୍ରୀ ଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରେ ତରବରିଆ ଭାବେ ନିମ୍ନମାନର କାମ କରି ଲକ୍ଷଲକ୍ଷ ଟଙ୍କା ହରିଲୁଟ କରାଯାଉଛି । ଏ ଭଳି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଟଆଗାଁ ବ୍ଲକର କୁଡୁତୁଲି ପଞ୍ଚାୟତ ନିକଟରେ । ଚେକଡ୍ୟାମ ନିର୍ମାଣରେ ବ୍ୟବହୃତ ହେଉଛି ନିମ୍ନମାନର ଛଡ, ବାଲି, ଚିପ୍ସ, ମେଟାଲ,ସିମେଣ୍ଟ ଯାହାଫଳରେ କି କମ ଦିନରେ ଏହି ଚେକଡ୍ୟାମ ଭୁସୁଡି ପଡିବ ।କଂକ୍ରେଟ ଢଳେଇ ଓ ପଥର ପିଚିଙ୍ଗ୍ ଠିକ୍ ଭାବରେ କରାନଯାଇ ନାହିଁ , କିଛି ଢଳେଇରେ ପ୍ୟାଚ୍ ପକାଯାଇଥିବା ମ ଦେଖିବାକୁ ମିଳିଥିବା ବେଳେ ପଥର ପିଚଙ୍ଗ ରେ ସିମେଣ୍ଟ ମସଲା ଦିଆନଯିବାରୁ ସାମାନ୍ୟ ବର୍ଷାରେ ପଥର ଭାସି ଏଣେ ତେଣେ ପଡିଛି ଆଗକୁ ବର୍ଷା ଦିନ ଥିବାରୁ ଏହା ସଂପୂର୍ଣ୍ଣ ଧୋଇ ହୋଇଯିବାର ସମ୍ଭାବନା ଅଧିକ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ବିନା ଫଳକରେ ଚେକ୍ ଡ୍ୟାମ୍ ନିର୍ମାଣ କାର୍ଯ୍ୟ କରି ଲକ୍ଷ ଲକ୍ଷ ଟଙ୍କା ଚଳୁ କରାଯାଉଥିବା ଅଭିଯୋଗ ହେଉଛି ।ବିନା ଫଳକରେ କାମ କରାଯାଉଥିବା ହେତୁ ଏହାର ଅଟକଳ ଧାର୍ଯ୍ୟ ମୂଲ୍ୟ ଓ ବ୍ୟବହୃତ କରାଯାଉଥିବା ସାମଗ୍ରୀ ଜାଣିବା ଜନସାଧାରଣଙ୍କ ପକ୍ଷରେ କଷ୍ଟସାଧ୍ୟ ଅଟେ ।ତେଣୁ ଏହାର ଲକ୍ଷ ଲକ୍ଷ ଟଙ୍କାର ଫାଇଦା ମଧୁଚନ୍ଦ୍ରିକା ରେ ଉଠାଉଛନ୍ତି ବିଭାଗୀୟ ଯନ୍ତ୍ରୀ, ଏସଡିଓ ଓ ଠିକାଦାର । ଏ ବିଷୟରେ ଆମେ ବିଭାଗୀୟ ଜେଇ ମହାଶୟଙ୍କୁ ପଚାରିବାରୁ ଆମେ କାମସରିଲେ ଫଳକ ମାରିଦେବୁ, ଯେଉଁଠି ଯେଉଁଠି ଫାଟ ସୃଷ୍ଟି ହୋଇଛି ତାକୁ ପ୍ୟାଚ୍ ପକାଇ ରିପେରିଂ କରାଯିବ, କିନ୍ତୁ ନିମ୍ନମାନର ସାମଗ୍ରୀର ବ୍ୟବହାର କୁ ନେଇ ଚୁପ୍ ରହିବା ସହିତ ଏହା ଉପରେ ମୁଁ କୈଣସି ପ୍ରତିକ୍ରିୟା ଦେଇପାରିବି ନାହିଁ ବୋଲି ଚିରାଚରିତ ଢଙ୍ଗରେ ସଫେଇ ରଖିଛନ୍ତି । ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଏହାର ସଠିକ୍ ତଦନ୍ତ କରି ଉକ୍ତ ଠିକାଦାରଙ୍କ ଲାଇସେନ୍ସ ରଦ୍ଦ କରିବା ସହ ଦାଇତ୍ୱରେ ଥିବା ଜେଇ ଏସଡିଓଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହୋଉଛି । ଏଠାରେ ଆମର ପ୍ରଶ୍ନ ମୋହନ ସରକାର ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଡିଣ୍ଡିମା ପିଟୁଥିବା ବେଳେ କନ୍ଧମାଳ ଜିଲ୍ଲାରେ ଚାଷୀ ମାନଙ୍କ ଉପକୃତ ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ରେ ଚାଲିଥିବା କୋଟି କୋଟି ଟଙ୍କାର କାମରେ ଲକ୍ଷ ଲକ୍ଷ ଟଙ୍କା କିପରି ଚଳୁ କରାଯାଉଛି ତାହାର ତଦନ୍ତ ନିର୍ଦ୍ଦେଶ ଦେବେକି ବିଭାଗୀୟ ମନ୍ତ୍ରୀ ମହାଶୟ । ଦେଖିବାକୁ ବାକି ରହିଲା ସରକାର ଓ ଜିଲ୍ଲା ପ୍ରଶାସନ ଉକ୍ତ ଜେଇ, ଏସଡିଓ, ଠିକାଦାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ନା ଘଣ୍ଟ ଘୋଡାଇ ରଖୁଛନ୍ତି ।

## ବ୍ଲକସ୍ତରୀୟ ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ

କରଞ୍ଜିଆ, (ମହାଭାରତ) : ଠାକୁରମୁଣ୍ଡା ବ୍ଲକ ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକଖାଦ୍ୟ ପ୍ରତିଯୋଗିତା ଶୁକ୍ରବାର ଦିନ ବ୍ଲକ ପରିସର ରେ ଥିବା ମିଶନ ଶକ୍ତି ଗୃହରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୧୭ ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ର ୩ ଜଣ ଲେଖାଏଁ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗୀ ମାନେ ପିଠା, ମିଠା, ପୁରି, ମାଟି ହାଣ୍ଡିରେ ପ୍ରସ୍ତୁତି ତରକାରୀ, ମାଣ୍ଡିଆପ୍ରସ୍ତୁତ ଲଡୁ,ଖିରି, କାକରା ସମେତ ବିଭିନ୍ନ ପ୍ରକାର ଓଡ଼ିଆ ଦେଶୀ ଖାଦ୍ୟ ପ୍ରସ୍ତୁତ କରିଥିଲେ । ବିଡ଼ିଓ ସ୍ୱପ୍ନେସ୍ୱର ବେହେରା, ବିପିସି ଦ୍ରୋପଦୀ ଗାଘରାୟ । ଏ ବିଡ଼ିଓ ଟଙ୍କଧର ମାହାନ୍ତ ,ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମାହାନ୍ତ, କେନ୍ଦୁଝର ଲୋକସଭା ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ ସଂଯୋଜନା ରେ ପାରମ୍ପରିକ ଖାଦ୍ୟ ର ମୂଲ୍ୟାଙ୍କନ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରେ ସମସ୍ତ ଅଥିତି ଦେଶୀ ଖାଦ୍ୟ କୁ ନେଇ ବକ୍ତବ୍ୟ ରଖିଥିଲେ । ସଂମାନିତ ଅତିଥି ମାନେ ସ୍ୱୟଂ ସହାୟିକା ମାଆ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟହକ୍ରମ ରେ ପ୍ରଥମ ସ୍ଥାନ ଅଧିକର କରି ଥିଲା ଶଳାଟୁଆ ପଞ୍ଚାୟତ କରଡ଼ାପାଳ ଗ୍ରାମର ଧନୁ କ୍ଷେତ୍ରପାଳ ସ୍ୱୟଂ ସହାୟିକା ଗୋଷ୍ଠୀ କୁ ପଞ୍ଚହଜାର ନଗଦ ଟଙ୍କା ସହ ମାନପତ୍ର ଓ ଦ୍ୱିତୀୟ ସ୍ଥାନ ରେ ରୁଗୁଡ଼ିବେଡା ସମ୍ବନ୍ଧ ମାଆ ତାରିଣୀ ଗୋଷ୍ଠୀ କୁ ଚାରିହଜାର ଟଙ୍କା ସହ ମାନପତ୍ର ଦେବା ସହ ଅନ୍ୟ ଗ୍ରୁପ ମାନଙ୍କୁ ମାନପତ୍ର ସହ ସାତଶହ ଟଙ୍କା ପ୍ରଦାନ କରାଯାଇଥିଲା ।

## ପାୱାର ଟିଲରରେ ହଲ କରିଥିବା ବେଳେ ଅଘଟଣା ଯୁବକ ଗୁରୁତର

ପାଟଣା, (ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଧାନବେଣୀ ଗ୍ରାମ ରେ ପାୱାର ଟିଲର ରେ ହଲ କରୁଥିବା ସମୟରେ ଅଘଟଣ ଯୁବକ ଗୁରୁତର ଆହତ ହୋଇ ଛନ୍ତି। ଗୁରୁତର ଆହାତ ଯୁବକ ଜଣକ ନୂଆପଡା ଗ୍ରାମର ବାଦଲ ନାଏକ ବୋଲି ଜଣାପଡି ଛି । ସୂଚନା ରୁ ପ୍ରକାଶ ଧାନବେଣୀ ଗ୍ରାମ ର ମୋହନ ମହାନ୍ତ ଙ୍କ ଘର ର ବାଡ଼ି ରେ ପାୱାର ଟିଲର ଯୋଗେ ହଲ କରୁଥିବା ବେଳେ ପାୱାର ଟିଲର ଭାରସାମ୍ୟ ହରାଇ ଥିବା ବେଳେ ଚାଳକ ଉପରେ ଫାଳଗୁଡ଼ିକ ଗୋଡମଧରେ ଫସି ଯାଇଥିଲା । ଏହା ଦେଖି ସଙ୍ଗେ ସଙ୍ଗେ ପରିବାର ଲୋକେ ଲୋକେ ଅଗ୍ନିଶମ ବିଭାଗ କୁ ଖବର ଦେବା ସହ ଉଦ୍ଧାର କାର୍ଯ୍ୟ ରେ ଲାଗି ଥିବା ବେଳେ ଅଗ୍ନିଶମ ବିଭାଗ ପହଞ୍ଚି ଘଟଣାସ୍ଥଳ ରୁ ପାୱାର ଟିଲର ରେ ଫସି ରହିଥିବା ବାଦଲ କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି କରିଥିଲେ । ବାଦଲ ଙ୍କ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରାଥମିକ ଚିକିତ୍ସା ରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତରିତ କରାଯାଇ ଥିବା ବେଳେ ସେଠାରେ ମଧ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତରିତ କରାଯାଇ ଥିବା ବେଳେ ସେଠାରେ ବାଦଲ ଙ୍କ ଚିକିତ୍ସା ଚାଲି ଥିବା ଜଣାପଡିଛି ।

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ବିଷମକଟକ, (ମହାଭାରତ): ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ ହଜାରଡାଙ୍ଗ ଗ୍ରାମରେ ଗତକାଲି ରାତିରେ ଏକ ଦୁଃଖଦ ଘଟଣା ଘଟିଛି । ୨୫ ବର୍ଷୀୟ ଯୁବକ ରଞ୍ଜନ କୁମାର ସାହୁକାରଙ୍କର ନିଜ ଘରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି । ରଞ୍ଜନ ବିଷମକଟକ କୋର୍ଟରେ ଏପିଆର କୋର୍ଟ ଗାର୍ଡ ଭାବେ କାର୍ଯ୍ୟରତ ଥିଲେ ।ସୂଚନା ଅନୁଯାୟୀ, ରଞ୍ଜନ ନିଜ ଘରର ଛାତରେ ପଲିଥିନ୍ ଘୋଡେଇବାକୁ ଯାଇଥିବା ସମୟରେ ଏହି ଦୁର୍ଘଟଣା ଘଟିଛି । ଏହି ଅଘଟଣ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ସୃଷ୍ଟି କରିଛି । ଘଟଣା ସମ୍ପର୍କରେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମୃତଦେହକୁ ସବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।ଏହି ଘଟଣା ଅଞ୍ଚଳବାସୀଙ୍କ ମଧ୍ୟରେ ଗଭୀର ଦୁଃଖ ଓ ଆଲୋଡ଼ନ ସୃଷ୍ଟି କରିଛି ।

## ବନ୍ଧୁକ ମୁନରେ ଓଡିଶା ଗ୍ରାମ୍ୟ ବ୍ୟାଙ୍ଗ ରୁ ୫ ଜଣ ଡକାୟ ଝାମ୍ପି ନେଲେ ୧୦ ଲକ୍ଷ ଟଙ୍ଗା ଓ ସୁନା

ଯୋଡା, (ମହାଭାରତ) : ଯୋଡା ସହର ରେ ଥିବା ମୁଖ୍ୟ ବଜାର ତଥା ରାସ୍ତା କଡ଼ରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ରୁ ଦୁର୍ବୃର୍ତ୍ତ ମାନେ ବନ୍ଧୁକ ମୁନରେ ପ୍ରାୟ ୧୦ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ଓ ସୁନା ପ୍ୟାକେଟ ଲୁଟି ନେଇ ଫେରାର ହୋଇ ଯାଇଛନ୍ତି ।ଗୁରୁବାର ସକାଳ ପ୍ରାୟ ୧୦ ଟା ବେଳେ ବ୍ୟାଙ୍କ୍ ଖୋଲା ଯିବା ସମୟରେ ଅତର୍କିତ ଭାବେ ୫ ଜଣ ଦୃର୍ବୃତ୍ତ ବନ୍ଧୁକ ଧରି ବ୍ୟାଙ୍କ୍ ଭିତରକୁ ପଶି ପଶି ଯାଇଥିଲେ । ଜୈନେକ ମହିଳା ପ୍ରତ୍ୟକ୍ଷଦର୍ଶୀ ଙ୍କ କହିବା ଅନୁଯାୟୀ,ଦୁର୍ବୃର୍ତ୍ତ ମାନେ ବ୍ୟାଙ୍କ୍ ରେ ଥିବା ସୁରକ୍ଷା କର୍ମୀ ଙ୍କୁ କାବୁ କରି ଥିଲେ ।ଏହି ଘଟଣା ସଂପର୍କରେ ଖବର ପାଇ କେନ୍ଦୁଝର ରୁ ଆସିଥିବା ବ୍ୟାଙ୍କ ର ରିଜିଓନାଲ ମ୍ୟାନେଜର ସତ୍ୟବ୍ରତ ନନ୍ଦ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ,ପ୍ରାରମ୍ଭିକ ସୂଚନା ଅନୁଯାୟୀ,ନଗଦ ଟଙ୍କା ଥିବା ବାକ୍ସ ରୁ ପ୍ରାୟ ୧୦ ଲକ୍ଷ ଟଙ୍କା ଓ କିଛି ସୁନା ପ୍ୟାକେଟ ଲୁଟ ହୋଇଛି ।ଘଟଣାସ୍ଥଳ କୁ ପୋଲିସ ଆସିଛନ୍ତି ।ବ୍ୟାଙ୍କ୍ ରେ ଥିବା ସୁରକ୍ଷା ସାଇରନ୍ କାହିଁକି ବାଜି ନ ଥିଲା ପ୍ରଶ୍ନ ର ଉତ୍ତର ରେ ନନ୍ଦ କହିଥିଲେ ଯେ,ସମସ୍ତ କର୍ମଚାରୀ ଙ୍କୁ ଗନ ପଏଣ୍ଟ ରେ ରଖିଥିବାରୁ ସାଇରନ୍ ବାଜି ପାରିଲା ନାହିଁ । ଘଟଣାସ୍ଥଳରେ ଯୋଡା ଆଇ ଆଇ ସି ସୁଶାନ୍ତ ପ୍ରଧାନ ସଦଳବଳେ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।ତେବେ ବ୍ୟାଙ୍କ୍ ରୁ ଲୁଟ କରିବା ପରେ ୫ ଜଣ ଦୃର୍ବୃତ୍ତ ଅନାୟାସରେ ବାଇକ୍ ରେ ଛୁ ମାରି ଥିଲେ । ଦିନକୁ ଦିନ ଏକ ରାଜ ରାସ୍ତା ପାର୍ଶ୍ୱରେ ଥିବା ବ୍ୟାଙ୍କ୍ ରୁ ଡକାୟତି ହେବା ଘଟଣା ଯୋଡା ସହର ରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଘଟଣାକୁ ସ୍ପଷ୍ଟ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଯୋଡା ସହର ରେ ପୋଲିସ ପେଟ୍ରୋଲିଂ କଡାକଡି ହେଉ ନ ଥିବାରୁ ଦିନ କୁ ଦିନ ଚୋରୀ,ଡକାୟତି,ଲୁଟ,ରାହାଜାନୀ ,ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି ।ଦିନ ଦ୍ୱିପ୍ରହର ରେ ଏପରି ବ୍ୟାଙ୍କ୍ ଲୁଟ ଘଟଣା ପରେ ଜନସାଧାରଣରେ ଆତଙ୍କିତ ଖେଳିଯାଇଛି ।

## ବିଷମକଟକରେ ବିକାଶ ବାହାନ ଯାତ୍ରାର ଶୁଭାରମ୍ଭ

ବିଷମକଟକ, (ମହାଭାରତ) : ରାୟଗଡ଼ା ଜିଲ୍ଲା ବିଷମକଟକ ପଞ୍ଚାୟତ ସମିତିରେ ଆଜି ବିକାଶ ବାହାନ ଯାତ୍ରାର ଶୁଭାରମ୍ଭ ହୋଇଛି । ପ୍ରାରମ୍ଭିକ ଭାବେ ବିଷମକଟକ ଗ୍ରାମ ପଞ୍ଚାୟତରେ ଏବଂ ଅପରାହ୍ନରେ ଚାଞ୍ଚଡ଼ାଗୁଡ଼ା ଗ୍ରାମ ପଞ୍ଚାୟତରେ ଏହି ବାହାନକୁ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ସରକାରୀ ଯୋଜନାଗୁଡ଼ିକୁ ଲୋକକଳା ମାଧ୍ୟମରେ କଳାକାରମାନେ ଆକର୍ଷଣୀୟ ଢଙ୍ଗରେ ପ୍ରଦର୍ଶନ କରିଥିଲେ ।କାର୍ଯ୍ୟକ୍ରମରେ ଯୋଗ୍ୟ ହିତାଧିକାରୀମାନଙ୍କୁ ବିଭିନ୍ନ ସରକାରୀ ଯୋଜନାର ସୁବିଧା ପ୍ରଦାନ କରାଯାଇଥିଲା । ଏହା ମଧ୍ୟରେ ଘରବାରି ପଟ୍ଟା, ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ, ୭୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ସ୍ୱାସ୍ଥ୍ୟ ବିଭାଗରୁ ବୟୋବନ୍ଦନା କାର୍ଡ଼, ଖାଉଟି ବିଭାଗରୁ ନୂତନ ରାସନକାର୍ଡ ଏବଂ ନିର୍ମାଣ ଶ୍ରମିକମାନଙ୍କୁ ନୂତନ ଶ୍ରମିକ କାର୍ଡ଼ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଶିବ ପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସୁଚାରୁ ରୂପେ ଆୟୋଜିତ ହୋଇଥିଲା । ଏହି ଯାତ୍ରା ଜନସାଧାରଣଙ୍କୁ ସରକାରୀ ଯୋଜନାର ସୁବିଧା ଓ ସଚେତନତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି ।

## ୧୯୯୨ ମସିହା ମାଟ୍ରିକ ବ୍ୟାଚ୍ ସମ୍ପର୍କ ପିସିଏସ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଗଣିଆ,(ମହାଭାରତ): ' ରକ୍ତଦାନ ମହତ ଦାନ ' । ଏହି ଦାନରେ ମହାପୁଣ୍ୟ ମିଳିଥାଏ , କାରଣ ଏହି ରକ୍ତ ଅନ୍ୟର ଜୀବନ ବଞ୍ଚାଇଥାଏ । ବିଭିନ୍ନ ସମୟରେ ଅନେକ ରୋଗୀ ରକ୍ତ ଅଭାବ ରୁ ଜୀବନ ମରଣ ସମସ୍ୟା ଦେଇ ଗତି କରୁଛନ୍ତି । ତେବେ ଅନେକ ଲୋକ ଟଙ୍କା ଅଭାବ ରୁ ନିଜେ ଓ ନିଜ ପରିବାର ପରିଜନ ରୋଗୀ ପାଇଁ ରକ୍ତ କିଣିବା କାଠିକର ପାଠ ହୋଇଥାଏ । ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଅନ୍ତର୍ଗତ କିଶୋର ପ୍ରସାଦ ଗ୍ରାମ ପଞ୍ଚାୟତ ଅଧୀନ ଇନ୍ଦିପଟା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସମ୍ପର୍କ ପିସିଏସ ଦ୍ୱାରା ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶୁକ୍ରବାର ପୂର୍ବାହ୍ନ ୯ ଘଟିକା ସମୟରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରତ୍ୟେକ ବର୍ଷ ଏହି ଜୁନ୍ ୧୪ ତାରିଖ ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ସମ୍ପର୍କ ପିସିଏସ କ୍ଲବର ସଭାପତି ଶ୍ରୀଯୁକ୍ତ ମାନସ କୁମାର ମହାରଣାଙ୍କ ତତ୍ତ୍ୱାବଧାନରେ ସମସ୍ତ ସଭ୍ୟଙ୍କ ପ୍ରଚେଷ୍ଟା କ୍ରମେ ରକ୍ତ ସଂଗ୍ରହ କରି ଅନେକ ଗରିବ ଲୋକଙ୍କ ପାଇଁ ମସିହା ସାଜିଛନ୍ତି । ଗତ ବର୍ଷ ସମ୍ପର୍କ ପିସିଏସ ୧୯୯୨ ମାଟ୍ରିକ ବ୍ୟାଚ ୭୩ ୟୁନିଟ ରକ୍ତ ସଂଗ୍ରହ କରି ନୟାଗଡ ବ୍ଲଡ଼ ବ୍ୟାଙ୍କ କୁ ଡୋନେଟ କରିଥିବା ବେଳେ ଏ ବର୍ଷ ୧୦୦ ୟୁନିଟ୍ ରକ୍ତ ପ୍ରଦାନ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରି ୭୮ ୟୁନିଟ୍ ରକ୍ତ ସଂଗ୍ରହ କରିବାରେ ସମର୍ଥ ହୋଇ ନୟାଗଡ ବ୍ଲଡ ବ୍ୟାଙ୍କକୁ ଦାନ କରାଯାଇଥିଲା । ଏହି ୭୮ ଜଣ ରକ୍ତଦାତାଙ୍କ ମଧ୍ୟରେ ୬୦ ଜଣ ପୁରୁଷ ଓ ୧୮ ଜଣ ମହିଳା ରକ୍ତଦାନ କରିଥିଲେ । ଉକ୍ତ କ୍ଲବର ସଭାପତି ମାନସ ମହାରଣା ଙ୍କ ନେତୃତ୍ୱରେ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଗୋପବନ୍ଧୁ ସ୍ୱାଇଁ, ରଶ୍ମି ରଞ୍ଜନ ବେହେରାଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ । ଉକ୍ତ ରକ୍ତଦାନ ଶିବିରରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡ଼. ରାଜେନ୍ଦ୍ର ପ୍ରସାଦ ଦଳେଇ , କାଉନସିଲର ଅଜୟ କୁମାର ପଟ୍ଟନାୟକ , ବ୍ଲଡ ସେଣ୍ଟର୍ ଲାବୋରୋଟାରି ଟେକ୍ନିସିଆନ୍ ପ୍ରକାଶ କୁମାର ପାଣିଗ୍ରାହୀ , ସରୋଜ କୁମାର ସାହୁ , ବବୁଲ ବେହେରା , ସନ୍ତୋଷ କୁମାର ମହାପାତ୍ର , କ୍ରୀଷ୍ଟା ପ୍ରିୟା ସାହୁ , କୈଳାସ ଚନ୍ଦ୍ର ଲେଙ୍କା ଉପସ୍ଥିତ ରହି ସହଯୋଗ କରିଥିଲେ । ଏଥିପାଇଁ ଆମ୍ଭେ ସମସ୍ତେ କିପରି ସୁଚାରୁ ରୂପେ ଆହୁରି ଜନହିତକର କାର୍ଯ୍ୟ ସବୁ ସମ୍ପନ୍ନ କରିପାରିବା ତାହା ଉପରେ ସଭାପତି ମତ ରଖିଥିଲେ । ଏଥିରେ ସ୍ୱେଚ୍ଛାକୃତ ଭାବରେ ଅଂଶ ଗ୍ରହଣ କରି ରକ୍ତ ଦାନ କରିଥିବା ରକ୍ତଦାତା ମାନଙ୍କୁ ପିସିଏସ ର ସଭାପତି ସମସ୍ତଙ୍କୁ ସାଧୁବାଦ ପ୍ରଦାନ କରିବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି ।




## ମଶାରୀ ବଣ୍ଟନ ଶୁଭାରମ୍ଭ

କରଞ୍ଜିଆ, (ମହାଭାରତ) : ଠାକୁରମୁଣ୍ଡା ବ୍ଲକରେ ଔଷଧ ବୋଳା ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଭାଲିଆଡାଳ ଠାରେ ଉଦଘାଟିତ ହୋଇଯାଇଛି । କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି । ମ୍ୟାଲେରିଆ ନିୟନ୍ତ୍ରଣ ଓ ମଶା ଦାଉରୁ ରକ୍ଷା ପାଇଁ କୀଟନାଶକ ଉପଚାରିତ ମଶାରୀ ବରଦାନ ସଦୃଶ ବୋଲି ବିଧାୟକ କହିଥିଲେ । ଆୟୁଷ୍ମାନ ଯୋଜନାରେ ଆମ ସରକାର ମାଗଣା ଚିକିତ୍ସା ଯୋଗାଇ ଦେଉଛନ୍ତି ମାତ୍ର ଆମେ ରୋଗରେ ନପଡ଼ିବା ପାଇଁ ଯତ୍ନବାନ ହେବା ହିଁ ବୁଦ୍ଧିମାନ କାର୍ଯ୍ୟ କ୍ଷ ତେଣୁ ସମସ୍ତେ ସଚେତନ ନାଗରିକ ଭାବେ ତଥା ଦାୟିତ୍ୱସମ୍ପର୍ଣ୍ଣ ଭାବେ କାମ କରିବାକୁ ସେ ପରାମର୍ଶ ଦେଇଥିଲେ । ଆମେ ସୁସ୍ଥ ରହିବା ପାଇଁ ହେଲେ ସର୍ବଦା ମଶାରୀ ବ୍ୟବହାର କରିବା ବୋଲି ସେ କହିଥିଲେ । ମେଡିକାଲ ଅଫିସର ଚିତ୍ତରଞ୍ଜନ ନାୟକଙ୍କ ସଭାପତିତ୍ୱ ରେ ଆୟୋଜିତ ଉଦଘାଟନୀ ସଭାରେ ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା, ସରପଞ୍ଚ ଜାହ୍ନବୀ ସଏ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ । ଭାଲିଆଡାଳ ଗ୍ରାମପଞ୍ଚାୟତ ଅଧିନସ୍ତ ଗ୍ରାମ ଗୁଡିକ ପାଇଁ ମଶାରୀ ବଣ୍ଟନ କରାଯାଇଛି ।ଆସନ୍ତାକାଲି ଠାରୁ ଅନ୍ୟାନ୍ୟ ଗ୍ରାମପଞ୍ଚାୟତ ମାନଙ୍କରେ ମଶାରୀ ବଣ୍ଟନ କରାଯିବ ବୋଲି ଡାକ୍ତର ନାୟକ କହିଥିଲେ । ଆରତୀ ବେହେରା, ଗୋପୀନାଥ ଚାମ୍ପିଆ, ସତ୍ୟ ଦାସ, ଅଙ୍ଗନବାଡି ସୁପରଭାଇଜର ସରସ୍ୱତୀ ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ପାଟଣା ରେ ବିକାଶ ବାହନ ଯାତ୍ରା ର ଶୁଭାରମ୍ଭ

ପାଟଣା, (ମହାଭାରତ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟର ବହୁମୁଖୀ ବିକାଶ ପାଇଁ ସରକାରଙ୍କ ପ୍ରୟାସ/ସେବା ସମ୍ବନ୍ଧରେ ସର୍ବସାଧାରଣଙ୍କୁ ଅବଗତ କରିବା ନିମନ୍ତେ ବିକାଶ ବାହନ ଯାତ୍ରା ର ଶୁଭାରମ୍ଭ ହୋଇ ଛି । ଏହି ଅବସରରେ ପାଟଣା ବ୍ଲକ ରେ ବିକାଶ ବାହାନ ଯାତ୍ରା ର ଶୁଭାରମ୍ଭ ହୋଇଛି । ଏହି ବିକାଶ ବାହାନ ଯାତ୍ରା ରଥ ବ୍ଲକ ର ୨୦ଟି ପଞ୍ଚାୟତ ପରିକ୍ରମା କାର୍ଯ୍ୟକ୍ରମ ରହିଥିବା ବେଳେ ପ୍ରଥମ ଦିନରେ ବ୍ଲକ କାର୍ଯ୍ୟାଳୟ ରୁ ବିଡିଓ ମାନସ ଦଣ୍ଡପାଟ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ପାଟଣା ବ୍ଲକ ଅଧକ୍ଷା ବୀଣାପାଣି ନାଏକ, ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡକ୍ଟର ସୁବେନ୍ଦୁ ସାଗର କୁମାର ନାୟକ,ବନ୍ୟାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର, ଟାଟା ବିଦ୍ୟୁତ୍ ବିଭାଗ ମ୍ୟାନେଜର ଜ୍ୟୋତିଞ୍ଜନ ମିଶ୍ର,କୃଷି ଅଧିକାରୀ ବର୍ଷା ବୈଶାଳୀ,ଶିକ୍ଷା ମଣ୍ଡଳ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାନ୍ତ, ବ୍ଲକ ଯୋଗାଣ ନିରୀକ୍ଷକ ଅଧିକାରୀ ସୁନୀତା ମାରାଣ୍ଡି,ଡବ୍ଲୁଇଓ ଶିପ୍ରାରାଣୀ ମହାନ୍ତ, ଓଡ଼ିଶା ମହିଳା ମିଶନ ବିଏଲସି ସୁସ୍ମିତା ସାହୁ,କନିଷ୍ଠ ଯନ୍ତ୍ରୀ ଅଜୟ ଝା, ପଲାଶଘାଟି ସମିତି ସଭ୍ୟ ବିଶ୍ୱନାଥ ନାୟକ,ସାଂସଦ ପ୍ରତିନିଧି ପ୍ରହ୍ଲାଦ ପଲେଇ ଉପସ୍ଥିତି ଥିଲେ । ଏହି ଅବସରରେ ପାଟଣା ବ୍ଲକ ମୁଖ୍ୟାଳୟ ବଡପାଟଣା ପଞ୍ଚାୟତ ରେ ମଧ ବିକାଶ ବାହାନ ଯାତ୍ରା ରଥ ପହଞ୍ଚି ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ର ଅବଗତ କରାଇବା ସହ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଛି । ଏକ କାର୍ଯ୍ୟକ୍ରମ ରେ ବଡପାଟଣା ନାଏବ ସରପଞ୍ଚ ଗୌତମ ସେଠୀ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଛି । ପାଟଣା ବ୍ଲକ ବିଡିଓ ମାନସ ଦଣ୍ଡପାଟ ଯୋଗଦାନ କରିବା ସହ ଜିପିଓ ରଶ୍ମିରେଖା ମହାନ୍ତି, ଯୋଗାଣ ନିରୀକ୍ଷକ ସୁନୀତା ମାରାଣ୍ଡି,ଡବ୍ଲୁଇଓ ଶିପ୍ରାରାଣୀ ମହାନ୍ତ,ବଡପାଟଣା ପଞ୍ଚାୟତ ଅଧିକାରୀ ତପନ କୁମାର ମହାନ୍ତ, କୋଷାଧକ୍ଷ ନିହାର ରଞ୍ଜନ ପରିଡ଼ା, ଯୋଗାଣ ସହାୟକ ଦେବିପ୍ରସାଦ ମିଶ୍ର ଙ୍କ ଉପସ୍ଥିତି ରେ ହିତାଧିକାରୀ ଙ୍କୁ ଅନ୍ତୋଦ୍ୟୟ ଯୋଜନା ରେ ଗୃହ,ପଟ୍ଟା,ରାସନ୍ କାର୍ଡ ଓ ଜବକାର୍ଡ ଆଦି ବଣ୍ଟନ କରାଯାଇ ଛି । ସେହିପରି ମିରିଗିଖୋଜି ପଞ୍ଚାୟତ ରେ ବିକଶିତ ବାହନ ରଥ ପହଞ୍ଚି ଥିଲା । ସରପଞ୍ଚ ମନମୋହନ ବେହେରା ଅଧକ୍ଷତା ରେ ସ୍ୱାଗତ କରାଯିବା ସହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏକ କାର୍ଯ୍ୟକ୍ରମ ରେ ମଧ ରେ ବ୍ଲକ ପ୍ରଶାସନ ପକ୍ଷରୁ ବିପିସି ସୁରେନ୍ଦ୍ର ଖଣ୍ଡା,ଜମାଲୁଦ୍ଦିନୀ ଖାଁ, ମିରିଗିଖୋଜି ପଞ୍ଚାୟତ ଅଧିକାରୀ ଜଗବନ୍ଧୁ ଦେହୁରୀ,କୋଷାଧକ୍ଷ କବିରାଜ ମହାନ୍ତ,ଯୋଗାଣ ସହାୟକ ଭୁବନ ସୁନ୍ଦର ମହାନ୍ତ ଙ୍କ ଉପସ୍ଥିତି ରେ ହିତାଧିକାରୀ ଙ୍କୁ ଅନ୍ତୋଦ୍ୟୟ ଯୋଜନା ରେ ଗୃହ,ପଟ୍ଟା,ରାସନ୍ କାର୍ଡ ଓ ଜବକାର୍ଡ ବଣ୍ଟନ କରାଯାଇ ଛି । ରାଜ୍ୟ ସରକାରଙ୍କ ଯୋଜନାରେ ହିତାଧିକାରୀ ମାନଙ୍କୁ ସାମିଲ କରିଥିବା ନେଇ ଖୁସି ଅନୁଭବ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ ।

## ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥକୁ ଶୁଭାରମ୍ଭ କରାଯାଇଛି । ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିଶୁ ଶ୍ରମିକ ନିରାକରଣ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଶିଶୁ ଶ୍ରମିକ ନିରାକରଣ ନେଇ ବିଭିନ୍ନ ଆଇନ୍ ଓ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନତା କରାଯିବା ସହ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯିବ । ହୋଟେଲ , ଠିକାଦାର, ଦୋକାନୀ, କାରଖାନା, ଶିଳ୍ପ, ବୋଲି ଯେ କୌଣସି ଘରଇ ମାଲିକ ଶିଶୁ ଶ୍ରମିକ ମାନଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ ନ କରନ୍ତି ସେ ବିଷୟରେ ଏହି ରଥ ବିଭିନ୍ନ ସ୍ଥାନରେ ପରିକ୍ରମା କରି ଜନସାଧାରଣଙ୍କ ନିକଟରେ ସଚେତନତା କରାଯିବ । ଶିଶୁ ଶ୍ରମିକ ଉଚ୍ଛେଦ ନୀତିର ଉଲଙ୍ଘନ କଲେ ଦୋଷୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ମଧ୍ୟ ଅବଗତ କରାଯାଇଛି । ୧୪ ବର୍ଷରୁ କମ୍ ପିଲାଙ୍କୁ କାମରେ ଲଗାଇବା, ୧୫ ରୁ ୧୮ ବର୍ଷ କିଶୋର ମାନଙ୍କୁ ବିପଦ ସଙ୍କୁଳ ବୃତ୍ତି କାର୍ଯ୍ୟରେ ନିଯୁକ୍ତ କରିବା ଘଟଣା ଦୃଷ୍ଟି ଗୋଚର ହେଲେ ତୁରନ୍ତ ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଜିଲ୍ଲାପାଳଙ୍କୁ ଅବଗତ କରି ପାରିବେ କିମ୍ବା ନିଶୁଳ୍କ ଶ୍ରମିକ ସହାୟତା ହେଲ୍ପ ଲାଇନ୍ ନମ୍ବର ୧୫୫୩୬୮ ଏବଂ ଚାଇଲଡ଼ ଲାଇନ୍ ନମ୍ବର ୧୦୯୮ ସହିତ ଯୋଗାଯୋଗ କରିବା ପାଇଁ କୁହାଯାଇଛି । ବିଭିନ୍ନ ସମୟରେ ପ୍ରଶାସନ ତରଫରୁ ଧରପଗଡ଼ କରାଯାଇ ମଧ ଶିଶୁ ଶ୍ରମିକ ମାନଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ଥଇଥାନ ବ୍ୟବସ୍ଥା ସହ ପାଠପଢ଼ା ଓ ଅନ୍ୟାନ୍ୟ ଦାୟିତ୍ୱ ସରକାରଙ୍କ ତରଫରୁ ବହନ କରାଯାଉଛି ।

## ଓଡିଶା ତଥା ଦେଶର ପ୍ରଗତିରେ ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାରର ଗୁରୁତ୍ୱପୂର୍ଣ୍ଣ ଭୂମିକା

ପାରାଦୀପ, (ମହାଭାରତ) : ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ୍ (ଆଇଓସିଏଲ) ପାରାଦୀପ ରେ ପ୍ରାୟ ୪୩,୩୫୯ କୋଟି ଟଙ୍କାର ପୁଞ୍ଜି ନିବେଶ କରିଛି, ଯେଉଁଥିରେ ଏହାର ଅତ୍ୟାଧୁନିକ ରିଫାଇନରୀ ୟୁନିଟ୍ (୩୪,୫୫୫ କୋଟି ଟଙ୍କା), ପଲିପ୍ରୋପିଲିନ୍ ପ୍ଲାଣ୍ଟ (୩,୧୫୦ କୋଟି ) ଏବଂ ମୋନୋ ଇଥୁଲିନ୍ ଗ୍ଲାଇକୋଲ ପ୍ଲାଣ୍ଟ (୫,୬୫୪ କୋଟି ଟଙ୍କା) ଅନ୍ତର୍ଭୁକ୍ତ । ଏହା ସହିତ, ପେଟ୍ରୋକେମିକାଲ୍ କ୍ଷେତ୍ରରେ ଇଣ୍ଡିଆନ୍ ଅଏଲ୍, ପାରାପରେ ଚାଲିଥିବା ପିଏକ୍ସ-ପିଟିଏ ପ୍ରକଳ୍ପରେ ୧୩,୮କ୍ଷ୫ କାଟି ଟଙ୍କା ପୁଞ୍ଜିନିବେଶ କରିଛି ଓ ଓଡ଼ିଶାର ବୟନ ଶିଳ୍ପ କ୍ଷେତ୍ରକୁ ସହଯୋଗ କରିବା ପାଇଁ ଭଦ୍ରକ ଟେକ୍ସଟାଇଲ୍ ପାର୍କ ପ୍ରକଳ୍ପରେ ପ୍ରାୟ ୪,୩୮୨ କୋଟି ଟଙ୍କା ନିବେଶ କରାଯିବା ପାଇଁ ଯୋଜନା ରହିଛି ଓ ଆଗାମୀ ପାରାଦୀପ ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ ପ୍ରକଳ୍ପ ରେ ପ୍ରସ୍ତାବିତ ୬୧,୦୭୭ କୋଟି ଟଙ୍କାର ନିବେଶ ସହ ଓଡ଼ିଶାରେ ଶିଳ୍ପ ଓ ନିଯୁକ୍ତି ବୃଦ୍ଧି କରିବ । ଏହି ନିବେଶ ଗୁଡିକ ପାରାଦୀପକୁ ଏକ ସମନ୍ୱିତ ଉର୍ଜା ଏବଂ ପେଟ୍ରୋକେମିକାଲ ହବ୍ ଭାବେ ବିକଶିତ କରିବା ପାଇଁ ଇଣ୍ଡିଆନ୍ ଅଏଲ୍ ର ରଣନୈତିକ ଦୃଷ୍ଟିକୋଣକୁ ଦର୍ଶାଉଛି । ଏହା ଭାରତ ସରକାରଙ୍କ 'ଆତ୍ମନିର୍ଭର ଭାରତ' ପଦକ୍ଷେପ ଅଧୀନରେ ନବୀକରଣକୁ ପ୍ରୋତ୍ସାହନ, ଆତ୍ମନିର୍ଭରତା ବୃଦ୍ଧି ଏବଂ ସ୍ୱଚ୍ଛ, ନିରନ୍ତର ଭବିଷ୍ୟତ ପାଇଁ ଜାତୀୟ ଉର୍ଜା ପରିବର୍ତ୍ତନକୁ ଆଗେଇ ନେବାରେ କର୍ପୋରେସନର ଦୃଢ଼ ପ୍ରତିବଦ୍ଧତାକୁ ରେଖାଙ୍କିତ କରୁଛି । ଏଥିସହ ପାରାଦୀପ ତୈଳ ବିଶୋଧନାଗାର ର ବିକାଶ, ପରିଚାଳନା ଏବଂ ୧୫ ହଜାରରୁ ଅଧିକ ଜୀବିକା ନିର୍ବାହକୁ ପ୍ରତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ସହାୟକ ହେବ, ଯେଉଁଥିରେ କୁଶଳୀ ଏବଂ ଅଣକୁଶଳୀ ଶ୍ରମିକ, ଠିକାଦାର ଏବଂ ଯୋଗାଣ ଶୃଙ୍ଖଳା ଅଂଶୀଦାର ମାନେ ଅନ୍ତର୍ଭୁକ୍ତ ରହିବେ । ଇଣ୍ଡିଆନଅଏଲ୍ ସ୍ଥାନୀୟ ଦକ୍ଷତା ବିକାଶ ଏବଂ କ୍ଷମତା-ନିର୍ମାଣ କାର୍ଯ୍ୟକ୍ରମଗୁଡ଼ିକୁ ମଧ୍ୟ ସମର୍ଥନ କରିଥାଏ, ଯାହା ନିକଟବର୍ତ୍ତୀ ସମୁଦାୟ ଗୁଡ଼ିକରେ ଅର୍ଥନୈତିକ ସୁଯୋଗ ସୃଷ୍ଟି କରିଛି କ୍ଷ ୨୦୨୪-୨୫ ଆର୍ଥିକ ବର୍ଷରେ, ପାରାଦୀପ ତୈଳ ବିଶୋଧନାଗାର ବିଭିନ୍ନ ଶୁଳ୍କ, ଟିକସ ଓ ଅନ୍ୟାନ୍ୟ ଦେୟ ମାଧ୍ୟମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ରାଜକୋଷକୁ ୨୫,୬୯୯ କୋଟି ଟଙ୍କାରୁ ଉର୍ଦ୍ଧ ଅଂଶଦାନ ପ୍ରଦାନ କରିଛି, ଯାହା ଏହାର ଦାୟିତ୍ୱଶୀଳ କର୍ପୋରେଟ ପ୍ରତିଷ୍ଠାନ ଓ ଅର୍ଥନୈତିକ ସାମର୍ଥ୍ୟର ଭୂମିକାକୁ ରେଖାଙ୍କିତ କରିଥାଏ । ସେହିପରି କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) ଯୋଜନା ଅନ୍ତର୍ଗତ ପାରାଦୀପ ତୈଳ ବିଶୋଧନାଗାର ପାରିପାର୍ଶ୍ୱିକ ଅଞ୍ଚଳରେ ତାର ପରିଯୋଜନା ଯଥା ପାନୀୟ ଜଳ, ଶିକ୍ଷା, ଦକ୍ଷତା ବିକାଶ, ଯୁବ ପ୍ରଶିକ୍ଷଣ, ସ୍ୱାସ୍ଥ୍ୟ ସେବା, ଗ୍ରାମୀଣ ବିକାଶ, ମହିଳା ସଶକ୍ତିକରଣ, ପରିବେଶ ସଂରକ୍ଷଣ, ଆତ୍ମନିଯୁକ୍ତି, ଅନାଥାଶ୍ରମ ଓ ବୃଦ୍ଧାଶ୍ରମକୁ ସହାୟତାରେ ନିବେଶ କରିଆସୁଛି କ୍ଷ ବର୍ତ୍ତମାନ ପର୍ଯ୍ୟନ୍ତ ପାରାଦୀପ ତୈଳ ବିଶୋଧନାଗାର ତାର ସିଏସଆର ଓ କର୍ପୋରେଟ ପରିବେଶ ଦାୟିତ୍ୱ (ସିଇଆର) ଅଧୀନରେ ୫୪,୫୫ କୋଟି ଟଙ୍କା ବ୍ୟୟ କରିଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ତୈଳ ବିଶୋଧନାଗାର ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ୍ୟ କୌଶିକ ବସୁ ସୂଚନା ଦେଇ କହିଥିଲେ ଯେ ପାରାଦୀପ ତୈଳ ବିଶୋଧନାଗାର ହେଉଛି ଶିଳ୍ପ ଉତ୍କର୍ଷତା ର ଏକ ସ୍ୱରୂପ ଏବଂ ସମାବେଶୀ ବିକାଶ ଏବଂ ନବୀକରଣର ପ୍ରତୀକ । ଆଇଓସିଏଲ ର ପୁଞ୍ଜି ନିବେଶ ପାରାଦୀପ ର ଏକ ସମନ୍ୱିତ ରିଫାଇନେରୀ ଓ ପେଟ୍ରୋକେମିକାଲହବ ନିର୍ମାଣ ପାଇଁ ଆଇଓସିଏଲ ର ପ୍ରତିବଦ୍ଧତା କୁ ସୁଦୃଢ଼ କରୁଛି ଯାହା ଓଡିଶା ତଥା ଦେଶବାସୀ ଙ୍କ ପାଇଁ ଉର୍ଜା-ଶକ୍ତି ସୁରକ୍ଷା, ପରିବେଶ ସଂରକ୍ଷଣ ଏବଂ ସାମାଜିକ-ଅର୍ଥନୈତିକ ବିକାଶ କୁ ସମର୍ଥନ କରୁଥିବା ନେଇ ଶ୍ରୀ ବସୁ ସୂଚନା ଦେଇଥିଲେ ।



## କଳାହାଣ୍ଡି ଜିଲ୍ଲା ସ୍ତରୀୟ ବିକାଶ ମେଳା



କଳାହାଣ୍ଡି/ମହାଭାରତ:: ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ନୂଆ ସରକାର ଙ୍କ ଦ୍ୱାରା କାର୍ଯ୍ୟକାରୀ ହେଇଥିବା ଜନକଲ୍ୟାଣ ଯୋଜନା ସମ୍ପର୍କରେ ସଚେତନ ସୃଷ୍ଟି କରିବା ନିମନ୍ତେ ରାଜ୍ୟ ବ୍ୟାପୀ ଜୁନ ୧୨ ତାରିଖ ରୁ ଜୁନ ୨୦ ତାରିଖ ପର୍ଯ୍ୟନ୍ତ ସାଧାରଣ ସଭା, ପ୍ରଦର୍ଶନ,ଆଲୋଚନା ଚକ୍ର, ବିଭିନ୍ନ ବିଭାଗ ଦ୍ୱାରା ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ସହାୟତା ପ୍ରଦାନ,ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତୋଦୟ ଯୋଜନା, କାର୍ଯ୍ୟାଦେଶ ପ୍ରଦାନ,ନୂତନ ରେସନ୍ କାର୍ଡ, ନିର୍ମାଣ ଶ୍ରମିକ କାର୍ଡ ପ୍ରଦାନ ଇତ୍ୟାଦି ବିଭିନ୍ନ କାର୍ଯ୍ୟକ୍ରମ ର ଆୟୋଜନ ନିମନ୍ତେ ସ୍ଥିରୀକୃତ ହୋଇଛି । ଆଜି କଳାହାଣ୍ଡି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକାଶ ମେଳା ର ଦିତୀୟ ଦିବସର ମୁଖ୍ୟ ଅତିଥି ଭାବେ ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ମାନ୍ୟବର ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଯୋଗଦେଇ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ନୂଆ ସରକାର କଥା ଦେଇ କଥା ରଖି ରାଜ୍ୟ ର ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟ ରେ କାର୍ଯ୍ୟକାରୀ କରିଥିବା ଓ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ବିକାଶ ମୁଖୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । କଳାହାଣ୍ଡି ଜିଲ୍ଲା ର ପ୍ରଭାରୀ ଦାୟିତ୍ୱ ତୁଲାଉ ଥିବାରୁ ଜିଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ନିମନ୍ତେ ଆବଶ୍ୟକ ସମସ୍ତ ପଦେକ୍ଷପ ସରକାରଙ୍କ ତରଫରୁ ନିଆଯିବ । ଏଥିପାଇଁ ସମସ୍ତଙ୍କ ର ସହଯୋଗ ର ଆବଶ୍ୟକତା ରହିଛି ବୋଲି ମାନ୍ୟବର ମନ୍ତ୍ରୀ ଦର୍ଶାଇଥିଲେ । ଏହି ଅବସରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ ) ରେ ଦୁଇ ଜଣ ଙ୍କୁ ଗୃହ ନିର୍ମାଣ ନିମନ୍ତେ ପ୍ର୍ୟତେକ ଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା ର କାର୍ଯ୍ୟାଦେଶ ମାନ୍ୟବର ମନ୍ତ୍ରୀ ପ୍ରଦାନ କରିଥିଲେ ।ସେହିପରି ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପାଞ୍ଚ ଜଣ ଅନୁକମ୍ପା ଉପଭୋକ୍ତ ଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା,ଦୁଇ ଜଣ ଶିଳ୍ପ ଉଦ୍ୟୋଗୀ ମଧୁ ଅଗ୍ରୱାଲ, ଏମ୍ ରାମପୁର, ମନମୋହନ କର ଙ୍କୁ ଏମ୍ ଏସ୍ ଏମ୍ ଇ ନୀତି ୨୦୨୨ ଅନୁଯାଇ ୧୫ ଲକ୍ଷ ୮୨ ହଜାର ୭୦୦ ଟଙ୍କା, ୬,୧୫,୮୫୫ ଟଙ୍କା ର ଅନୁଦାନ ରାଶି ର ଚେକ୍ ମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ନିର୍ମାଣ ଶ୍ରମିକ ସହାୟତା ରାଶି,ଆୟୁଷ୍ମାନ କାର୍ଡ, ବୟୋ ବନ୍ଦନା କାର୍ଡ ଅନ୍ତୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ଇତ୍ୟାଦି ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଙ୍କ ଦ୍ୱାର ପ୍ରଦାନ କରାଯାଇଥିଲା ।

## ଆସିକା ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

ଆସିକା (ମହାଭାରତ): ଆସନ୍ତା ରଥଯାତ୍ରା ନିମନ୍ତେ ଆସିକା ସହରର ସୁନାମ୍ଧ ସାହି ରେ ବିଜେ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ର ଚଳିତବର୍ଷ ରଥଯାତ୍ରା ସୁରୁଖୁରୁରେ ସମାପନ ନିମନ୍ତେ ଏକ ବୈଠକ ଆସିକା ତହସିଲଦାର ସଙ୍ଗୀତା ସେଣ ଙ୍କ ପୌରହିତ୍ୟରେ ମନ୍ଦିର ପରିଚଳନା କମିଟି ର ତ୍ରୁଷ୍ଟି ନାରାୟଣ ମୁନି, ଅତିରିକ୍ତ ତହସିଲଦାର ସୌଦାଗର ବେହେରା ଓ ଅମରେଶ ସାବତ,ଏନ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ଆସିକା ଥାନା ଅଧିକାରୀ କୁଳମଣି ସେଠୀ,ପ୍ରମୁଖ ଉପସ୍ଥିତ ରହିଥିଲେ । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ପବିତ୍ର ରଥଯାତ୍ରା ଶାନ୍ତି ଶୃଙ୍ଖଳା ଓ ଉତ୍ସାହ ସହ ପାଳନ ନେଇ ଏକ ସମନ୍ୱୟ ବୈଠକ ତହସିଲ କାର୍ଯ୍ୟାଳୟ ର ଭିସି ହଲ ରେ ଆୟୋଜିତ ହୋଇଥିଲା । ରଥ ଦାଣ୍ଡ ଉପରେ ଯାତ୍ରା ସମୟରେ ରାସ୍ତା ଉପରୁ ପଥର, ଇଟା, ବାଲି କୁ ଉଚ୍ଛେଦ କରିବା, ରାସ୍ତା ର ଉଭୟ ପାର୍ଶ୍ୱ ରେ ଗଛ ର ଶଖା ପ୍ରଶାଖା କୁ ସଫା କରିବା, ରାସ୍ତା ମଝି ରେ ଥିବା ଖାଲ ଖମାକୁ ମରାମତି କରିବା, ରାସ୍ତା ମଝିରେ ବିଦ୍ୟୁତ ତାର, ଟିଭି ପାଇଁ କେବୁଲ ତାର କୁ ଯାତ୍ରା ସମୟରେ ବାହାର କରିବା, ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭକ୍ତଙ୍କୁ ଜଳ ସିଞ୍ଚନ କରିବା, ସହ ସମସ୍ତ ବିଭାଗ ଯାତ୍ରା ପୂର୍ବରୁ ଘଟଣା ସ୍ଥଳ ପରିଦର୍ଶନ କରି ସ୍ଥିତି ପରୀକ୍ଷିବା ନିମନ୍ତେ ସ୍ଥିର ହୋଇଥିଲା । ଏତତଃ ବ୍ୟତୀତ ସ୍ୱାସ୍ଥ୍ୟ ବିଭାଗ, ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରେ ରଥ ଟଣା ନିମନ୍ତେ ପୋଲିସ ମୁତୟନ, ଉପରେ ଧ୍ୟାନ ଆକର୍ଷଣ ହୋଇଥିଲା । ଏହି ବୈଠକ ରେ ବିଦ୍ୟୁତ ବିଭାଗ ର କନିଷ୍ଠ ଯନ୍ତ୍ରୀ ଇ. ରାକେଶ ପାତ୍ର,ବ୍ଲକ ର ଜି ପି ଡି ଓ ରାଜଶ୍ରୀ ସାହୁ, ଅଗ୍ନିଶମ ବିଭାଗ ର ଅଧିକାରୀ କୈଳାସ ଚନ୍ଦ୍ର ସାହୁ,ମନ୍ଦିର କମିଟି ର ସଦସ୍ୟ ପ୍ରଫୁଲ ଚନ୍ଦ୍ର ମହାପାତ୍ର,ନୀଳ ମାଧବ ଦାସ,ତହସିଲ ର ବରିଷ୍ଠ କିରାଣୀ କିରଣ କୁମାର ପାଢ଼ୀ, ଅବସର ପ୍ରାପ୍ତ ତହସିଲ ର ବରିଷ୍ଠ ସୁପର ଭାଇଜର ବିଶ୍ୱନାଥ ଲେଙ୍କା, ରାଜସ୍ୱ ଅଧିକାରୀ ବିଷ୍ଣୁପ୍ରିୟା ରାଉତ,ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅମୀୟ ଚନ୍ଦ୍ର ଗୌଡ଼ ଏବଂ ବହୁ ସାମ୍ବାଦିକ ଉପସ୍ଥିତ ରହିଥିଲେ ।

## ବିକଶିତ ବାହନ ମେଳା ଏରେଣ୍ଡାଇ ଡୁମୁରିଆ ପଞ୍ଚାୟତରେ ଅନୁଷ୍ଠିତ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଦୁଇଟି ପଞ୍ଚାୟତ ରେ ବିକଶିତ ବାହନ ଯାତ୍ରା ମେଳା ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମ ଏରେଣ୍ଡାଇ ସରପଞ୍ଚ ପାର୍ବତୀ ଦେହୁରୀ ଙ୍କ ଅଧ୍ୟକ୍ଷତା ରେ ହୋଇ ଥିବା ବେଳେ କାର୍ଯ୍ୟକ୍ରମ ରେ ପାଟଣା ବିଡିଓ ମାନସ ଦଣ୍ଡପାଟ, ଜିପିଓ ରଶ୍ମିରେଖା ମହାନ୍ତି,ଡବ୍ଲୁଇଓ ସିପ୍ରାରାଣି ମହାନ୍ତ, ରାଜସ୍ୱ ନିରୀକ୍ଷକ ବୁଧଦେବ ମହାନ୍ତ,ପଞ୍ଚାୟତ ଅଧିକାରୀ ରିମ୍ପା ନାଏକ, କୋଷାଧ୍ୟକ୍ଷ ଯଦୁମଣି ମହାନ୍ତ,ଯୋଗାଣ ନିରିକ୍ଷକ ସୁନୀତା ମାରାଣ୍ଡି,ସିପି ବେଦବ୍ୟାସ ମହାନ୍ତ,ବିଏଲସି ସୁରେନ୍ଦ୍ର ଖଣ୍ଡା, ଯୋଗାଣ ସହାୟକ ସୁଜିତ କୁମାର ମହାନ୍ତ,ସ୍ୱାସ୍ଥ୍ୟ କର୍ମୀ ଜ୍ୟୋତ୍ରୀମୟୀ ନାଏକ, ଏମବିକେ ସୁଲୋଚନା ମହାନ୍ତ,ଆଶାକର୍ମୀ ସରସ୍ୱତୀ ମହାନ୍ତ ଉପସ୍ଥିତି ରେ ଅନ୍ତଦ୍ୟ ଗୃହ ୩ଜଣ, ଜବକାର୍ଡ ୧୫ଜଣ, ଭତ୍ତା ୩ଜଣ, ଜମିପଟ୍ଟା ୧୦ଜଣ ଙ୍କୁ ବଣ୍ଟନ କରାଯାଇଛି । ସେହି ପରି ଡୁମୁରିଆ ପଞ୍ଚାୟତ ରେ ସରପଞ୍ଚ ଗୌରହରି ନାଏକ ଙ୍କ ଅଧ୍ୟକ୍ଷତା ରେ ବିକଶିତ ବାହନ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମ କୁ ପାଟଣା ବ୍ଲକ ବିଡିଓ ମାନସ ଦଣ୍ଡପାଟ, ଜିପିଓ ରଶ୍ମିରେଖା ମହାନ୍ତ,ଡବ୍ଲୁଇଓ ସିପ୍ରାରାଣୀ ମହାନ୍ତ, ଯୋଗାଣ ନିରିକ୍ଷକ ସୁନୀତା ମାରାଣ୍ଡି, ବିଲେସି ସୁରେନ୍ଦ୍ର ଖଣ୍ଡା, ନାଏବ ସରପଞ୍ଚ ସୁଚିତ୍ରା ମହାନ୍ତ, ପଞ୍ଚାୟତ ଅଧିକାରୀ ସୁଧାଂଶୁ ପାଇକିରାଇ,କୋଷାଧ୍ୟକ୍ଷ ଯଦୁମଣି ମହାନ୍ତ,ସ୍ୱାସ୍ଥ୍ୟକର୍ମୀ କଳ୍ପନା ମହାନ୍ତ, ଯୋଗାଣ ସହାୟକ, ସୈମ୍ୟରଞ୍ଜନ ପଲେଇ,ଏମବିକେ ତପସ୍ୱିନୀ ମହାନ୍ତ ଉପସ୍ଥିତି ରେ ଅନ୍ତଦ୍ୟ ଗୃହ ୩ଜଣ,ଜବକାର୍ଡ ୧୦କାର୍ଡ,ରାସନ କାର୍ଡ ୯ଜଣ, ଜମିପଟ୍ଟା ୬ଜଣ ଙ୍କୁ ବଣ୍ଟନ କରାଯାଇଛି । ଏହି ପରି ରାଜ୍ୟ ଓ ରାଜ୍ୟ ସରକାରଙ୍କ ଯୋଜନାରେ ହିତାଧିକାରୀ ମାନଙ୍କୁ ସାମିଲ କରିଥିବା ନେଇ ଖୁସି ଅନୁଭବ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇ ଥିଲେ ।

### ଇନ୍-ଡୋର୍ ଷ୍ଟାଡିୟମରେ ସୁଇମିଂ ପୁଲ୍ ନିର୍ମାଣ

# ଅବଧି ଶେଷ ହେଲେ ମଧ୍ୟ କଚ୍ଛପ ଗତିରେ ଚାଲିଛି କାର୍ଯ୍ୟ





ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲାରେ କ୍ରୀଡ଼ା ଭି□ଭୂମିକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପକ୍ଷରୁ ଇନ୍-ଡୋର୍ ଷ୍ଟାଡିୟମରେ ଏକ ସୁଇମିଂ ପୁଲ୍ ନିର୍ମାଣ କରାଯାଉଛି । ସାଧାରଣ ନିର୍ବାଚନର ବହୁ ପୂର୍ବରୁ ଏହାର ଶୁଭ ଉଦ୍ଘାଟନ କରାଯାଇଥିବା ବେଳେ ଗତ ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ଏହି ସୁଇମିଂ ପୁଲ୍ ନିର୍ମାଣ କାମ ଶେଷ କରି ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରାଯିବା ପାଇଁ ଧାର୍ଯ୍ୟ କରାଯାଇଥିଲା । ମାତ୍ର ୨୦୨୫ ମାର୍ଚ୍ଚ ଶେଷ ହୋଇ ସାରିଥିଲେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ଏବେ ବି ଚାଲୁ ରହିଛି । ଏହି ସୁଇମିଂ ପୁଲ୍ ନିର୍ମାଣ କାର୍ଯ୍ୟ ଚଳିତ ବର୍ଷ ସୁଦ୍ଧା ଶେଷ ହେବ କି ନାହିଁ, ଏହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି । ଯୁବପିଢ଼ିଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ପାଇଁ ଜିଲ୍ଲାରେ ଖେଳପଡ଼ିଆର ଉତ୍ତତୀକରଣ ଓ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆର ବିକାଶ କରାଯାଇଥିବା ବେଳେ ନୟାଗଡ଼ ଷ୍ଟାଡିୟମକୁ ନୂଆ ରୂପ ଦିଆଯାଇଛି । ପିଟିଏସ୍ ରୋଡ୍ସ୍ଥିତ ନୟାଗଡ଼ ଷ୍ଟାଡିୟମ୍ ପାର୍ଶ୍ୱରେ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍-ଡୋର୍ ଷ୍ଟାଡିୟମ୍ ଉଦ୍ଘାଟନ ହୋଇଥିବା ବେଳେ ତାହା ମଧ୍ୟରେ ବିଭିନ୍ନ ଖେଳ ପାଇଁ ଆବଶ୍ୟକ ସରଞ୍ଜାମ ରହିଛି । ବିଶେଷ କରି ସନ୍ତରଣ ଦିଗରେ ଯୁବପିଢ଼ିଙ୍କ ମଧ୍ୟରେ ଅଧିକ ଆଗ୍ରହକୁ ଦୃଷ୍ଟିରେ ରଖି ଏହି ଇନ୍-ଡୋର୍ ହଲ୍ ନିକଟରେ ନିର୍ମାଣ ହେଉଛି ଏକ ବୃହ୍ତ ସୁଇମିଂ ପୁଲ୍ । ଏହାର ନିର୍ମାଣ କାମ ଜୋରଦାର୍ ଚାଲିଥିବା ବେଳେ ଖୁବ୍‌ଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରାଯିବା ବୋଲି ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା । ସନ୍ତରଣ ସୁବିଧା ପାଇଁ ତତ୍କାଳୀନ ରାଜ୍ୟ ସରକାର ଭୁବନେଶ୍ୱର, ବାଲେଶ୍ୱର, ଭବାନୀପାଟଣା, ନୟାଗଡ଼ର ପ୍ରମୁଖ ସ୍ଥାନରେ ୬ଟି ସୁଇମିଂ ପୁଲ୍ ନିର୍ମାଣ କରିବା ପାଇଁ ଅର୍ଥ ମଞ୍ଜୁର କରାଇଛନ୍ତି । ୫୦ କୋଟି ଟଙ୍କା ବିନିମୟରେ ଏହି ୬ଟି ସୁଇମିଂ ପୁଲ୍ ନିର୍ମାଣ ପାଇଁ ଓଡ଼ିଶା ବ୍ରିଜ୍ କର୍ପୋରେସକୁ ଦାୟିତ୍ୱ ଦିଆଯାଇଛି । ନୟାଗଡ଼ରେ ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ସୁଇମିଂ ପୁଲର ଲମ୍ବ ୨୦ ମିଟର ଏବଂ ଚଉଡ଼ା ୧୮ ମିଟର ରହିଛି । ଏଥି ସହ ତାହା ପାଖକୁ ଲାଗି କପଡ଼ା ବଦଳାଇବା ଗୃହ, ଶୌଚାଳୟ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବ ବୋଲି ଜଣାପଡ଼ିଛି । ସନ୍ତରଣରେ ଆଗ୍ରହ ରଖୁଥିବା କ୍ରୀଡ଼ାପ୍ରେମୀଙ୍କ ପାଇଁ ଏହା ବେଶ୍ ସହାୟକ ହେବା ଏହି ସୁଇମିଂ ପୁଲ୍ ପାଇଁ ଏକ ପାଣି ଟାଙ୍କି ମଧ୍ୟ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଇବାକୁ ସାଧାରଣରେ ଦାବି ହୋଇଛି । ଏ ନେଇ ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ କୁହନ୍ତି ଯେ, ମାର୍ଚ୍ଚ ମାସ ସୁଦ୍ଧା ଏହି ସୁଇମିଂ ପୁଲ୍ ନିର୍ମାଣ କାର୍ଯ୍ୟ ଶେଷ କରି ଓବିସିସି ଏହାକୁ ହସ୍ତାନ୍ତର କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା । ମାତ୍ର ବର୍ତ୍ତମାନ ସୁଦ୍ଧା ଉକ୍ତ ସଂସ୍ଥା ନିର୍ମାଣ କାମ ଶେଷ କରିନାହିଁ୍ୟ ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକରେ ଆସନ୍ତା ଜୁନ୍ ୩୦ ସୁଦ୍ଧା ସୁଇମିଂ ପୁଲ୍ ନିର୍ମାଣ କାମ ଶେଷ କରାଯିବ ବୋଲି ଓବିସିସି ପକ୍ଷରୁ ସ୍ପଷ୍ଟ କରାଯାଇଛି । ବାସ୍ତବରେ ଏହି ସମୟ ମଧ୍ୟରେ ନିର୍ମାଣ କାମ ଶେଷ ହେଉଛି କି ନାହିଁ, ଏହା ଉପରେ ସମସ୍ତଙ୍କ ନଜର ରହିଛି ।

## ଦକ୍ଷିଣ ଓଡିଶାର ଭିତ୍ତି ଭୂମି ବିକାଶ ଦାବୀରେ ଦାବିପତ୍ର ପ୍ରଦାନ



ଆସିକା(ମହାଭାରତ):ଦକ୍ଷିଣ ଓଡିଶା ରେଳପଥ ଓ ସାମୁହିକ ଭିତିଭୂମି ବିକାଶ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାଜପଥ ପ୍ରଶସ୍ତିକରଣ, ରେଳପଥ ନିର୍ମାଣ,ନଦୀ ର ଜଳ କୁ ସଂଯୋଗୀ କରଣ, ଶିକ୍ଷା ଅନୁଷ୍ଠାନର ପୁନଃ ଉଦ୍ଧାର ସମେତ ଅନେକ ଭିତ୍ତି ଭୂମି ବିକାଶ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଏକ ଦାବୀ ପତ୍ର ବିଡ଼ିଓ ଙ୍କ କାର୍ଯ୍ୟଳୟ ରେ ଉପସ୍ଥିତ ଥିବା ଜିଲ୍ଲାର ଏ ଡି ଏମ ପ୍ରମୋଦ ପୃଷ୍ଟି ଙ୍କୁ ପ୍ରଦାନ କରିଥିଲେ । ଆଜିର ଏହି ଦାବୀ ପତ୍ର ରେ ଦକ୍ଷିଣ ଓଡ଼ିଶାର ବିକାଶ ନିମନ୍ତେ ବ୍ରହ୍ମପୁର ଅଂଚଳ ର ବିକାଶ କୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ବେଳେ ଆସିକା ଭଳି ଏକ ଦକ୍ଷିଣ ଓଡିଶା ର ଅନ୍ୟ ଏକ ପ୍ରାଣ କେନ୍ଦ୍ରର ଭିତ୍ତି ଭୂମିର ବିକାଶ ଉପରେ ଉକ୍ତ ଦାବୀ ପତ୍ର ରେ ନଥିବାରୁ ଅନେକ ବୁଦ୍ଧିଜୀବୀ ଏହାକୁ ନା ପସନ୍ଦ କରିଛନ୍ତି । ଦକ୍ଷିଣ ଓଡ଼ିଶାର ବିକାଶ ରେ ଆସିକା କୁ ଅବହେଳିତ ହେଉଥିବା ନେଇ ଅନେକ ନେତାମତ ରଖିଥିଲେ । ଆସିକା ଏକ ସଂସଦୀୟ କ୍ଷେତ୍ର ହୋଇ ରହିଛି । ସମବାୟ ନଗରୀ ରୂପେ ପରିଚିତ ଥିବା ଆସିକା ସହରରୁ ବୁଡି ଯାଉଥିବା ସମବାୟ ଅନୁଷ୍ଠାନ କୁ ଜୀବିତ ରଖିବା, ରଷିକୂଲ୍ୟା ର ଜଳ କୁ ବିଭିନ୍ନ କମ୍ପାନୀ କୁ ନଦେଇ ଚେକ ଡେମ କରି ଭବିଷ୍ୟତ ପାଇଁ ଚାଷ ଓ ପାନୀୟ ଜଳ ପାଇଁ ସଂରକ୍ଷଣ ରକ୍ଷା କରିବା, ସର୍ବ ପୁରାତନ ସୂତାକଳ କୁ ଚାଲୁ କରାଗଲେ ଅନେକ ବେକାରୀ ରୋଜଗାର ପାଇବାର ସୁବିଧା, କୃଷି ଭିତିକ ଆସିକା ଅଂଚଳ ରେ ଶୀତଳ ଭଣ୍ଡାର, କୃଷି ଓ ବୈଷୟିକ ବିଦ୍ୟାଳୟ ପ୍ରତିଷ୍ଠା, ଏ ଏନ ଏମ ଓ ଜି ଏନ ଏମ ତାଲିମ ଅନୁଷ୍ଠାନ, ସରକାରୀ ଆଇ ଆଇ ଟି ଖୋଲିବା, ଆସିକାରୁ ବିମାନ ଚଳାଚଳ ପ୍ରସ୍ତାବ, ଆସିକା ର ଦୁଇ ପଟେ ପ୍ରବାହିତ ରଷିକୂଲ୍ୟା ଓ ବଡ଼ ନଦୀରେ ବ୍ୟାରେଜ ନିର୍ମାଣ, ବନ୍ୟା ରୁ ମୁକୁଳିବା ପାଇଁ ଜଳ ନିଷ୍କାସନ, ନୂତନ ସେତୁ ନିର୍ମାଣ ପ୍ରସ୍ତାବ ଭଳି ବିକାଶ ମୂଳକ ପ୍ରସଙ୍ଗ ସ୍ଥାନ ନଥିବାରୁ ଅନେକ ଜ୍ଞାନୀ, ଗୁଣି, ବୁଦ୍ଧିଜୀବୀ ମାନେ ମନରେ ଆଶଙ୍କା ଆସିଯାଇଛି । ଦକ୍ଷିଣ ଓଡିଶା ର ବିକାଶ ମାନେ କଣ ଆସିକା ଅବହେଳିତ ହୋଇ କେବଳ ବ୍ରହ୍ମପୁର ର ଉନ୍ନତି ହେବା ଜରୁରୀ ।ଏହି ଅବସର ରେ ଗୋପାଳପୁର – ସମ୍ବଲପୁର(ରେଢ଼ାଖୋଲ) ରେଳପଥ ନିର୍ମାଣ ଦାବୀ ରେ ସଚେତନତା ରଥ ପରିକ୍ରମା ଓ ଅବହେଳିତ ଦକ୍ଷିଣ ଓଡିଶାର ବିକାଶର ବାର୍ତ୍ତା ହିଂଜିଳି ଠାରୁ ଆରମ୍ଭ କରି, ଆସିକା, ଭଂଜନଗର, ଫୁଲବାଣୀ ପର୍ଯ୍ୟନ୍ତ ଏବଂ ଗ୍ରାମ ପଂଚାୟତ, ସଦର ମହକୁମା, ସହର ତଥା ଜିଲ୍ଲା ପର୍ଯ୍ୟନ୍ତ ଜନସାଧାରଣ ଙ୍କୁ ସଚେତନତାର ବାର୍ତ୍ତା ପ୍ରଚାର କରି ପ୍ରସାଶନ ଏବଂ ଶାସନ କଳରେ ବିକାଶ ର ଦାବି ପହଁଚାଇବା ଅଭିପ୍ରାୟ ରେ ଏହି ଯାତ୍ରା ଆରମ୍ଭ କରାଯାଇଛି ବୋଲି ଅନେକ ମତ ରଖିଥିଲେ ।ଏହି ରଥ ହିଂଜିଳି, ଆସିକା, ଭଂଜନଗର ଓ ଫୁଲବାଣି ଅଭିମୁଖେ ଯାତ୍ରା କରିବା କାର୍ଯ୍ୟକ୍ରମ ରହିଛି । ଦକ୍ଷିଣ ଓଡିଶା ରେଳପଥ ଉତ୍ତୟନ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ସରୋଜ ରଞ୍ଜନ ପଟନାୟକ, ଡ଼.ବାଳକୃଷ୍ଣ ପଣ୍ଡା , ବିନୋଦ ଠାକୁର, ରାଜେନ୍ଦ୍ର ପଣ୍ଡା, ପ୍ରିତିଶ କୁମାର ପାଣିଗ୍ରାହୀ, ପ୍ରବୀଣ ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ଅମ୍ବିକା ପଣ୍ଡା,ରାଜେନ୍ଦ୍ର ପଣ୍ଡା, ବରିଷ୍ଠ ଆଇନଜୀବୀ ଦିଲ୍ଲୀପ ପାଣିଗ୍ରାହୀ,ବିଦେଶୀ ନାୟକ,ଜିଲ୍ଲା ପରିଷଦ ସଦସ୍ୟ ଅନିମା ପରିଡା, ବହୁ ମୁଖି ସମବାୟ ସମିତି ର ସଭାପତି କାର୍ତ୍ତିକେଶ୍ୱର ପରିଡା, ଦୀପକ ପଣ୍ଡା , ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଦାନଗଦି ମେଡ଼ିକାଲରେ ୪୦ଜଣ ଝାଡାବାନ୍ତି ରୋଗୀ ଭର୍ତ୍ତି, ମୃତ ୪କୁ ବୃଦ୍ଧି



କଳିଙ୍ଗ ନଗର(ମହାଭାରତ): ଯାଜପୁର ଜିଲ୍ଲାରେ ଚିନ୍ତା ବଢାଇଛି ଝାଡାବାନ୍ତି ଅଣାୟତ ସ୍ଥିତି ହୋଇଛି ।ଝାଡାବାନ୍ତି ବ୍ୟାପିବାର ଗୁରୁବାର ତୃତୀୟ ଦିନରେ ଦାନଗଦୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୪୦ଜଣ ରୋଗୀ ଚିକିତ୍ସା ପାଇଁ ଆସିଥିଲେ । ସେମାନଙ୍କ ମଧ୍ୟ ରୁ ୧୩ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି, ୨୭ ଜଣ ବର୍ତମାନ ଚିକିତ୍ସିତ ହେଉଛନ୍ତି । ଆଜି ରିଜିଓନାଲ ମେଡିକାଲ ରିସର୍ଚ୍ଚ ଟିମ ଆସି ଦାନଗଦି ବ୍ଲକର ତିନିଜଣ ମୃତ୍ୟୁ ଓ ଅଧିକ ସଂଖ୍ୟକ ଆକ୍ରାନ୍ତ ହୋଇଥିବା ଉଚ୍ଚବାଲି ପଞ୍ଚାୟତର ତରାଇଲୋ ଗାଁ ରେ ଘରକୁ ଘର ତଦନ୍ତ କରି ରିପୋର୍ଟ ସଂଗ୍ରହ କରିଛନ୍ତି ।ପରିସ୍ଥିତି ନିୟଂତ୍ରଣାଧୀନ ଅଛି ଓ ଲୋକମାନଙ୍କୁ ସଚେତନତା କରାଯାଉଛି ବୋଲି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଜ୍ୟୋତି ରଞ୍ଜନ ମହାପାତ୍ର କହିଛନ୍ତି ।ଆଜି କଂଗ୍ରେସ ପାର୍ଥ ବିଭୁ ଭୂଷଣ ରାଉତ ନେତୃତ୍ୱରେ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ର ପହଁଚି ଡାଇରିଆ ରୋଗୀଙ୍କ ସହ ଆଲୋଚନା କରିବା ସହ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଥିଲେ ।

# ପୈତୃକ ଜମିକୁ ପାଇଁ ଦୌଡି ଦୌଡି ନିରାଶ ହେଲେଣି ଦଳିତ ପରିବାର



ଦାନଗଦି: (ମହାଭାରତ)ଦାନଗଦୀ ବ୍ଲକ ଅନ୍ତର୍ଗତ ଓଲ୍ଲଳ ପଞ୍ଚାୟତ ର ଗୋଡ଼ିଗୋଠ ଗାଁ ରେ ଏକ ଦଳିତ ପରିବାର ନିଜ ବାପା ଜେଜେ ଅମଳର ପୈତୃକ ସମ୍ପତିକୁ ବଞ୍ଚାଇବା ପାଇଁ ତହସିଲ ଅଫିସ ରୁ କୋର୍ଟ ପ୍ରଯ୍ୟନ୍ତ ଦୌଡ଼ି ଦୌଡି ନିରାଶ ହେଇଥିବା ଜଣା ପଡିଛି, ସୂଚନା ମୁତାବକ ଏହି ଗୋଡି ଗୋଠ ଗାଁ ର ଶରତ ଜେନା, ଦିଲ୍ଲୀପ ଜେନା, ଭୂପେନ୍ଦ୍ର ନାରାୟଣ ସିଂ ଜେନା ଓ ଅଦ୍ୱୈତ୍ୟ ଜେନା ଗୋଟିଏ ପରିବାର ର ସଦସ୍ୟ, ସେମାନଙ୍କ ଅଭିଯୋଗ ହେଲା ତାଙ୍କ ଜେଜେ ଲକ୍ଷ୍ମୀଧର ଜେନା ଜଣେ ପୂର୍ବତନ ସାଂସଦ ଥିଲେ ତାପରେ ତାଙ୍କ ବଂଶ ଧର ଗୋପୀଡ଼ିଆ ବାଘ ଓ ବୈଦ୍ୟନାଥ ଜେନାଙ୍କ ନାମ ରେ ଖାତା ନମ୍ବର ୫ ଓ ପ୍ଲଟ ନମ୍ବର ୩୭୭ ରେ ୭୫ ଡ଼ିସିମିଲ ପଟ୍ଟା ଜାଗା ଥିଲା, ସେ ପଟ୍ଟା ଏ ପ୍ରଯ୍ୟନ୍ତ ତାଙ୍କ ପାଖରେ ଅଛି ,ସେତେବେଳେ ଗାଁ ର ବିଦ୍ୟାଳୟ ପାଇଁ ତାଙ୍କ ଜେଜେ ବିନା ଲେଖା ପଢା ରେ ମୌଖିକ ଭାବେ କିଛି ଜମିକୁ ବିଦ୍ୟାଳୟ ର ଏକ ଗୃହ ପାଇଁ ଦାନ କରିଥିଲେ । କାଳ କ୍ରମେ ସେମାନଙ୍କ ଅନ୍ତେ କିଛି ମୁଷ୍ଟିମେୟ ବ୍ୟକ୍ତି ରାଜନୀତି କରି ଜୋର ଜବରଦସ୍ତ ମିଛ ଦସ୍ତଖତ ମାରି ସେ ଜାଗା ଉପରେ ନୂତନ ବିଦ୍ୟାଳୟ ଗୃହ ନିର୍ମାଣ କରୁଛନ୍ତି, ସେମାନଙ୍କ ର ପ୍ରକୃତ ଉଦେଶ୍ୟ ହେଲା ବିଦ୍ୟାଳୟ ଗୃହ ନିର୍ମାଣ ରେ ଠିକାଦାରୀ କରି ମୁନଫା କମାଇବା, ଯେହେତୁ ବିଦ୍ୟାଳୟ ଟି ସମସ୍ତଙ୍କର ପିଲା ପାଠ ପଢୁଛନ୍ତି, ସର୍ବସାଧାରଣ ଅନୁଷ୍ଠାନ ତେଣୁ କିଛି ଲୋକ କହିବା କଥା ଦୀର୍ଘ ବର୍ଷ ପରେ ଏ ପରିବାର କାହିଁକି ଜମି ଉପରେ ନିଜର ଅଧିକାର ସାବ୍ୟସ୍ତ କରୁଛନ୍ତି ? ଏହାକୁ ବିରୋଧ କରି ନିଜ ବାପା ଜେଜେ ଅମଳର ଜାଗାରେ ନିଜର ଅଧିକାର ପାଇଁ, ନିଜେ ଜମି ଫେରି ପାଇବା ପାଇଁ ଏହି ଦଳିତ ପରିବାର ଦାନଗଦି ତହସିଲଦାର ଙ୍କ ସମେତ କୋର୍ଟ ର ଆଶ୍ରୟ ନେଇଛନ୍ତି, କୋର୍ଟ ଏହି ପରିବାର କୁ ନ୍ୟାୟ ଦେବା ପାଇଁ ଦାନଗଦି ତହସିଲ କୁ ନିର୍ଦ୍ଦେଶ ଦେଇଛନ୍ତି । ଯଦି ଏହି ଦଳିତ ପରିବାରଙ୍କୁ ତାଙ୍କ ଜମି ଫେରାଇ ନ ଦିଆଯାଏ ତାହେଲେ ଆଗାମୀ ଦିନ ରେ ସେମାନେ ନ୍ୟାୟ ପାଇଁ ହାଇକୋର୍ଟ ଯିବା ପାଇଁ କହିଛନ୍ତି । ସୂଚନା ଥାଉକି ଏହି ମୌଜା ରେ ଦୀର୍ଘ ବର୍ଷ ହେଲା ଭୂ- ବନ୍ଦୋବସ୍ତ (ସେଟଲ ମେଣ୍ଟ) ହୋଇନାହିଁ ସବୁ ଜାଗା ନଟ ଫାଇନାଲ ହୋଇ ପଡି ରହିଛି ।

### ବର୍ଷକର ରିପୋର୍ଟ କାର୍ଡ ଦେଲେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ

# ଦାରିଦ୍ର୍ୟ ହ୍ରାସ ପାଇଁ ବର୍ଷକ ମଧ୍ୟରେ କରାଯାଇଛି ବିଭିନ୍ନ ଯୋଜନା




ନୟାଗଡ଼, ( ମହାଭାରତ ) : ବିଜେପି ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ ନୟାଗଡ଼ ରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ରାଜ୍ୟ ସରକାରଙ୍କ ବର୍ଷକର ରିପୋର୍ଟ କାର୍ଡ ପ୍ରଦାନ କରିଛନ୍ତି । ଏହି ବର୍ଷକ ମଧ୍ୟରେ ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ବିଭିତ୍ତ ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟ ଓ ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ । ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ ଯେ, କେନ୍ଦ୍ର ଓ ରାଜ୍ୟ ସରକାର ଦାରିଦ୍ର୍ୟ ହ୍ରାସ ପାଇଁ ଏକାଧିକ ଯୋଜନା କାର୍ଯ୍ୟକାରୀ କରିବା ସହ ପ୍ରକୃତ ହିତାଧିକାରୀଙ୍କ ନିକଟରେ ଏହା କେମିତି ପହଞ୍ଚି ପାରିବ ଏ ଦିଗରେ ପଦକ୍ଷେପ ନେଇଛନ୍ତି । ଏହା ସହିତ ମହିଳାଙ୍କୁ ସଶକ୍ତ କରାବା ପାଇଁ ଋଣ ସୁବିଧା ସହ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ଏକ ବଡ଼ ଉପଲବ୍ଧି ବୋଲି କହିଥିଲେ । ଆୟୁଷ୍ମାନ କାର୍ଡ ଦ୍ୱାରା ହିତାଧିକାରୀ ମାନେ ଦେଶର ୨୯ ହଜାର ଡାକ୍ତରଖାନାରେ ଚିକିତ୍ସା ସୁବିଧା ପାଇ ପାରୁଛନ୍ତି । ଏହା ସହ ରାଜ୍ୟ ସରକାର ସାମାଜିକ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦେଇ ୮୦ ବର୍ଷ ବୃଦ୍ଧବୃଦ୍ଧା ଓ ୮୦% ପ୍ରତିଶତ ଦିଂବ୍ୟାଙ୍ଗ ଙ୍କୁ ୩ ହଜାର ୫ ଶହ ଟଙ୍କା ଭତ୍ତା ପ୍ରଦାନ ପାଇଁ ବ୍ୟବସ୍ଥା କରିଛନ୍ତି । କ୍ରୀଡ଼ା କ୍ଷେତ୍ରରେ ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଇଛି । ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣିକୁ ତ୍ୱରାନ୍ୱିତ କରି ତୁରନ୍ତ ପଦକ୍ଷେପ ନିଆଯାଉଛି । ରାଜ୍ୟରେ ପୁଞ୍ଜିନିବେଶ ବୃଦ୍ଧି ପାଇଛି, ଶିଶୁ ସୁରକ୍ଷା ଓ ଶିଶୁ ବିକାଶକୁ ଗୁରୁତ୍ୱ ଦିଆଯାଇଛି । ଶିକ୍ଷା କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରି ପ୍ରତି ପଞ୍ଚାୟତରେ ଗୋଦାବରୀଶ ବିଦ୍ୟାଳୟ ଖୋଲିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ କହିଥିଲେ । ବିଜେପି ସରକାର ପ୍ରତିଶ୍ରୁତି ମୁତାବକ ବର୍ଷକ ମଧ୍ୟରେ ଅନେକ କାର୍ଯ୍ୟ କରିଛନ୍ତି । ଧାନର ସହାୟକ ମୂଲ୍ୟ ବୃଦ୍ଧି ଦ୍ୱାରା କୃଷକ ମାନେ ଲାଭବାନ ହୋଇଛନ୍ତି । ପୁରୀ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲା ଯାଇଛି । ରାଜ୍ୟରେ ମୋହନ ସରକାର ଲୋକଙ୍କ ସରକାର ବୋଲି ମନ୍ତ୍ରୀ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସଭାପତି ତାପସ କୁମାର ମାର୍ଥା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ଦଶପଲ୍ଲାର ବିଜେପି ନେତା ରାଘବ ମଲ୍ଲିକ ଉପସ୍ଥିତ ରହିଥିଲେ ।

## ପଠାନକୋଟରେ ବାୟୁସେନା ହେଲିକପ୍ଟରର ଜରୁରୀ ଅବତରଣ



ପଞ୍ଜାବ : ପଞ୍ଜାବର ପଠାନକୋଟ ନଙ୍ଗଲପୁର ଥାନା ଅଞ୍ଚଳରେ ବାୟୁସେନା ହେଲିକପ୍ଟରର ଜରୁରୀକାଳୀନ ଅବତରଣ । ଭାରତୀୟ ବାୟୁସେନର ଆପାଚି ହେଲିକପ୍ଟର ଜରୁରୀ ଅବତରଣ କରିଛି । ତେବେ ଘଟଣାରେ କୌଣସି ପ୍ରକାରର କ୍ଷତି ହୋଇନାହିଁ । ଖବର ମୁତାବକ, ଭାରତୀୟ ବାୟୁସେନାର ଆପାଚି ହେଲିକପ୍ଟର ପଞ୍ଜାବର ପଠାନକୋଟ ଜିଲ୍ଲାର ନାଙ୍ଗଲପୁର ପୋଲିସ ଷ୍ଟେସନ ଅର୍ନ୍ତଗତ ହଲେଡ ଗାଁରେ ଜରୁରୀକାଳୀନ ଅବତରଣ କରିଥିଲା । ପଠାନକୋଟ ବାୟୁସେନା ଷ୍ଟେସନରୁ ଉଡ଼ାଣ ଭରିଥିବା ହେଲିକପ୍ଟରରେ ବୈଷୟିକ ତ୍ରୁଟି ଯୋଗୁଁ ଜରୁରୀ ଅବତରଣ କରିଥିବା ସୂଚନା ମିଳିଛି । ହେଲିକପ୍ଟରର ଜରୁରୀ ଅବତରଣ ଦେଖି ଗ୍ରାମୀଣ ଏକାଠି ହୋଇଯାଇଥିଲେ। କିନ୍ତୁ ସୁରକ୍ଷାକର୍ମୀ ତୁରନ୍ତ ସ୍ଥାନୀୟ ଅଞ୍ଚଳକୁ ଘେରାବନ୍ଦୀ କରିଥିଲେ । ବାୟୁସେନା ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଜରୁରୀକାଳୀନ ଅବତରଣ ନେଇ ଅଫିସିଆଲ ବୟାନ ଜାରି ହୋଇନାହିଁ । ସୂଚନାଯୋଗ୍ୟ, ଆପାଚି ହେଲିକପ୍ଟର ସପ୍ତାହେ ମଧ୍ୟରେ ଦ୍ୱିତୀୟ ଏମରଜେନ୍ସୀ ଅବତରଣ । ପୂର୍ବରୁ ଉତ୍ତରପ୍ରଦେଶ ସହାରନପୁରରେ ମଧ୍ୟ ହେଲିକପ୍ଟର ଜରୁରୀ ଅବତରଣ କରିଥିଲା ।

## ଅହମଦାବାଦ ବିମାନ ଦୁର୍ଘଟଣା : ଭାରତକୁ ସମସ୍ତ ପ୍ରକାର ସାହାଯ୍ୟ କରିବ ଆମେରିକା, ଦୁଃଖ ପ୍ରକାଶ କଲେ ଟ୍ରମ୍ପ



ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅହମ୍ମଦାବାଦରେ ହୋଇଥିବା ଭୟଙ୍କର ବିମାନ ଦୁର୍ଘଟଣା ପାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଦୁର୍ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଥିଲେ ଏବଂ ଭାରତକୁ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ବିମାନ ଦୁର୍ଘଟଣାର ଇତିହାସରେ ଏହା ସବୁଠାରୁ ଭୟଙ୍କର ଦୁର୍ଘଟଣା ବୋଲି ସେ କହିଛନ୍ତି । ଏହା ସହ କିଛି ସହଯୋଗ ଲୋଡିଲେ ଆମେରିକା ତୁରନ୍ତ ସହଯୋଗ ପ୍ରଦାନ କରିବ ବୋଲି ସ୍ୱଷ୍ଟ କରିଛନ୍ତି । ଏହା କିପରି ଘଟିଲା ତାହା ଜଣାପଡୁନାହିଁ । ବିମାନ ଉଡ଼ାଣ ଭରିବା ଦେଖି ଏହା ଠିକ ଭାବେ ଉଡୁଥିବା ଲାଗୁଥିଲା । କିନ୍ତୁ ହଠାତ ଏହାର ଇଞ୍ଜିନ ଅକାମୀ ହୋଇ ବିସ୍ଫୋରଣ ଘଟିଥିବା ଲାଗୁଛି ବୋଲି କହିଛନ୍ତି ଟ୍ରମ୍ପ । ସୂଚନାଯୋଗ୍ୟ, ଜୁନ୍ ୧୨, ୨୦୨୫ରେ ଏୟାର ଇଣ୍ଡିଆର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନଟି ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଲଣ୍ଡନର ଗାଟୱିକ୍ ବିମାନବନ୍ଦରକୁ ଉଡ଼ାଣ କରିଥିଲା । ଅହମଦାବାଦରେ ଘଟିଥିବା ଏୟାର ଇଣ୍ଡିଆ ବୋଇଂ ୭୮୭-୮ ଡ୍ରିମଲାଇନର ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କ ପରିବାରକୁ ଟାଟା ଗ୍ରୁପ୍ ୧ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛି । ଗୁରୁବାର ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଆନ୍ତର୍ଜାତିକ ବିମାନବନ୍ଦରରୁ ଲଣ୍ଡନ ଗାଟଉଇକ ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆ ଫ୍ଲାଇଟ୍ ଇଓ୧୭୧ ଟେକ୍-ଅଫ୍ କରିବାର କିଛି ମିନିଟ ମଧ୍ୟରେ ମେଘାନୀ ନଗର ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କ ପରିବାରକୁ ଟାଟା ଗ୍ରୁପ୍ ୧ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛି ।

# ଇରାନ ଉପରେ ଇସ୍ରାଏଲର ପ୍ରଚଣ୍ଡ ହମଲା







ଇସ୍ରାଏଲ : ଇସ୍ରାଏଲ ବାୟୁ ସେନା ପକ୍ଷରୁ ଇରାନ ଉପରେ ପ୍ରଚଣ୍ଡ ହମଲା କରାଯାଇଛି। ଇରାନର ଆଣବିକ, ମିସାଇଲ, ଜନବସତି ଓ ସାମରିକ ଘାଟି ଉପରେ ଶୁକ୍ରବାର ଭୋର ସମୟରେ ଇସ୍ରାଏଲ ସେନା ଘନଘନ ମିସାଇଲ ମାଡ଼ କରିଛି। ଏହି ଅପ୍ରତ୍ୟାଶିତ ଏୟାର ଷ୍ଟ୍ରାଇକରେ ଇରାନ ନିଜର ଅନେକ ବରିଷ୍ଠ ସାମରିକ କମାଣ୍ଡରଙ୍କୁ ହରାଇଛି। ସେହିପରି ଇରାନର ଏକାଧିମ ସାମରିକ ଘାଟି ଛିନଛତ୍ର ହୋଇ ଯାଇଛି। ଇସ୍ରାଏଲ ଷ୍ଟ୍ରାଇକରେ ସାଧାରଣ ଲୋକ ମଧ୍ୟ ମୃତାହତ ହୋଇଥିବା ଜଣାପଡ଼ିଛି। ଇସ୍ରାଏଲ ଓ ଇରାନ ମଧ୍ୟରେ ବିବାଦ ବହୁ ପୁରୁଣା। ଏବେ ଇରାନ ଆଣବିକ କାର୍ଯ୍ୟକ୍ରମ ଓ ବରିଷ୍ଠ କମାଣ୍ଡରମାନଙ୍କୁ ଇସ୍ରାଏଲ ଟାର୍ଗେଟ କରିବା ମଧ୍ୟପ୍ରାଚ୍ୟକୁ ଭୟଙ୍କର ଯୁଦ୍ଧ ମଧ୍ୟକୁ ଠେଲି ଦେଇଛି। ଇସ୍ରାଏଲର ଆକ୍ରମଣ ପରେ ଇରାନ ମଧ୍ୟ ପ୍ରତିଶୋଧ ନେବାକୁ ପଣ କରିଛି। ଇସ୍ରାଏଲ ଉପରେ ଇରାନ ପକ୍ଷରୁ ୧୦୦ରୁ ଅଧିକ ଡ୍ରୋନ ଦ୍ୱାରା ଆଟାକ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଇସ୍ରାଏଲ ତା'ର ସମସ୍ତ ଏୟାର ଡିଫେନ୍ସ ସିଷ୍ଟମକୁ ଆକ୍ଟିଭେଟ କରି ଦେଇଛି। ଲୋକଙ୍କୁ ସତର୍କ ରହିବାକୁ ମଧ୍ୟ ଇସ୍ରାଏଲ ପକ୍ଷରୁ ପରାମର୍ଶ ଦିଆଯାଇଛି। ଦେଶକୁ ସମ୍ବୋଧନ କରି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି, ସାମରିକ ଅପରେସନ ଦ୍ୱାରା ଇରାନର ଆଣବିକ ଯୁଦ୍ଧାସ୍ତ୍ର କାର୍ଯ୍ୟକ୍ରମର ମୁଖ୍ୟାଳୟକୁ ଟାର୍ଗେଟ କରାଯାଇଛି। ନାତାଞ୍ଜରେ ଥିବା ଇରାନର ପ୍ରମୁଖ ସାମରିକ ଘାଟି, ଇରାନୀୟ ଆଣବିକ ବୈଜ୍ଞାନିକ ଓ ଇରାନର ବାଲାଷ୍ଟିକ ମିସାଇଲ କାର୍ଯ୍ୟକ୍ରମକୁ ନଷ୍ଟ କରାଯାଇଛି। ଅପରେସନ ରାଇଜିଂ ଲାୟନ ଜରିଆରେ ଇରାନ ପଟୁ ଇସ୍ରାଏଲକୁ ରହିଥିବା ବିପଦର ଜବାବ ଦିଆଯାଇଛି। ଏହି ଅପରେସନ ବେଶ କିଛି ଦିନ ଜାରି ରହିବ। ସମସ୍ତ ପ୍ରକାରର ବିପଦକୁ ସଂପୂର୍ଣ୍ଣ ଭାବେ ଖତମ ନ କରିବା ଯାଏ ଏହା ବନ୍ଦ ହେବ ନାହିଁ ବୋଲି ନେତାନ୍ୟାହୁ ସ୍ୱଷ୍ଟ କରିଛନ୍ତି। ହମଲା ପାଇଁ ଇସ୍ରାଏଲକୁ ଭୟଙ୍କର ଦଣ୍ଡ ମିଳିବ ବୋଲି ଇରାନର ସୁପ୍ରିମ ଲିଡର ଅୟତୋଲ୍ଲା ଅଲୀ ଖାମେନି ଚେତାବନୀ ଦେଇଛନ୍ତି। ଏଥିସହ ଇସ୍ରାଏଲ ଆକ୍ରମଣରେ ଏକାଧିକ ଇରାନୀୟ କମାଣ୍ଡର ଓ ବୈଜ୍ଞାନିକଙ୍କ ମୃତ୍ୟୁ ହୋଇଥିବା ସେ ନିଶ୍ଚିତ କରିଛନ୍ତି। ଆକ୍ରମଣରେ ଆମେରିକାର ହାତ ନଥିବା ୱାଶିଂଟନ ସ୍ୱଷ୍ଟ କରିଥିଲେ ହେଁ ଇରାନ ସଶସ୍ତ୍ର ବଳର ମୁଖପାତ୍ର ଏହାକୁ ଗ୍ରହଣ କରି ନାହାନ୍ତି। ଆକ୍ରମଣର ଭୟଙ୍କର ରୂପ ଉଭୟ ଇସ୍ରାଏଲ ଓ ଆମେରିକା ଭୋଗିବେ ବୋଲି ଇରାନ ପକ୍ଷରୁ କୁହାଯାଇଛି। କୁହାଯାଉଛି ଯେ ଇସ୍ରାଏଲ ଆକ୍ରମଣରେ ଇରାନର ସବୁଠାରୁ କ୍ଷମତାଶାଳୀ ଚେହେ ଜେନେରାଲ ହୁସେନ ସଲାମି ପ୍ରାଣ ହରାଇଛନ୍ତି। ସେ ଦେଶର ଇସଲାମିକ ରେଭ୍ୟୁଲେସନାରୀ ଗାର୍ଡ କ୍ରସ୍ ବା ଆଇଆରଜସିର ମୁଖ୍ୟ ଭାବେ କାମ କରୁଥିଲେ। ଏୟାର ଷ୍ଟ୍ରାଇକରେ ଦେଶ ତା'ର ସେନା ମୁଖ୍ୟଙ୍କୁ ହରାଇଥିବା ଆଇଆରଜିସି ନିଶ୍ଚିତ କରିଛି। ସେହିପରି ଇରାନ ସଶସ୍ତ୍ର ବଳର ମୁଖ୍ୟ ତଥା ଦେଶର ସର୍ବୋଚ୍ଚ ସେନା କମାଣ୍ଡର ମେଜର ଜେନେରାଲ ମହମ୍ମଦ ବାଘେରିଙ୍କ ମଧ୍ୟ ମୃତ୍ୟୁ ହୋଇଥିବା ଇରାନ ସରକାରଙ୍କ ଦ୍ୱାରା ପରିଚାଳିତ ଟିଭି ଇରିନ ସ୍ୱଷ୍ଟ କରିଛନ୍ତି। ଇରାନର ପୂର୍ବତନ ଜାତୀୟ ସୁରକ୍ଷା ମୁଖ୍ୟ ଅଲୀ ଶାମଖାନି ସୁପ୍ରିମ ଲିଡରଙ୍କ ମୁଖ୍ୟ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିଲେ। ସେ ଜାତୀୟ ସୁରକ୍ଷା ପରିଷଦର ସଚିବ ମଧ୍ୟ ରହିଥିଲେ। ଇସ୍ରାଏଲ ଷ୍ଟ୍ରାଇକରେ ଶାମଖାନିଙ୍କ ମଧ୍ୟ ଜୀବନ ଯାଇଛି। ବରିଷ୍ଠ ରେଭ୍ୟୁଲେସନାରୀ ଗାର୍ଡ କମାଣ୍ଡର ଗୁଲାମ ଅଲୀ ରଶିଦ ଏୟାର ଷ୍ଟ୍ରାଇକରେ ନିହତ ହୋଇଛନ୍ତି। ତାସନିମ ନ୍ୟୁଜ ଏଜେନ୍ସି କହିଛି ଯେ ଆଣବିକ ବୈଜ୍ଞାନିକ ମହମ୍ମଦ ମେହଦି ଓ ଫ୍ରେୟଦୋନ ଆବ୍ୱାସିଙ୍କ ସମେତ ଇରାନର ୬ ଜଣ ଆଣବିକ ବୈଜ୍ଞାନିକଙ୍କ ମୃତ୍ୟୁ ହୋଇଛି। ଦୀର୍ଘ ଦଶନ୍ଧି ହେଲା ଇରାନର ଆଣବିକ ଓ ବାଲାଷ୍ଟିକ ମିସାଇଲ କ୍ଷମାକୁ ମାଟିରେ ମିଶାଇବାକୁ ଇସ୍ରାଏଲ ଉଦ୍ୟମ କରୁଥିଲା। ଶୁକ୍ରବାର ଅପ୍ରତ୍ୟାଶିତ ଆଟାକ ଦ୍ୱାରା ଇସ୍ରାଏଲ ନିଜ ଲକ୍ଷ୍ୟକୁ କିଛି ମାତ୍ରାରେ ହାସଲ କରିପାରି ଥିବା କୁହାଯାଉଛି। ଇସ୍ରାଏଲର କହିବା କଥା ଯେ ଇରାନ ୧୫ଟି ଆଣବିକ ଯୁଦ୍ଧାସ୍ତ୍ର ତିଆରି କରିବାକୁ ବିଭିନ୍ନ ଜିନିଷ ଏକାଠି କରୁଥିଲା। ଏହା ଇସ୍ରାଏଲ ସମେତ ପୂରା ବିଶ୍ୱ ପ୍ରତି ବିପଦ ସୃଷ୍ଟି କରୁଥିଲା। ତେଣୁ ଅପରେସନ ରାଇଜିଂ ଲାୟନ ଦ୍ୱାରା ଏହାର ଜବାବ ଦିଆଯାଇଛି।

# ପ୍ରତିରକ୍ଷା ବଜେଟ ୨୦% ବଢ଼ାଇଲା ପାକିସ୍ତାନ



ପାକିସ୍ତାନ : ପାକିସ୍ତାନର ଋଣ ଭାର ୭୬ ହଜାର ବିଲିୟନ ପିକେଆର ବା ୨୭୦ ବିଲିୟନ ଡଲାରରେ ପହଞ୍ଚି ସାରିଲାଣି। ଚଳିତ ଆର୍ଥିକ ବର୍ଷରେ ଋଣର ପରିମାଣ ନୂଆ ରେକର୍ଡ କରିଛି। ଆର୍ଥିକ ସଙ୍କଟ, ଖାଦ୍ୟାଭାବ ଓ ଆଭ୍ୟନ୍ତରୀଣ ବିଦ୍ରୋହର ସମ୍ମୁଖୀନ ହେଉଥିବା ପାକିସ୍ତାନ ବିଭିନ୍ନ ରାଷ୍ଟ୍ରକୁ ସହଯୋଗ ମାଗୁଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ବିଦେଶ ଗସ୍ତରେ ଯିବା ବେଳେ ବନ୍ଧୁ ରାଷ୍ଟ୍ରଗୁଡ଼ିକୁ ହାତ ପତାଇ ଆର୍ଥିକ ସହାୟତା ମାଗୁଛନ୍ତି। ତଥାପି ଏକ ପ୍ରକାରର କାଙ୍ଗାଳ ସ୍ଥିତିରେ ଥିବା ପାକିସ୍ତାନ କିନ୍ତୁ ଅଭିବୃଦ୍ଧିକୁ ଆଦୌ ଗୁରୁତ୍ୱ ଦେଉ ନାହିଁ। ବିକାଶ ଅପେକ୍ଷା ନିଜର ସାମାରିକ ଖର୍ଚ୍ଚକୁ ପାକିସ୍ତାନ ପ୍ରାଧାନ୍ୟ ଦେଉଛି। ନିକଟରେ ଭାରତ ଠାରୁ ଅପରେସନ ସିନ୍ଦୂର ଜରିଆରେ ମାତ ଖାଇଥିବା ପାକିସ୍ତାନ ଏବେ ନିଜର ସାମାରିକ ଶକ୍ତିକୁ ଆହୁରି ସଶକ୍ତ କରିବାକୁ ପ୍ରୟାସ ଆରମ୍ଭ କରିଛି। ଏଥିପାଇଁ ପାକିସ୍ତାନର ଶରିଫ ସରକାର ଦେଶର ପ୍ରତିରକ୍ଷା ବଜେଟକୁ ୨୦% ବୃଦ୍ଧି କରିଛନ୍ତି। କିନ୍ତୁ ଦେଶର ମୋଟ ବ୍ୟୟ ବା ଖର୍ଚ୍ଚର ପରିମାଣକୁ ୭% ହ୍ରାସ କରିଛନ୍ତି। ପାକିସ୍ତାନର ଅର୍ଥମନ୍ତ୍ରୀ ମହମ୍ମଦ ଔରଙ୍ଗଜେବ ତାଙ୍କର ୬୨ ବିଲିୟନ ଡଲାର ପ୍ରସ୍ତାବରେ ଦେଶର ଅଭିବୃଦ୍ଧି ଆଗାମୀ ଆର୍ଥିକ ବର୍ଷରେ ୪.୨% ରହିବ ବୋଲି ଆଶା କରିଛନ୍ତି। ୨୦୨୩ରେ ପାକିସ୍ତାନ ଅର୍ଥନୀତି ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ଥିବା ବେଳେ ଏବେ ଏଥିରେ ସ୍ଥିରତା ଆସିଥିବା ସେ ଦାବି କରିଛନ୍ତି। ମୁଦ୍ରାସ୍ଫୀତି ୭.୫% ଓ ଅଭିବୃଦ୍ଧି ହାର ୪.୨% ରହିବ ବୋଲି ପାକିସ୍ତାନ ସରକାର ଆକଳନ କରିଛନ୍ତି। କିନ୍ତୁ ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ମାତ୍ର ୨.୭% ରହିବ। ବଜେଟ ବେଳେ ଅଭିବୃଦ୍ଧି ହାର ୩.୬% ରହିବ ବୋଲି ଆକଳନ କରାଯାଇଥିଲା। ପାକିସ୍ତାନ ଅଭିବୃଦ୍ଧି ମାମଲାରେ ବହୁତ ପଛରେ ରହିଛି। ୨୦୨୪ରେ ଦକ୍ଷିଣ ଏସିଆନ ରାଷ୍ଟ୍ରଗୁଡ଼ିକ ହାରାହାରି ୫.୮% ବେଗରେ ଅଭିବୃଦ୍ଧି କରିଛନ୍ତି। ୨୦୨୫ରେ ଏହା ୬% ରହିବ ବୋଲି ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ଆଶା ରଖିଛି। ପାକିସ୍ତାନର ନୂଆ ବଜେଟରେ ପ୍ରତିରକ୍ଷା ବିଭାଗ ପାଇଁ ୨.୫୫ ଟ୍ରିଲିୟନ ଟଙ୍କା ବା ୯ ବିଲିୟନ ଡଲାରର ବ୍ୟୟବରାଦ କରାଯାଇଛି। ପୂର୍ବରୁ ଏହା ୨.୧୨ ଟ୍ରିଲିୟନ ରହିଥିଲା। ସାମରିକ ପେନସନ ପାଇଁ ପାକିସ୍ତାନ ସରକାର କରିଥିବା ୭୪୨ ବିଲିୟନ ପାକିସ୍ତାନୀ ମୁଦ୍ରା ବା ୨.୬୩ ବିଲିୟନ ଡଲାରକୁ ଏଥିରୁ ବାଦ ଦିଆଯାଇଛି। ଏହାକୁ ମିଶାଇଲେ ପ୍ରତିରକ୍ଷା ବଜେଟର ପରିମାଣ ୩.୨୯୨ ଟ୍ରିଲିୟନ ପାକିସ୍ତାନୀ ମୁଦ୍ରା ବା ୧୧.୬୭ ବିଲିୟନ ଡଲାରରେ ପହଞ୍ଚିବ।

## ବିମାନ ଦୁର୍ଘଟଣା ମୃତକଙ୍କୁ ଚିହ୍ନଟ ପାଇଁ ଡିଏନଏ ଟେଷ୍ଟ

ଅହମ୍ମଦାବାଦ : ମୃତକଙ୍କୁ ତୁରନ୍ତ ଚିହ୍ନଟ କରିବାକୁ ଡିଏନଏ ଟେଷ୍ଟ ଆରମ୍ଭ ହୋଇଛି । ମୃତ ଯାତ୍ରୀଙ୍କ ପରିବାର ଲୋକଙ୍କ ନମୁନା ସଂଗ୍ରହ କରାଯାଉଛି । ଡିଏନଏ ନମୁନା ସଂଗ୍ରହ ଲାଗି ଅହମ୍ମଦାବାଦର ବି. ଜେ ମେଡିକାଲ କଲେଜରେ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି ଗୁଜରାଟ ସରକାର । ପରିବାର ବର୍ଗଙ୍କୁ ସେଠାରେ ନମୁନା ଦେବାକୁ କୁହାଯାଇଛି । ଦୁର୍ଘଟଣା ପରେ ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଅଧିକାଂଶ ମୃତ ଯାତ୍ରୀଙ୍କୁ ଚିହ୍ନଟ କରି ହେଉ ନାହିଁ । ତେଣୁ ମୃତକଙ୍କୁ ଚିହ୍ନଟ ପାଇଁ ଡିଏନଏ ପରୀକ୍ଷା କରାଯାଉଛି। ସାରା ଦେଶକୁ ସ୍ତବ୍ଧ କରିଛି ଅହମଦାବାଦର ଭୟାବହ ବିମାନ ଦୁର୍ଘଟଣା । ଗତକାଲି ଅପରାହ୍ନରେ ଏୟାର ଇଣ୍ଡିଆର ବିମାନ- ବୋଇଂ ୭୮୭-୮ ଉଡ଼ାଣ ଭରିବାର ମାତ୍ର ୫ ମିନିଟ୍ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । 'ଡ୍ରିମ୍ ଲାଇନର୍ ' ନାମକ ଏହି ବିମାନରେ ୨୩୦ ଜଣ ଯାତ୍ରୀ ଓ ୧୨ ଜଣ କ୍ୟାବିନ୍ କ୍ରୁ ମେମ୍ବରଙ୍କୁ ମିଶାଇ ମୋଟ ୨୪୨ ଜଣ ଥିଲେ । ଜନବସତିପୂର୍ଣ୍ଣ ମେଘାନୀ ଅଞ୍ଚଳରେ ଥିବା ଏକ ମେଡିକାଲ , କଲେଜ ହଷ୍ଟେଲ ଓ ଏହା ସଂଲଗ୍ନ ପରିସରରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଛି । ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଲଣ୍ଡନର ଗାଟୱିକ୍ ବିମାନବନ୍ଦର ଅଭିମୁଖେ ଏହି ବିମାନ ଅପରାହ୍ନ ୧ଟା ୩୮ମିନିଟ୍ ରେ ଉଡ଼ାଣ ଭରିଥିଲା । ଏହାର ୫ ମିନିଟ୍ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।



## ଏୟାର ଇଣ୍ଡିଆ ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ : ଏୟାର ଇଣ୍ଡିଆ ବିମାନର ଶୁକ୍ରବାର ସକାଳେ ସୂଚନା ମିଳିବା ପରେ ଜରୁରୀ ଅବତରଣ କରାଯାଇଛି । ବିମାନରେ କରାଯାଇଛି ଜରୁରୀ ଅବତରଣ। ଥାଇଲାଣ୍ଡର ଫୁକେଟରେ ପ୍ରାୟ ୧୫୬ ଯାତ୍ରୀ ଯାତ୍ରା କରୁଥିଲେ । ଏହି ଘଟଣା ଶୁକ୍ରବାର ଏୟାର ଇଣ୍ଡିଆର ବିମାନ ଏଆଇ-୩୭୯ର ଜରୁରୀ ସକାଳ ୯ଟା ୩୦ରେ ଘଟିଛି । ବିମାନଟି ଥାଇଲାଣ୍ଡର ଫୁକେଟରୁ ଅବତରଣ କରାଯାଇଛି । ଏହି ବିମାନରେ ବୋମା ଥିବା ନେଇ ଦିଲ୍ଲୀ ଆସୁଥିଲା । ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ନେଇ ସୂଚନା ମିଳିଛି।

## ବିଲଡିଂର ଛାତରୁ ମିଳିଲା ବ୍ଲାକବକ୍ସ, ଖୋଲିବ ବିମାନ ଦୁର୍ଘଟଣାର ଗୁମର

ଗୁଜୁରାଟ : ଦୁର୍ଘଟଣାଗ୍ରସ୍ତ ହୋଇଥିବା ଅହମଦାବାଦ-ଲଣ୍ଡନ ଏୟାର ଇଣ୍ଡିଆ ବିମାନର ବ୍ଲାକ ବକ୍ସ ଶେଷରେ ଠାବ ହୋଇଛି। କମଳା ରଙ୍ଗର ଏହି ଡିଭାଇସକୁ ବିମାନର ପଛ ପାର୍ଶ୍ୱରୁ ଠାବ କରାଯାଇଛି। ବିମାନଟି ନିୟନ୍ତ୍ରଣ ହରାଇ ଜେବି ମେଡିକାଲ କଲେଜର ହଷ୍ଟେଲ ବିଲଡିଂକୁ ଧକ୍କା ଦେଇଥିଲା। ବିଲଡିଂ କାନ୍ଥରେ ଏହାର ପଛ ପାର୍ଶ୍ୱ ଲାଗି ଯାଇଥିଲା। ଏବେ ଛାତ ଉପରୁ ବ୍ଲାକ ବକ୍ସକୁ ଠାବ କରାଯାଇଛି। ବ୍ଲାକ ବକ୍ସକୁ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ବା ଏଏଆଇବି ଟିମ ଠାବ କରିଛି। ବ୍ଲାକ ବକ୍ସ ମିଳିଥିବାରୁ ଏବେ ତଦନ୍ତକାରୀ ଟିମକୁ ଦୁର୍ଘଟଣାର କାରଣ ଖୋଜିବାରେ ବେଶ ସହାୟକ ହେବ।

ବ୍ଲାକ ବକ୍ସ କ'ଣ ? : ବ୍ଲାକ ବାକ୍ସ କଥା ଶୁଣିଲେ ସମସ୍ତେ ଭାବନ୍ତି ଏହା ଗୋଟିଏ ଏକ କଳା ରଙ୍ଗର ବାକ୍ସ। କିନ୍ତୁ ବ୍ଲାକ ବାକ୍ସ ଏହାର ନାଁ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହା କମଳା ରଙ୍ଗର ବାକ୍ସ। ଏହାକୁ ଫ୍ଲାଇଟ ରେକର୍ଡ ମଧ୍ୟ କୁହାଯାଏ। ବ୍ଲାକ ବାକ୍ସ ବହୁତ ଶକ୍ତିଶାଳୀ। ଏହା ବିମାନର ପଛ ଭାଗରେ ସୁରକ୍ଷିତ ରହିଥାଏ। ବିମାନ ଦୁର୍ଘଟଣା ପରେ ବ୍ଲାକ ବାକ୍ସ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପକରଣ ମଧ୍ୟରୁ ଗୋଟିଏ। ଏହା ସାହାଯ୍ୟରେ ଦୁର୍ଘଟଣାର ତଦନ୍ତ କରାଯାଏ। ବିମାନ କିପରି ଦୁର୍ଘଟଣାଗ୍ରସ୍ତ ହେଲା ? ଏହା ପଛରେ କ'ଣ କାରଣ ଥିଲା ? କକପିଟରେ ପାଇଲଟ ଓ ଅନ୍ୟମାନେ କ'ଣ କରୁଥିଲେ ଆଦି ତଥ୍ୟ ମିଳିଥାଏ। ବ୍ଲାକ ବାକ୍ସ ସବୁବେଳେ ବିମାନ ଉଡ଼ାଣ ସମୟରେ ଘଟୁଥିବା ସମସ୍ତ କାର୍ଯ୍ୟକଳାପକୁ ରେକର୍ଡ କରେ। ଏହି କାରଣରୁ ଏହାକୁ ଫ୍ଲାଇଟ ଡାଟା ରେକର୍ଡର କୁହାଯାଏ। ବ୍ଲାକ ବାକ୍ସଟି ଟାଇଟାନିୟମ ଧାତୁରେ ତିଆରି। ଭୟଙ୍କର ଦୁର୍ଘଟଣା ଘଟିଲେ ମଧ୍ୟ ବ୍ଲାକ ବାକ୍ସ ସୁରକ୍ଷିତ ରହିଥାଏ। ପ୍ରତ୍ୟେକ ବିମାନରେ ଦୁଇଟି ଡାଟା ରେକର୍ଡ ? ଥାଏ, ଯାହା ପରସ୍ପର ସହିତ ସଂଯୁକ୍ତ। ବ୍ଲାକ ବାକ୍ସଟି ସୁରକ୍ଷିତ ରହିଥାଏ କାରଣ ଏହା ଟାଇଟାନିୟମରେ ତିଆରି ଓ ଏଥିରେ ଅନେକ ସ୍ତର ଥାଏ। ଯଦି ବିମାନଟିରେ ନିଆଁ ଲାଗିଯାଏ, ତେବେ ଏହାର ଧ୍ୱଂସ ହେବାର ସମ୍ଭାବନା ପ୍ରାୟ ନାହିଁ। ଏହା ପ୍ରାୟ ୧ ଘଣ୍ଟା ପାଇଁ ୧୧ ଶହ ଡିଗ୍ରୀ ସେଲସିୟସ ତାପମାତ୍ରା ସହ୍ୟ କରିପାରିବ। ଏହା ପରେ ମଧ୍ୟ ଏହି ବାକ୍ସ ପରବର୍ତ୍ତୀ ୨ ଘଣ୍ଟା ପାଇଁ ପ୍ରାୟ ୨୬୦ ଡିଗ୍ରୀ ତାପମାତ୍ରା ସହ୍ୟ କରିପାରିବ। ଏହାର ଏକ ବିଶେଷତ୍ୱ ହେଉଛି ଏହା ପ୍ରାୟ ଗୋଟିଏ ମାସ ପର୍ଯ୍ୟନ୍ତ ବିନା ଆଲୋକରେ କାମ କରେ। ଯଦି ଦୁର୍ଘଟଣାଗ୍ରସ୍ତ ବିମାନକୁ ଖୋଜିବା ପାଇଁ ସମୟ ଲାଗିବ କିମ୍ବା ଏହା ଗଭୀର ପାଣିରେ ବୁଡ଼ି ଯାଇଥିବ, ତା'ହେଲେ ମଧ୍ୟ ବ୍ଲାକ ବକ୍ସ ସୁରକ୍ଷିତ ରହିଥାଏ। ୬୦୦୦ ମିଟର ଗଭୀର ପାଣିରେ ଏହା ୩୦ ଦିନ ଯାଏ ସୁରକ୍ଷିତ ରହିବାର କ୍ଷମତା ରଖିଛି।



# କାହିଁକି ଓ କେମିତି ହେଲା ଡ୍ରିମଲାଇନର ବିମାନ କ୍ରାସ ?



ଡ୍ରିମଲାଇନରର ର ଟ୍ରାଜିକ ଏଣ୍ଡ । ଏୟାର ଇଣ୍ଡିଆ ୧୭୧ ଦୁର୍ଘଟଣା କେମିତି ହେଲା ? କ୍ରାସ ହୋଇଥିବା ବିମାନ ଥିଲା ୧୨ବର୍ଷ ପୁରୁଣା । ମୋଟ ୭ହଜାର କିମି ଉଡାଣ ଭରିଥିଲା । ବିମାନରେ ବି ଥିଲେ ଅଭିଜ୍ଞ ପାଇଲଟ । ତେଣୁ କାହିଁକି, କିପରି ଓ କେଉଁ କାରଣରୁ ହେଲା କ୍ରାସ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସମ୍ଭବତଃ ଇଞ୍ଜିନ ଫେଲ କାରଣରୁ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସନ୍ଦେହ କରାଯାଉଛି । ହୁଏତ ଦୁଇଟିଯାକ ଇଞ୍ଜିନ ଫେଲ ହୋଇଥିଲା । ପାଇଲଟ ମେ ଡେ କଲ ଦେଇଥିବାରୁ ବିମାନରେ ଗମ୍ଭୀର ତ୍ରୁଟି ଥିବା ଆଶଙ୍କା ବ୍ୟକ୍ତ କରିଛନ୍ତି ବିମାନସେବା ବିଶେଷଜ୍ଞ । ବିମାନ ୬୨୫ ଫୁଟ ଉଚ୍ଚତାରେ ଥିବା ଇଞ୍ଜିନରେ ତ୍ରୁଟି ଥିବାକୁ ଇଙ୍ଗିତ କରିଥିବା ଆଶଙ୍କା କରାଯାଇଛି ।

ଦୁର୍ଘଟଣାଗ୍ରସ୍ତ ବୋଇଂ ୭୮୭ର ଏଆଇ ୧୭୧ ବିମାନ କିଛି ଦିନ ତଳେ ମରାମତି ହୋଇଥିଲା । ପରେ ଏହାକୁ ପୁଣି ବିମାନ ସେବାରେ ନିୟୋଜିତ କରାଯାଇଥିଲା । ତେଣୁ ବିମାନରେ କିଛି ସାଂଘାତିକ ତ୍ରୁଟି ରହିଯାଇଥିବା ଅନୁମାନ କରାଯାଏ । ମରାମତି ବେଳେ କୌଣସି ଯାନ୍ତ୍ରିକ ତ୍ରୁଟି, କିଛି ଉପକରଣ ଖଞ୍ଜିବାରେ ତ୍ରୁଟି କିମ୍ବା ସଫଟୱେରରେ ତ୍ରୁଟି ରହିଯାଇଥାଇପାରେ । ଏହାକୁ କିନ୍ତୁ ନିରୀକ୍ଷଣ ବେଳେ ରିପୋର୍ଟ କରାଯାଇନଥିଲା । ସେହିପରି ବିମାନ ଦୀର୍ଘ ଉଡ଼ାଣ ଭରୁଥିବାରୁ ବିମାନ ଇନ୍ଧନ ମଧ୍ୟ ପୂର୍ଣ୍ଣ ରହିଥିଲା । ତେଣୁ କ୍ରାସ ହେବା ପରେ ବିସ୍ଫୋରଣ ହୋଇଥାଇପାରେ ।

ବିମାନରେ ଥିଲେ ଅଭିଜ୍ଞ ପାଇଲଟ। ମୁଖ୍ୟ ପାଇଲଟ ସୁମିତ ସବରୱାଲ ଜଣେ ଲାଇନ ଟ୍ରେନିଂ କ୍ୟାପଟେନ। ବିମାନ ଉଡ଼ାଣ ସହ ପାଇଲଟଙ୍କୁ ପ୍ରଶିକ୍ଷଣ ଦେଇଥାନ୍ତି। ତାଙ୍କ ପାଖରେ ୮ହଜାର ୨ଶହ ଘଣ୍ଟା ବିମାନ ଉଡାଇବାର ଅଭିଜ୍ଞତା ରହିଛି । କୋ- ପାଇଲଟ କ୍ଲାଇଭ ସୁନ୍ଦର ୧୧ଶହ ଘଣ୍ଟା ବିମାନ ଉଡ଼ାଇଛନ୍ତି। କିଛି ଗୁରୁତର ସମସ୍ୟା ଥିବା ଜାଣିବା ପରେ ସେମାନେ ମେ ଡେ କଲ ଦେଇଥିଲେ। କିନ୍ତୁ ଏହା ମାନବ ତ୍ରୁଟି ଥିଲା ନା ଯାନ୍ତ୍ରିକ ତ୍ରୁଟି ତାହା ଏବେ ତଦନ୍ତ ସାପେକ୍ଷ । ସେହିପରି ଟେକ ଅପ ବେଳେ ଦୁର୍ଘଟଣା ହୋଇଥିବାରୁ ପକ୍ଷୀ ଧକ୍କା ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ। ଉଡ଼ାଣ ବେଳେ ପକ୍ଷୀ ଧକ୍କା ହୋଇଥିଲେ ଏହା ଦ୍ୱାରା ଇଞ୍ଜିନ ଖରାପ ହୋଇଥାଇପାରେ। ଉଡ଼ାଣ ବେଳେ ପାଣିପାଗ ସ୍ୱଷ୍ଟ ଥିଲା। ଦୃଶ୍ୟମାନକ୍ଷମତା ମଧ୍ୟ ୬କିମି ରହିଥିଲା। ତେଣୁ ପାଣିପାଗ କାରଣରୁ ଦୁର୍ଘଟଣା କି ତାକୁ ନେଇ ଦ୍ୱନ୍ଦ ଉଠିଛି । ଏୟାର ଇଣ୍ଡିଆ ୧୭୧ର ଦୁର୍ଘଟଣାର କାରଣ କଣ ? ବିମାନର ବ୍ଲାକ ବକ୍ସ ଡାଟାକୁ ଏବେ ଅପେକ୍ଷା । ବ୍ଲାକ ବକ୍ସ ଏକ ଛୋଟ ଉପକରଣ ଯାହା ଉଡ଼ାଣ ବେଳେ ବିମାନର ସମସ୍ତ ଡାଟା ରେକର୍ଡ କରିଥାଏ। ଏହାର ତଥ୍ୟକୁ ବିଶ୍ଳେଷଣ କରି ବିମାନ ଦୁର୍ଘଟଣାର ସମ୍ଭାବ୍ୟ କାରଣ ଜଣାପଡ଼ିଥାଏ । ବର୍ତ୍ତମାନ ଡିଜିସିଏ ଓ ଏୟାରକ୍ରାଫ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ- ଝଝଓଇ ତଦନ୍ତ ଆରମ୍ଭ କରିଛି। ଫ୍ଲାଇଟ ଡାଟା ଓ କକପିଟ ଭଏସ ରେକର୍ଡର ତଥ୍ୟରୁ ଜଣାପଡ଼ିବ ବିମାନ ଦୁର୍ଘଟଣାର କାରଣ ।

# ବିଜୟ ଦ୍ୱାରଦେଶରେ ଦ. ଆଫ୍ରିକା



ଲର୍ଡସ, ୧୩।୬: ଲଣ୍ଡନର ଐତିହାସିକ ଲର୍ଡସ ଗ୍ରାଉଣ୍ଡରେ ଖେଳାଯାଉଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲ ମ୍ୟାଚ ରୋଚକ ମୋଡ଼ରେ ପହଞ୍ଚିଛି। ପ୍ରଥମ ଇନିଂସ ୨୧୨ ରନ କରିଥିବା ଅଷ୍ଟ୍ରେଲିଆ। ନିଜ ୨ୟ ଇନିଂସରେ ୨୦୭ ରନ କରି ଅଲଆଉଟ ହେବା ପରେ ଦକ୍ଷିଣ ଆଫ୍ରିକା ଆଗରେ ୨୮୨ ରନର ବିଜୟ ଲକ୍ଷ୍ୟ ରହିଛି। ଜବାବରେ ଷ୍ଟମ୍ପ ଅପସାରଣ ସୁଦ୍ଧା ଦ. ଆଫ୍ରିକା ୨ ୱିକେଟ ହରାଇ ୨୧୨ ରନ୍ କରିଛି। ଫଳରେ ପ୍ରଥମଥର ବିଶ୍ୱ ଟାଇଟେଲ ଜିତିବା ପାଖାପାଖି ପହଂଚିଛି। ମାର୍କରମ ୧୦୨ ଓ ବାଭୁମା ୬୨ ରନ୍ କରି ବ୍ୟାଟିଂ କରୁଛନ୍ତି। ଦଳକୁ ଆଉ ମାତ୍ର ୬୯ ରନ୍‌ର ଆବଶ୍ୟକତା ରହିଛି।

ଅଷ୍ଟ୍ରେଲିଆ। ନିଜ ପ୍ରଥମ ଇନିଂସରେ ୨୧୨ ରନ କରି ଅଲଆଉଟ ହୋଇଯାଇଥିବାବେଳେ ଦକ୍ଷିଣ ଆଫ୍ରିକା ନିଜ ପ୍ରଥମ ଇନିଂସରେ ମାତ୍ର ୧୩୮ ରନ କରି ଅଲଆଉଟ ହୋଇଯାଇଥିଲା । ଏହାର ଜବାବରେ ଅଷ୍ଟ୍ରେଲିଆ। ନିଜର ୨ୟ ଇନିଂସରେ ୨୦୭ ରନ କରି ଅଲଆଉଟ ହୋଇଯାଇଥିଲା ।

ଏହି ମ୍ୟାଚରେ ଦକ୍ଷିଣ ଆଫ୍ରିକା ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଅଷ୍ଟ୍ରେଲିଆ। ନିଜ ପ୍ରଥମ ଇନିଂସରେ ୨୧୨ ରନ କରି ଅଲଆଉଟ ହୋଇଯାଇଥିବାବେଳେ ଦକ୍ଷିଣ ଆଫ୍ରିକା ନିଜ ପ୍ରଥମ ଇନିଂସରେ ମାତ୍ର ୧୩୮ ରନ କରି ଅଲଆଉଟ ହୋଇଯାଇଥିଲା । ଏହାର ଜବାବରେ ଅଷ୍ଟ୍ରେଲିଆ। ନିଜର ୨ୟ ଇନିଂସରେ ୨୦୭ ରନ କରି ଅଲଆଉଟ ହୋଇଯାଇଥିଲା । ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ। ଗୁରୁତର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏପରିକି ଦଳ ୭୩ ରନରେ ୭ଟି ୱିକେଟ ହରାଇଥିଲା। ତେବେ ମିଚେଲ ଷ୍ଟାର୍କଙ୍କ ଅପରାଜିତ ୫୮ ରନ ଓ ଅଲେକ୍ସ କେରିଙ୍କ ୪୩ ରନ ବଳରେ ଅଷ୍ଟ୍ରେଲିଆ। ଏକ ସମ୍ମାନଜନକ ସ୍କୋର କରିବା ସହ ଦକ୍ଷିଣ ଆଫ୍ରିକାଠାରୁ ୨୮୧ ରନରେ ଅଗ୍ରଣୀ ହାସଲ କରିଥିଲା ଦକ୍ଷିଣ ଆଫ୍ରିକା ପକ୍ଷରୁ କାସିଗୋ ରବାଡା ୪ଟି ଓ ଲୁଙ୍ଗି ଏନଗିଡି ୩ଟି ୱିକେଟ ନେଇଥିଲେ।

## ବିମାନ ଦୁର୍ଘଟଣା ପୀଡିତଙ୍କ ପାଇଁ ନୀରବ ପ୍ରାର୍ଥନା କଲେ ଖେଳାଳି



ନୂଆଦିଲ୍ଲୀ, ୧୩।୬: ଲର୍ଡ୍ସରେ ଖେଳାଯାଉଥିବା ବିଶ୍ ଟେଷ୍ଟ ଚାମ୍ପିଅନଶିପ ଫାଇନାଲର ତୃତୀୟ ଦିନରେ ହାତରେ କଳା ପଟି ପନ୍ଧି ମୈଦାନକୁ ଓହ୍ଲାଇଥିଲେ। ଖେଳାଳି ଓ ଅଫିସିଆଲ୍ସ ଅଷ୍ଟ୍ରେଲିଆ। ଓ ଦକ୍ଷିଣ ଆଫ୍ରିକାର ଖେଳାଳିମାନେ ନିଜ ହାତରେ କଳା ପଟି ପିନ୍ଧିଥିଲେ ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପୀଡ଼ିତଙ୍କ ପାଇଁ ଦୁଇ ଦେଶର ଖେଳାଳି ଏଭଳି କରିଥିଲେ ।କେବଳ ଏତିକି ନୁହେଁ, ମୃତକଙ୍କ ପାଇଁ ଏକ ମିନିଟର ନୀରବ ପ୍ରାର୍ଥନା କରିଥିଲେ। ମ୍ୟାଚ୍ ଆରମ୍ଭ ପୂର୍ବରୁ ଇଂଲଣ୍ଡର ପୂର୍ବତନ ଅଧିନାୟକ ତଥା ଭାଷ୍ୟକାର ନାସେର ହୁସେନ କହିଥିଲେ, ଖେଳାଳିମାନେ ବ୍ଲାକ୍ ଆର୍ମ ବ୍ୟାଣ୍ଡ ପିନ୍ଧିଛନ୍ତି। ଇଂଲଣ୍ଡରେ ଆମେ ମଜା କରୁଥିବା ବେଳେ, ଆମର ବେଦନା ଭାରତରେ ଘଟିଥିବା ଘଟଣା ପ୍ରତି ରହିଛି। ଏହି ଦୁଃଖଦ ଘଟଣାରେ ପୀଡ଼ିତଙ୍କ ପ୍ରତି ସମ୍ମାନ ପ୍ରଦର୍ଶନରେ ଆମ ସହ ସାମିଲ ହୁଅନ୍ତୁ।

# ପୁଣି ଭାଙ୍ଗିଲା ଶ୍ରେୟସ ଆୟାରଙ୍କ ହୃଦୟ



ମୁମ୍ବାଇ, ୧୩।୬: ଫାଇନାଲରେ ଶ୍ରେୟସ ଆୟାରଙ୍କ ଭାଗ୍ୟ ତାଙ୍କ ସାଙ୍ଗରେ ନଥାଏ ବୋଲି ଜଣାପଡୁଛି। ପଞ୍ଜାବ କିଙ୍ଗସ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ) ୨୦୨୫ ଫାଇନାଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ହାତରେ ପରାଜୟ ବରଣ କରିବାର ମାତ୍ର ୧୦ ଦିନ ପରେ, ଆୟାର ମୁମ୍ବାଇ ଟି୨୦ ଲିଗରେ ଆଉ ଏକ ରନର୍ସ-ଅପ୍ ପ୍ରଦର୍ଶନର କେନ୍ଦ୍ରବିନ୍ଦୁରେ ଥିଲେ। ଆୟାରଙ୍କ ଦଳ, ସୋବୋ ମୁମ୍ବାଇ ଫାଲକନ୍ସ, ମୁମ୍ବାଇ ସାଉଥ ସେଣ୍ଟ୍ରାଲ ମରାଠା ରୟାଲସ ହାତରେ ପରାଜିତ ହୋଇଥିଲା, ଯେଉଁଥିରେ ନିଜେ ଆୟାର ଟାଇଟଲ-ନିର୍ଣ୍ଣାୟକ ମ୍ୟାଚରେ ଆଇପିଏଲ ଫାଇନାଲ ଭଳି ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ।

ପ୍ରଥମେ ବ୍ୟାଟିଂ କରି ଫାଲକନ୍ସ ମାତ୍ର ୧୫୭ ରନ ସଂଗ୍ରହ କରିପାରିଥିଲା, ଯେଉଁଥିରେ ମୟୁରେଶ ଟାଣ୍ଡେଲ (୫୦) ଏବଂ ହର୍ଷ ଅଘାଭ (୪୫) ଦଳ ପାଇଁ ସର୍ବାଧିକ ରନ ସଂଗ୍ରାହକାରୀ ବ୍ୟାଟସମ୍ୟାନ ଥିଲେ। ଆୟାର ୧୭ ବଲରୁ ମାତ୍ର ୧୨ ରନ ସକୋର କରିପାରିଥିଲେ, ଯେତେବେଳେ ଆଇପିଏଲରେ କୋଲକାତା ନାଇଟ ରାଇଡର୍ସ (କେକେଆର) ପାଇଁ ଖେଳୁଥିବା ଅଙ୍ଗକ୍ରିଶ ରଘୁବଂଶୀ ମଧ୍ୟ ବିଫଳ ହୋଇଥିଲେ, ୧୨ ବଲରୁ ୭ ରନ ସଂଗ୍ରହ କରି।

ଲକ୍ଷ୍ୟ ପିଛା କରୁଥିବା ମରାଠା ରୟାଲସରେ ଚିନମୟ ରାଜେଶ ସୁତାର ଏବଂ ଔସ ଖାନ ନୌଶାଦ ରନ ପିଛାରେ ନେତୃତ୍ୱ ନେଇଥିଲେ, ଯଥାକ୍ରମେ ୫୩ ଏବଂ ୩୮ ରନ ସଂଗ୍ରହ କରି ମରାଠା ରୟାଲସ ୪ ବଲ ବାକି ଥାଇ ଲକ୍ଷ୍ୟ ହାସଲ କରିଥିଲା।ମ୍ୟାଚ ପରେ, ହୃଦୟ ଭାଙ୍ଗି ଯାଇଥିବା ଆୟାର କହିଥିଲେ ଯେ ସେ ପରାଜୟ ପାଇଁ କାହାକୁ ଦାୟୀ କରିବାକୁ ଚାହୁଁନାହାନ୍ତି। କାରଣ ଏହା ପଛରେ ଛୁରି ମାରିବା ଭଳି। କୌଣସି ନିର୍ଦ୍ଦିଷ୍ଟ ଘଟଣାକୁ ଚିହ୍ନିତ କରିବାକୁ ଚାହୁଁନାହିଁ। ମୋଟାମୋଟି ଭାବେ, ଖେଳାଳିମାନେ ସେମାନଙ୍କ ପ୍ରୟାସରେ ଉତ୍କୃଷ୍ଟ ଥିଲେ। ଆମେ ଫାଇନାଲ ପୂର୍ବରୁ ମାତ୍ର ଗୋଟିଏ ମ୍ୟାଚରେ ହାରିଥିଲୁ।ଏହା କେବଳ ଏକ ଏପରି ମ୍ୟାଚ ଥିଲା ଯେଉଁଥିରେ ଆପଣ କାହାକୁ ଦାୟୀ କରିପାରିବେ ନାହିଁ।

ଫାଇନାଲରେ ହାରିବା ପରେ ନିରାଶ ହେବା ଏକ ସାଧାରଣ ବିଷୟ। ଏହା ସେମାନଙ୍କୁ କଷ୍ଟ ଦେଇଥିବ। କିନ୍ତୁ ଯେତେବେଳେ ସେମାନେ ପରବର୍ତ୍ତୀ ବର୍ଷ ଫେରିବେ, ସେମାନଙ୍କ ପାଖରେ ଅଧିକ ପ୍ରେରଣା ଏବଂ ଆତ୍ମବିଶ୍ୱାସ ରହିବ। ସେମାନେ ନିଜ ପ୍ରୟାସ ପାଇଁ ଗର୍ବିତ ହେବା ଉଚିତ, ସେ ଯୋଗ କରିଛନ୍ତି।

ଭାରତୀୟ କ୍ରିକେଟ ଆଇକନ ରୋହିତ ଶର୍ମା ମଧ୍ୟ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଫାଇନାଲ ପାଇଁ ଉପସ୍ଥିତ ଥିଲେ ଏବଂ ଆୟାରଙ୍କ ଦଳ ପରାଜୟ ସହିବା ପରେ ତାଙ୍କୁ ରନର୍ସ-ଅପ୍ ପଦକ ପ୍ରଦାନ କରିଥିଲେ। ଆୟାରଙ୍କ ନିଜର ଟୁର୍ନାମେଣ୍ଟ ପ୍ରଦର୍ଶନ ମଧ୍ୟ ସର୍ବୋତ୍କୃଷ୍ଟ ନଥିଲା, ସେ ଖେଳିଥିବା ୫ଟି ମ୍ୟାଚରେ ୨୫ ରନ ଅତିକ୍ରମ କରିପାରି ନଥିଲେ।

# ଅଚାନକ ଭାରତ ଫେରିଆସିଲେ ଗମ୍ଭୀର

ନୂଆଦିଲ୍ଲୀ, ୧୩।୬: ଜୁନ୍ ୨୦ରେ ତେନ୍ଦୁଲକର-ଆଣ୍ଡରସନ ଟ୍ରଫି ଆରମ୍ଭ ହେବାର କିଛି ଦିନ ପୂର୍ବରୁ ଗୌତମ ଗମ୍ଭୀର ଏକ ଚିକିତ୍ସା ଜରୁରୀ ସ୍ଥିତି ହେତୁ ଇଂଲଣ୍ଡରୁ ଭାରତକୁ ଫେରିବାକୁ ବାଧ୍ୟ ହୋଇଛନ୍ତି ରେଭ୍‌ସ୍ପୋର୍ଟଜ୍ ଅନୁଯାୟୀ, ତାଙ୍କ ମାଙ୍କୁ ହୃଦ୍‌ଘାତ ହୋଇଛି ଏବଂ ସେ ବର୍ତ୍ତମାନ ଗୁରୁତର ଚିକିତ୍ସା ବିଭାଗରେ ଅଛନ୍ତି ଭାରତୀୟ ପୁରୁଷ ଦଳର ମୁଖ୍ୟ କୋଚ୍ ଆଗାମୀ ସପ୍ତାହରେ ଫେରିବାର ଆଶା କରାଯାଉଛି ।ଗମ୍ଭୀରଙ୍କ ଅନୁପସ୍ଥିତିରେ ସହକାରୀ କୋଚ୍ ରାୟାନ ଟେନ ଡୋସ୍କେଟ ଦାୟିତ୍ୱ ନେବେ, ସାଙ୍ଗରେ ବ୍ୟାଟିଂ କୋଚ୍ ସିତାଂଶୁ କୋଟାକ ଏବଂ ବୋଲିଂ କୋଚ୍ ମୋର୍ନେ ମୋର୍କେଲ ରହିବେ। ଇଣ୍ଡିଆ। ଏ ପାଇଁ ଖେଳୁଥିବା ଆଠ ଜଣ ବରିଷ୍ଠ ଖେଳାଳି ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଦୁଇଟି ୱାର୍ମ-ଅପ୍ ମ୍ୟାଚ୍ ଖେଳିସାରିଛନ୍ତି, ଦୁଇଟି ହିଁ ଡ୍ର ହୋଇଛି ଇଣ୍ଡିଆ। ଏ ବନାମ ଇଣ୍ଡିଆ। ଅନ୍ତଃଦଳୀୟ ମ୍ୟାଚ୍ ହେଉଛି ଏକମାତ୍ର ବାକି ଥିବା ମୁକାବିଲା, ଯାହା ଗମ୍ଭୀର ଏବଂ ନୂଆ ଅଧିନାୟକ ଶୁଭମନ ଗିଲଙ୍କୁ ଟେଷ୍ଟ ସିରିଜ୍ ପୂର୍ବରୁ ସେମାନଙ୍କ ସ୍ଥିତିର ଅନ୍ତିମ ମୂଲ୍ୟାଙ୍କନ ଦେବ।ତେବେ, ଏହିଆଠ ଜଣ ଖେଳାଳି ଯେଉଁମାନଙ୍କ ମଧ୍ୟରେ କେ ଏଲ ରାହୁଲ, କରୁଣ ନାୟାର, ଯଶସ୍ୱୀ ଜୟସ୍ୱାଲ ଆଦି ଅଛନ୍ତି। ଅନ୍ତଃଦଳୀୟ ମ୍ୟାଚ୍‌ରେ ଖେଳିବେ କି ନାହିଁ ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ।



## ଇଂଲଣ୍ଡର ଗୁପ୍ତ ଅସ୍ତ୍ର ରହସ୍ୟ ଖୋଲିଲା

ନୂଆଦିଲ୍ଲୀ: ଭାରତ ବିପକ୍ଷ ଶୃଙ୍ଖଳାରେ ୨୧ବର୍ଷୀୟ ଯୁବ ତାରକା ଜ୍ୟାକବ ବେଥେଲଙ୍କୁ ଇଂଲଣ୍ଡ ନିଜ ଗୁପ୍ତ ଅସ୍ତ୍ର ଭାବେ ବ୍ୟବହାର କରିବ ।ଧଳା ବଲ୍ କ୍ରିକେଟ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଥିବା ବେଥେଲ ଲାଲ୍ ବଲ୍‌ରେ ଭାରତୀୟ ବୋଲରଙ୍କୁ ଅଡୁଆରେ ପକାଇବାର ଦକ୍ଷତା ରଖନ୍ତି। ତେବେ ଇଂଲଣ୍ଡର ଏହି ଯୋଜନା ପଦାରେ ପଡ଼ିଯାଇଛି ।ବେଥେଲଙ୍କ ବିଷୟରେ ସୂଚନା ଦେବାକୁ ଯାଇ ପ୍ରଶିକ୍ଷକ ବ୍ରେଣ୍ଡନ୍ ମ୍ୟାକଲମ୍ କହିଛନ୍ତି ଯେ ୨୧ବର୍ଷୀୟ ବେଥେଲ ଆଗାମୀ ସମୟରେ ଜଣେ ଭଲ ଅଧିନାୟକ ହୋଇପାରିବେ। ଆଗାମୀ ଶୃଙ୍ଖଳାରେ ସେ ଆମ ପାଇଁ ଟ୍ରମ୍ପକାର୍ଡ ସାବ୍ୟସ୍ତ ହେବେ। ସେହିଭଳି ଜାମି ସ୍ମିଥ୍ ଓ ବେନ୍ ଡକେଟଙ୍କ ଯୋଡ଼ି ମଧ୍ୟ ଭାରତୀୟ ବ୍ୟାଟର୍‌ଙ୍କୁ ପରୀକ୍ଷାରେ ପକାଇବେ। ତିନିଜଣଯାକ ନିଭ;ୀକ କ୍ରିକେଟ୍ ଖେଳିବାରେ ବିଶ୍ୱାସ ରଖନ୍ତି ଆମ ଯୋଜନାର ସେମାନେ ଅଭିନ୍ନ ଅଙ୍ଗ।

# କରୁଣଙ୍କୁ ପ୍ରଶଂସା: ଅର୍ଶଦୀପ, ସୁଦର୍ଶନଙ୍କୁ ସ୍ୱାଗତ

ବେକେନହାମ୍, ୧୩।୬: ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ନୂଆ। ଅଧିନାୟକ ଶୁବମନ୍ ଗିଲ୍ ଇଂଲଣ୍ଡ ଗସ୍ତ ଲାଗି ଖାସ୍ ଡାକରା ପାଇଥିବା କରୁଣ ନାୟର, ଅର୍ଶଦୀପ ସିଂହ ଓ ସାଇ ସୁଦର୍ଶନଙ୍କୁ ଦଳକୁ ସ୍ୱାଗତ କରିଛନ୍ତି ଏହି ଅବସରେ ପାଖାପାଖି ୮ବର୍ଷ ପରେ ଭାରତୀୟ ଟେଷ୍ଟ୍ ଦଳକୁ ଫେରିଥିବା୍ କରୁଣଙ୍କ ଲଡୁଆ। ପ୍ରବୃତ୍ତି ଓ କେବେବି ହାର୍ ନମାନିବାର ଭାବନାକୁ ଭୂୟସୀ ପ୍ରଶଂସା କରିଛନ୍ତି ସେହିଭଳି ଅର୍ଶଦୀପ ଓ ସୁଦର୍ଶନ ଏହି ଗସ୍ତରେ ନିଜନିଜ ଛାପ ଛାଡ଼ିବେ ବୋଲି ଦୃଢ଼ ଆଶା ପୋଷଣ କରିଛନ୍ତି।

ନାୟର ଶେଷ ଥର ପାଇଁ ୨୦୧୭ ମସିହାରେ ଟେଷ୍ଟ୍ ଖେଳିଥିଲେ ତା ପରଠାରୁ କିନ୍ତୁ ଆଉ ଜାତୀୟ ଦଳରେ ସ୍ଥାନ ପାଇ ନଥିଲେ ଗତ ରଣଜୀ ଋତୁରେ କିନ୍ତୁ ଜବରଦସ୍ତ ପ୍ରଦର୍ଶନ କରିବା ପରେ ଚୟନକର୍ତ୍ତା ତାଙ୍କୁ ଇଂଲଣ୍ଡ ଗସ୍ତ ଲାଗି ଭାରତୀୟ ଦଳରେ ସାମିଲ କରିବାକୁ ବାଧ୍ୟ ହୋଇଥିଲେ ୨୦୨୪-୨୫ ରଣଜୀ ଋତୁରେ କରୁଣ ୪ଟି ଶତକ ଓ ୨ଟି ଅର୍ଦ୍ଧଶତକ ସହ ୫୩.୯୩ ହାରରେ ୮୬୩ ରନ୍ କରିଥିଲେ ନିଜର ଏହି ଫର୍ମକୁ ଆହୁରି ଆଗକୁ ନେଇ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଅନଔପଚାରିକ ଟେଷ୍ଟ୍‌ରେ ଦ୍ୱିଶତକୀୟ ପାଳି ଖେଳିଥିଲେ ଖାଲି ସେତିକି ନୁହେଁ ବିଜୟ ହଜାରେ ଟ୍ରଫିରେ ୯ ମ୍ୟାଚ୍‌ରୁ ୩୮୯.୫୦ ହାରରେ ୭୭୯ ଏବଂ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ୬ ପାଳିରୁ ୧୭୭.୦୮ ହାରରେ ୨୫୫ ରନ୍ ସଂଗ୍ରହ କରିଥିଲେ ଇଂଲଣ୍ଡ ଶୃଙ୍ଖଳାରେ ସେ କିଂବଦନ୍ତି କ୍ରିକେଟର୍ କିରାଟ କୋହଲିଙ୍କ ଚତୁର୍ଥ ସ୍ଥାନରେ ବ୍ୟାଟିଂ କରିବାର ଯଥେଷ୍ଟ ସମ୍ଭାବନା ରହିଛି



ସେହିଭଳି ଏବର୍ଷ ଆଇପିଏଲ୍‌ରେ ସର୍ବାଧିକ ରନ କରି ନାରଙ୍ଗୀ ଟୋପି ଜିତିଥିବା ଗୁଜରାଟ ଟାଇଟନ୍ସର ସୁଦର୍ଶନଙ୍କୁ ଦଳକୁ ସ୍ୱାଗତ କରି ଲାଲ୍ ବଲ୍‌ରେ ମିଳିଥିବା ସୁଯୋଗର ଭରପୂର ଲାଭ ଉଠାଇବାକୁ ଗମ୍ଭୀର ପରାମର୍ଶ ଦେଇଛନ୍ତି ଧଳାବଲ୍‌ରେ ଅର୍ଶଦୀପଙ୍କ ସଫଳତାକୁ ସଲାମ କରି ଗମ୍ଭୀର କହିଛନ୍ତି, ଅର୍ଶଦୀପ ଧଳା ବଲ୍‌ରେ ତୁମେ ବହୁତ ଭଲ ପ୍ରଦର୍ଶନ କରିଆସୁଛ। ମୁଁ ସ୍ଥିର ନିଶ୍ଚିତ ଯେ ଲାଲ୍ ବଲ୍‌ରେ ମଧ୍ୟ ତୁମେ ସେହି ସଫଳତା ଅର୍ଜନ କରିବ ଉପଅଧିନାୟକ ରଷଭ ପନ୍ତ ଏବଂ ଷ୍ଟ୍ରେନ୍ଥ ଓ କଣ୍ଡିସନିଂ ପ୍ରଶିକ୍ଷକ ଆଡ୍ରିଆନ୍ ଲେ ରକ୍ସଙ୍କୁ ଭାରତୀୟ ଦଳର ନେତୃତ୍ୱ ଗୋଷ୍ଠୀକୁ ଗମ୍ଭୀର ସ୍ୱାଗତ କରିଥିଲେ ।

ରାହୁଲଙ୍କ ସ୍ୱତନ୍ତ୍ର ବାର୍ତ୍ତାକର୍ଣ୍ଣାଟକ ରଣଜୀ ଦଳର ପୂର୍ବତନ ସାଥୀ ଖେଳାଳି କରୁଣ ନାୟରଙ୍କୁ ଭାରତୀୟ ୱିକେଟ୍ ରକ୍ଷକ ବ୍ୟାଟର୍ କେଏଲ ରାହୁଲ ୨୦ ତାରିଖରେ ଲିଡ୍‌ସଠାରେ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ୍ ପୂର୍ବରୁ ସ୍ୱତନ୍ତ୍ର ବାର୍ତ୍ତା ଦେଇଛନ୍ତି ୮ବର୍ଷ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିବା ଦ୍ୱାର ଦେଶରେ ଥିବା୍ କରୁଣଙ୍କୁ ଶୁଭକାମନା ଜଣାଇ ରାହୁଲ କହିଛନ୍ତି, ମୁଁ ତୁମକୁ ପିଲାବେଳୁ ଜାଣିଛି ଭାରତୀୟ ଦଳକୁ ଫେରିବା ଲାଗି ତୁମେ କରିଥିବା କଠିନ ପରିଶ୍ରମ କଥା ଜାଣିଛି। କାଉଣ୍ଟି କ୍ରିକେଟ୍ ଖେଳିଲା ବେଳେ ତୁମେ ଅଗଣିତ ଦିନ ଏକୁଟିଆ। କଟାଇଛି। ଏବେ ଭଗବାନ ତୁମକୁ ଆଉ ଏକ ସୁଯୋଗ ଦେଇଛନ୍ତି ତୁମେ ଏହାର ଯଥାର୍ଥ ସମ୍ମାନ ରଖିବ ବୋଲି ମୁଁ ଦୃଢ଼ ନିଶ୍ଚିତ ତୁମ ପ୍ରତ୍ୟାବର୍ତ୍ତନ ଯାତ୍ରା ଅନ୍ୟମାନଙ୍କ ପାଇଁ ସବୁବେଳେ ପ୍ରେରଣାଦାୟୀ ହୋଇ ରହିବ

ଇଂଲଣ୍ଡ ବିପକ୍ଷ ଟେଷ୍ଟ୍ ଶୃଙ୍ଖଳା ଲାଗି ଘୋଷିତ ଭାରତୀୟ ଦଳରେ ଅଛନ୍ତି ଦୁଇ ବାମହାତୀ ସ୍ପିନର କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡ଼େଜା ଉଭୟ ଗୋଟିଏ ସ୍ଥାନ ପାଇଁ ଲଢୁଥିବାରୁ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଚାରି ଦିନିଆ। ଅନ୍ତଃଦଳୀୟ ଅଭ୍ୟାସ ମ୍ୟାଚ୍‌ରେ ଭଲ କରି ପ୍ରଥମ ଟେଷ୍ଟ୍‌ର ଚୂଡ଼ାନ୍ତ ଦଳରେ ସ୍ଥାନ ପାଇବା ଲକ୍ଷ୍ୟ ରହିଛନ୍ତି ଭାରତୀୟ ଦଳ ଏହାକୁ ବନ୍ଦ ଦ୍ୱାର ଭିତରେ ଖେଳିବାକୁ ଯୋଜନା ରଖିଛି ନିଜ ରଣନୀତିକୁ ପ୍ରତିପକ୍ଷଠାରୁ ଗୋପନୀୟ ରଖିବା ଲାଗି ପ୍ରଶିକ୍ଷକ ଗେତମ ଗମ୍ଭୀର ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି ବୋଲିଂ ପ୍ରଶିକ୍ଷକ ମର୍ଣ୍ଣି ମର୍କେଲ ମଧ୍ୟ ଏହି ରଣନୀତିକୁ ପସନ୍ଦ କରିଛନ୍ତି ଏହି ଅଭ୍ୟାସ ମ୍ୟାଚ୍‌ରେ ଜଣେ ବ୍ୟାଟର୍ ଯଦି ଶସ୍ତାରେ ଆଉଟ୍ ହୋଇଯାନ୍ତି, ତାହେଲେ ତାଙ୍କୁ ଦ୍ୱିତୀୟ ସୁଯୋଗ ମିଳିବ ବୋଲି ସୂଚନା ଦେଇଛନ୍ତି। ୪ଦିନରେ ମୋଟ ୩୬୦ ଓଭର ବୋଲିଂ ହେବାର ଥିବାରୁ ଉଭୟ କୁଲଦୀପ ଓ ଜାଡ଼େଜାଙ୍କୁ ନିଜନିଜ ଫର୍ମର ଝଲକ ଦେଖାଇବାକୁ ପର୍ଯ୍ୟାପ୍ତ ସୁଯୋଗ ମିଳିବ। ଜାଡ଼େଜା ବ୍ୟାଟିଂରେ କୁଲଦୀପଙ୍କଠାରୁ ଯଥେଷ୍ଟ ଆଗୁଆ। ଥିବାରୁ ଏହା ହୁଏତ ତାଙ୍କ ସପକ୍ଷରେ ଯାଇପାରେ। ତେବେ ଇଂଲଣ୍ଡ ମାଟିରେ କୁଲଦୀପଙ୍କ ବିବିଧତା ଦଳକୁ ଅଧିକ ଫାଇଦାରେ ରଖିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି।

# ଏକାଧିକ ବିଶ୍ୱ ରେକର୍ଡ ଭାଙ୍ଗିଲେ ଆଲେନ

ୱାଶିଂଟନ, ୧୩।୬: ନ୍ୟୁଜିଲାଣ୍ଡର ଆକ୍ରମଣାତ୍ମକ ବ୍ୟାଟସମ୍ୟାନ ଫିନ ଆଲେନ ମେଜର ଲିଗ କ୍ରିକେଟ ୨୦୨୫ର ଉଦ୍‌ଘାଟନୀ ମ୍ୟାଚରେ ଏକାଧିକ ରେକର୍ଡ ଭାଙ୍ଗିଛନ୍ତି । ଯୁକ୍ତରାଷ୍ଟ୍ରରେ ଆୟୋଜିତ ଏକ ଫ୍ରାଞ୍ଚାଇଜି-ଆଧାରିତ ଟି୨୦ ପ୍ରତିଯୋଗିତା। ଶୁକ୍ରବାର ଓକଲାଣ୍ଡ କୋଲିଜିୟମରେ ସାନ ଫ୍ରାନସିସ୍କୋ ୟୁନିକର୍ନସ ପାଇଁ ।ଶିଂଟନ ଫ୍ରିଡମ ବିପକ୍ଷରେ ଖେଳୁଥିବା ଆଲେନ ପ୍ରଚଣ୍ଡ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ମାତ୍ର ୫୧ ବଲରେ ୧୫୧ ରନ ସଂଗ୍ରହ କରିଥିଲେ। ତାଙ୍କ ଇନିଂସର ଷ୍ଟ୍ରାଇକ ରେଟ୍ ୨୯୬ରୁ ଅଧିକ ଥିଲା। ଏହି ବ୍ୟାଟସମ୍ୟାନ ୫ଟି ଚୌକା ଓ ୧୯ଟି ଛକା ମାରିଥିଲେ, ଯାହା ।ଶିଂଟନ ଫ୍ରିଡମର ବୋଲରମାନଙ୍କ ପାଇଁ ଏକ ଦୁଃସ୍ୱପ୍ନ ସଦୃଶ ଥିଲା

ଏହି ଇନିଂସ ସମୟରେ, ଆଲେନ ଟି୨୦ କ୍ରିକେଟରେ ଦ୍ରୁତତମ ୧୫୦ ରନର ରେକର୍ଡ ଭାଙ୍ଗିଥିଲେ। ସେ ୪୯ ବଲରେ ଏହି ମାଇଲଷ୍ଟୋନ ହାସଲ କରିଥିଲେ ଡାହାଣ ହାତ ବ୍ୟାଟସମ୍ୟାନ ଆଲେନ ୩୪ ବଲରେ ଶତକ ହାସଲ କରିଥିଲେ, ଯାହା ନ୍ୟୁଜିଲାଣ୍ଡ ବ୍ୟାଟସମ୍ୟାନଙ୍କ ମଧ୍ୟରେ ଦ୍ରୁତତମ ଟି୨୦ ଶତକ ଏବଂ ଟୁର୍ନାମେଣ୍ଟ ଇତିହାସରେ ମଧ୍ୟ ସବୁଠାରୁ ଦ୍ରୁତ ଥିଲା।

ଆଲେନ ମଧ୍ୟ କ୍ରିସ ଗେଲ ଏବଂ ଏଷ୍ଟୋନିଆର ସାହିଲ ଚୌହାନଙ୍କ ରେକର୍ଡ ଭାଙ୍ଗିଛନ୍ତି, ପୁରୁଷ ଟି୨୦ ଇନିଂସରେ ସର୍ବାଧିକ ଛକା ମାରି ଗେଲ ଏବଂ ଚୌହାନ ପ୍ରତ୍ୟେକେ ୧୮ଟି ଛକା ମାରିଥିବା ବେଳେ, ଆଲେନ ୧୯ଟି ଛକା ମାରି ଉଭୟଙ୍କୁ ଅତିକ୍ରମ କରିଛନ୍ତି।

ଏହା ରୋମାଞ୍ଚକର ଥିଲା (ଏମଏଲସି ଇତିହାସରେ ଦ୍ରୁତତମ ଶତକ ହାସଲ କରି), ଭଲ ଆରମ୍ଭ ହୋଇଥିଲା, ନିୟମିତ ଭାବେ ବାଉଣ୍ଡେରୀ ପାଇଥିଲୁ, ଆମେ କିଛି ଭାଗିଦାରୀ କରିଥିଲୁ ଏବଂ ବୋର୍ଡରେ ଏକ ଭଲ ସ୍କୋର ରଖିଥିଲୁ ବାଉଣ୍ଡେରୀଗୁଡ଼ିକ ବେଶ ଭଲ ଥିଲା, ନିଜର ପ୍ରଚଣ୍ଡ ଇନିଂସ ପରେ ଫିନ ଆଲେନ କହିଛନ୍ତି



ମଜାର କଥା, ମାତ୍ର ଛଅ ମାସ ପୂର୍ବେ, ଆଲେନ ଇଣ୍ଡିଆନ ପ୍ରିମିୟର ଲିଗ ନିଲାମ ଟେବୁଲରେ କୌଣସି କ୍ରେତା ପାଇନଥିଲେ ୨ କୋଟି ଟଙ୍କାର ମୂଳ ମୂଲ୍ୟ ସହିତ, ନ୍ୟୁଜିଲାଣ୍ଡ ବ୍ୟାଟସମ୍ୟାନ ଗତ ବର୍ଷ ନଭେମ୍ବରରେ ଅନୁଷ୍ଠିତ ଆଇପିଏଲ ୨୦୨୫ ନିଲାମରେ ବିକ୍ରି ହୋଇନଥିଲେ। ଚସେହି ନିଲାମରେ, ଭାରତୀୟ କେଟକିପର-ବ୍ୟାଟସମ୍ୟାନ ରଷଭ ପନ୍ତ ଟୁର୍ନାମେଣ୍ଟ ଇତିହାସରେ ସବୁଠାରୁ ମୂଲ୍ୟବାନ ଖେଳାଳି ହୋଇଥିଲେ ତାଙ୍କୁ ଲକ୍ଷ୍ନୌ ସୁପର ଜାଏଣ୍ଟସ ୨୭ କୋଟି ଟଙ୍କାରେ କିଣିଥିଲା ତାଙ୍କ ପଛରେ ଶ୍ରେୟସ ଆୟାର ଥିଲେ, ଯିଏଙ୍କୁ ପଞ୍ଜାବ କିଙ୍ଗସ ୨୬.୭୫ କୋଟି ଟଙ୍କାରେ କିଣିଥିଲା ନିଲାମ ଯୁଦ୍ଧରେ ଭେଙ୍କଟେଶ ଆୟାରଙ୍କୁ କୋଲକାତା ନାଇଟ ରାଇଡର୍ସ ୨୩.୭୫ କୋଟି ଟଙ୍କାରେ ଧରି ରଖିଥିଲା

## ଏଆଇରେ ଯାତ୍ରା କରିବେନି ୱାର୍ନର

ନୂଆଦିଲ୍ଲୀ, ୧୩।୬: ଅଷ୍ଟ୍ରେଲିୟ କ୍ରିକେଟର ଡେଭିଡ ୱାର୍ନର ଭାରତକୁ ଭଲ ପାଆନ୍ତି କିନ୍ତୁ ଗୁରୁବାର ଘଟିଥିବା ଏୟାର ଇଣ୍ଡିଆ। ବିମାନ ଦୁର୍ଘଟଣାରେ ସେ ବେଶ ମର୍ମାହତ ହୋଇଛନ୍ତି ।ଏହି ଘଟଣା ପରେ ସେ ଏକ ବଡ଼ ନିଷ୍ପତ୍ତି ନେଉଛନ୍ତି ସେଇଟି ହେଲା ସେ ଆଉ କେବେ ଏହି ବିମାନରେ ଯାତ୍ରା କରିବେ ନାହିଁ। ଜୁନ ୧୨ରେ ଅହମ୍ମଦାବାଦରେ ଘଟିଥିବା ହୃଦୟବିଦାରକ ଘଟଣା ନୁହେଁ, ବରଂ ଏହା ପଛରେ ଥିବା ବାସ୍ତବତା ମଧ୍ୟ ତାଙ୍କୁ ଏହି ନିଷ୍ପତ୍ତି ନେବାକୁ ବାଧ୍ୟ କରିଛି ବୋଲି ୱାର୍ନର କହିଛନ୍ତି ୱାର୍ନର ନିଜେ ତାଙ୍କ ଇନଷ୍ଟା ଷ୍ଟୋରୀରେ ଏହି ସମସ୍ତ କଥା ଉଲ୍ଲେଖ କରିଛନ୍ତିଫ

ଅଷ୍ଟ୍ରେଲିଆର ପୂର୍ବତନ ବାମହାତୀ ଓପନର ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ଅହମ୍ମଦାବାଦ ବିମାନ ଦୁର୍ଘଟଣା ଉପରେ ପ୍ରତିକ୍ରିୟା ଦେଇଛନ୍ତି ପ୍ରଥମେ ସେ ସମଗ୍ର ଘଟଣାକୁ ଦୁଃଖଦ କହିଛନ୍ତି ।ତାପରେ ସେ କହିଛନ୍ତି ଯେ ତାଙ୍କର ଉଦ୍ଦେଶ୍ୟ ଥିଲା ସମଗ୍ର ପରିବାର ସହ ଏୟାର ଇଣ୍ଡିଆରେ ଯାତ୍ରା କରିବାକୁ କିନ୍ତୁ ଏବେ ନୁହେଁ ସେ କହିଛନ୍ତି ଯେ ସେ ଆଉ କେବେ ଏୟାର ଇଣ୍ଡିଆରେ ଯାତ୍ରା କରିବେ ନାହିଁ। ଏହି ବୟାନର କାରଣ ହେଉଛି ।ଏୟାର ଇଣ୍ଡିଆର ପୂର୍ବତନ କ୍ରୁ ସଦସ୍ୟଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ, ଯେଉଁଥିରେ ସେ ତ୍ରୁଟିପୂର୍ଣ୍ଣ ବିମାନର ନିରନ୍ତର ବ୍ୟବହାର ବିଷୟରେ ଉଲ୍ଲେଖ କରିଥିେ। ୱାର୍ନର ଆଉ ଏକ ଷ୍ଟୋରୀ ପୋଷ୍ଟ କରିଛନ୍ତି, ଯେଉଁଥିରେ ସେ କହିଛନ୍ତି ଯେ ଆଉ ଏକ ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ନିରୀହ ଲୋକଙ୍କ ଜୀବନ ସହିତ ଏହିପରି ଖେଳି ଲାଭ ଅର୍ଜନ କରିବା ଅତ୍ୟନ୍ତ ଲଜ୍ଜାଜନକ।

# ତୃଣମୂଳରୁ ଅଲିମ୍ପିଆନ୍ ସୃଷ୍ଟି ପାଇଁ ଭିତ୍ତିଭୂମି ବିକାଶ

ଭୁବନେଶ୍ୱର, ୧୩।୬ ଓଡ଼ିଶା କ୍ରୀଡ଼ା ଜଗତରେ ଏକ ନୂତନ ଅଧ୍ୟାୟର ପ୍ରାରମ୍ଭ ହୋଇଛି। ରାଜ୍ୟର ପ୍ରତ୍ୟେକ ବ୍ଲକ୍‌ରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ବିକଶିତ କରାଯିବ, ଯାହା ଯୁବପିଢ଼ିଙ୍କୁ ସଶକ୍ତ କରିବ ଏବଂ ଭବିଷ୍ୟତର କ୍ରୀଡ଼ାବିତ ପ୍ରୋତ୍ସାହିତ କରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନରେ ରାଜ୍ୟରେ କ୍ରୀଡାର ସଂସ୍କୃତିକୁ ବିକାଶ କରାଯିବ ଗ୍ରାମାଞ୍ଚଳର ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ କରାଯିବ ଏବଂ ସେମାନଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସଫଳତା ପାଇବା ପାଇଁ ପ୍ରସ୍ତୁତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। କ୍ରୀଡ଼ା କେବଳ ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହିତ କରେ ନାହିଁ, ବରଂ ସମ୍ପର୍କକୁ ମଜବୁତ କରେ ଏବଂ ଏକତାକୁ ପ୍ରୋତ୍ସାହିତ କରେ ଯାହା ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସାରକୁ ପ୍ରତିଫଳିତ କରେ ରାଜ୍ୟର ପ୍ରତ୍ୟେକ କୋଣରେ କ୍ରୀଡ଼ାକୁ ପହଞ୍ଚାଇବା ଲକ୍ଷ୍ୟ ନେଇ, ଓଡ଼ିଶା ସରକାର ଏକ ସୁବିଧାଜନକ ପରିଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି ପରିଯୋଜନା ଦ୍ୱାରା ଯୁବ ଖେଳାଳିମାନେ ନିଜ ଅଞ୍ଚଳ ମଧ୍ୟରେ ଗୁଣାତ୍ମକ କ୍ରୀଡ଼ା ଭିତ୍ତିଭୂମି ଏବଂ ତାଲିମ ପାଇପାରିବେ। ଏହା ସେମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ଥିବା ଭବିଷ୍ୟତର ଲକ୍ଷ୍ୟକୁ ସଫଳ ହେବାରେ ସାହାଯ୍ୟ କରିପାରିବ ଆଞ୍ଚଳିକ ସ୍ତରରେ ଥିବା ଖେଳାଳିମାନଙ୍କୁ ଏହା ପ୍ରୋତ୍ସାହିତ କରିବା ସହ ଏକ କ୍ରୀଡ଼ା ପରିବେଶ ସୃଷ୍ଟି କରିବ ଏବଂ ସେମାନେ ନିଜ ଅଞ୍ଚଳରେ ନିଜର ସ୍ୱପ୍ନ ପୂରଣ କରିପାରିବେ। ଯେକୌଣସି ଭୌଗୋଳିକ ସ୍ଥିତି ତଥା ପରିବେଶର ନିର୍ବିଶେଷରେ ରାଜ୍ୟ ସରକାରଙ୍କ ଏହି ଉଦ୍ୟମ ବାସ୍ତବରେ କ୍ରୀଡ଼ା କ୍ଷେତ୍ରକୁ ସଫଳ ସାବ୍ୟସ୍ତ କରିପାରିଛି।

କ୍ରୀଡ଼ାର ବିକାଶ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି କେବଳ ଯେ ରାଜଧାନୀ ଏବଂ ପ୍ରମୁଖ ସହରଗୁଡ଼ିକରେ ସୀମିତ ହୋଇ ରହିବ ତାହା ନୁହେଁ, ବରଂ ଏହା ଯେପରି ବ୍ଲକ୍‌ସ୍ତରରେ ପହଞ୍ଚିପାରିବ, ଓଡ଼ିଶାର ପ୍ରତିଟି ଗାଁରେ ଯେପରି କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ, ସେହି ସ୍ୱପ୍ନକୁ ସାକାର କରିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ଓଡ଼ିଶାରେ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମି ଏବଂ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ଓଡ଼ିଶାର ୩୧୪ଗୋଟି ବ୍ଲକ୍‌ରେ ବ୍ଲକସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ କରାଯିବ। ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ୍ କ୍ରୀଡ଼ା ପ୍ରତିଭାଙ୍କ ପାଇଁ ଏକ କ୍ରୀଡ଼ା ନର୍ସରୀ ଭାବେ କାର୍ଯ୍ୟ କରିବ ସମଗ୍ର ଓଡ଼ିଶାରେ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ୪୧୨୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।ପ୍ରତିଟି ଷ୍ଟାଡିୟମ୍ ୧୦ ଏକର ପରିମିତ ଅଞ୍ଚଳରେ ନିର୍ମାଣ କରାଯିବ। ଷ୍ଟାଡିୟମ୍‌ରେ ଫୁଟ୍‌ବଲ୍, କ୍ରିକେଟ୍ ପଡ଼ିଆ, ଦୌଡ଼କୁଦ ଟ୍ରାକ୍, ଥ୍ରୋ ଏରିଆ।, ଜମ୍ପ ଏରିଆ।, ଭଲିବଲ୍ କୋର୍ଟ ଆଦିର ନିର୍ମାଣ କରାଯିବ। ଏଥିସହିତ ବିଭିନ୍ନ ସ୍ୱଦେଶୀ ବା ଆଞ୍ଚଳିକ କ୍ରୀଡ଼ା ଯଥା ଖୋଖୋ, କବାଡ଼ି ଆଦି ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ସହିତ ସ୍ଥାନୀୟ କ୍ରୀଡ଼ା ସଂସ୍କୃତିକୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ। ଷ୍ଟାଡିୟମ୍‌ରେ ଇନ୍‌ଡୋର୍ ହଲ୍ ମଧ୍ୟ ନିର୍ମାଣ କରାଯିବ। ଇନ୍‌ଡୋର୍ ହଲ୍‌ରେ ବ୍ୟାଡ୍‌ମିଣ୍ଟନ୍ କୋର୍ଟ, ଟେବୁଲ ଟେନିସ, ଜିମ୍ନାଷ୍ଟିକ୍ସ, ଭାରୋତ୍ତୋଳନ ଆଦି କ୍ରୀଡ଼ା ନିମନ୍ତେ ଆବଶ୍ୟକୀୟ ଭିତ୍ତିଭୂମି ପ୍ରଦାନ କରାଯିବ ଏହାର ରକ୍ଷଣାବେକ୍ଷଣ ଉପରେ ବିଶେଷ ଭାବରେ ଗୁରୁତ୍ୱ ଦିଆଯିବା ସହିତ କ୍ରୀଡ଼ାବିତ୍‌ଙ୍କ ଉତ୍ତମ ପ୍ରଶିକ୍ଷଣ ପାଇଁ ଷ୍ଟାଡିୟମ୍‌ରେ ପ୍ରଶିକ୍ଷକଙ୍କୁ ନିଯୁକ୍ତ କରାଯିବ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ